
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-73 ♦SUNDAY ♦6 SEPTEMBER 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୭୩ ♦ରବିବାର ♦୬ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


# ନିର୍ବାଚନ ନ ଲଢ଼ି ଶହ ଶହ କୋଟିର ଚାନ୍ଦା

## ଗୋଟିଏ ବର୍ଷରେ ୬ଟି ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କୁ ମିଳିଛି ୧୭୦୦ କୋଟି ଟଙ୍କା

■ ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଭାରତରେ ଏମିତି ବି ରାଜନୈତିକ ଦଳ ଅଛନ୍ତି, ଯେଉଁମାନଙ୍କୁ ସ୍ୱୀକୃତି ମିଳିନାହିଁ, କିନ୍ତୁ ସେମାନଙ୍କୁ ମିଳୁଛି ଶହ ଶହ କୋଟିର ଚାନ୍ଦା। ଅନେକ ଦଳର ଅଫିସ ନାହିଁ। ଯେଉଁଠି ଅଫିସ ଅଛି, ସେଠି କର୍ମକର୍ତ୍ତା ନାହାନ୍ତି। ଗୁଜରାଟରେ ଏଭଳି ୬ଟି ରାଜନୈତିକ ଦଳ ଅଛନ୍ତି, ଯେଉଁମାନଙ୍କୁ ସ୍ୱୀକୃତି ମିଳିନାହିଁ। କିନ୍ତୁ ୨୦୨୩-୨୪ ଆର୍ଥିକ ବର୍ଷରେ ସେମାନଙ୍କୁ ମିଳିଛି ୧୭୦୦ କୋଟି ୭୮ ଲକ୍ଷ ଟଙ୍କା। ଏହି ଆର୍ଥିକ ବର୍ଷରେ କଂଗ୍ରେସ, ସିପିଏମ୍, ଆପ୍, ବିଏସପି ଏବଂ ନେସନାଲ ପିପୁଲ୍ସ ପାର୍ଟି ଭଳି ଜାତୀୟ ରାଜନୈତିକ ଦଳ ଯେତେ ଚାନ୍ଦା ପାଇଛନ୍ତି ସେମାନଙ୍କ ଠାରୁ ଏହି ୬ଟି ଅଣସ୍ୱୀକୃତିପ୍ରାପ୍ତ ଦଳ ୨୦୦ କୋଟି ଟଙ୍କା ଅଧିକ ପାଇଛନ୍ତି। ସଂପୃକ୍ତ ୫ଟି ଜାତୀୟ ରାଜନୈତିକ ଦଳ ଏହି ବର୍ଷ ଚାନ୍ଦା ଆକାରରେ ପାଇଥିଲେ ୧୪୮୦ କୋଟି ଟଙ୍କା। ଏହାଠାରୁ ଆହୁରି

### କଂଗ୍ରେସ ସମେତ ୫ଟି ଜାତୀୟ ପାର୍ଟିର ଆୟଠାରୁ ୨୦୦ କୋଟି ଅଧିକ

### ସମସ୍ତ ଦଳ ଗୁଜରାଟରେ ପଞ୍ଜିକୃତ, ଅଫିସ ନାହିଁ, କର୍ମକର୍ତ୍ତା ନିଖୋଜ

ବିସ୍ଫୋରକ ତଥ୍ୟ ହେଉଛି ଯେ ୨୦୨୨-୨୩ ତୁଳନାରେ ୨୦୨୪ରେ ଏହି ୬ଟି ଦଳଙ୍କୁ ମିଳିଛି ୨୨୩ ପ୍ରତିଶତ ଅଧିକ ଚାନ୍ଦା। ୨୦୨୪ ଲୋକସଭା ନିର୍ବାଚନରେ ଏମାନେ ମାତ୍ର ୧୫ ଜଣ ପ୍ରାର୍ଥୀ ଦେଇଥିବା ବେଳେ ଏଭଳି ଦଳକୁ କିଏ ଓ କାହିଁକି ଶହ ଶହ କୋଟି ଟଙ୍କାର ଚାନ୍ଦା ଦେଇଛି, ତାହାକୁ ନେଇ ପ୍ରଶ୍ନ ଉଠିଲାଣି। ସୁପ୍ରିମ କୋର୍ଟ ନିଜ ଆଡୁ ଏହାର ତଦାରଖ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଲାଣି।

ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ଏଭଳି ବିସ୍ଫୋରକ ତଥ୍ୟ ପ୍ରଦାନ କରାଯାଇଛି। ଏଡିଆର ରିପୋର୍ଟ ଅନୁଯାୟୀ ୨୦୧୯ରୁ ୨୦୨୪ ମଧ୍ୟରେ ଏହି ୬ଟି ଦଳର ଆୟ ୨୩୧୬ କୋଟି ଟଙ୍କା। ଏହି ୬ଟି ଦଳ ମଧ୍ୟରୁ ୪ଟି ଦଳର ଅଫିସ ଅହମଦାବାଦରେ ଥିବା ବେଳେ ଅନ୍ୟ ଦୁଇଟିର ଅଫିସ ଗୁଜରାଟର ଅନ୍ୟ ସ୍ଥାନରେ ରହିଥିବା ଦର୍ଶାଯାଇଛି। ଏହି ୬ଟି ଦଳ ମଧ୍ୟରୁ ସର୍ବାଧିକ ଚାନ୍ଦା ପାଇଛି ଆମ୍ ଜନମତ ପାର୍ଟି। ୨୦୨୨-୨୩ରେ ଏହାକୁ ୨୧୬ କୋଟି ଟଙ୍କା ମିଳିଥିବା ବେଳେ ୨୦୨୩-୨୪ରେ ମିଳିଛି ୬୨୦ କୋଟି ଟଙ୍କା। ୨୦୨୪ ଲୋକସଭା ନିର୍ବାଚନରେ ଏହା ମାତ୍ର ଜଣେ ପ୍ରାର୍ଥୀ ଦେଇଥିଲା। ୨୦୨୦ରେ ପାଟନାର ଅନାମିକା ପାଶ୍ୱାନ ନାମକ ଜଣେ ନାରୀ ନେତ୍ରୀ ସଭାପତି ଥାଇ ଏହି ପାର୍ଟି ପ୍ରତିଷ୍ଠା ହୋଇଥିଲା। ଅନାମିକା ଏବେ ବିହାର ▶ପୃଷ୍ଠା-୭

## ସରକାରଙ୍କୁ ନବୀନଙ୍କ ସିଧା ପ୍ରଶ୍ନ

# ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେବେ ?



■ ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ପୁଲିସ ଏସ୍ଆଇ(ସବ୍-ଇନ୍ସପେକ୍ଟର) ନିଯୁକ୍ତି କେଳେଙ୍କାରୀକୁ ପ୍ରାୟ ଏକ ବର୍ଷ ପୂରିବାକୁ ବସିଲାଣି। ମାତ୍ର ଏତେବଡ଼ କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଏଯାବତ୍ ଗିରଫ କରିପାରିଲା ନାହିଁ। ଏପଟେ ରାଜ୍ୟ ସରକାର ଉକ୍ତ ଏସଆଇ ପରୀକ୍ଷାକୁ ଏପର୍ଯ୍ୟନ୍ତ କରାଇ ପାରିଲେ ନାହିଁ। ଯାହାକୁ ନେଇ ଆଶାୟୀ ଅସନ୍ତୋଷ ଏବଂ ନିରାଶା ମଧ୍ୟରେ ଥିବାବେଳେ ଏନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ପାଇଁ ୨୦୨୫ରେ ବାତିଲ ହୋଇଥିବା 'କମ୍ବାଇନ୍ଡ ପୁଲିସ ସର୍ଭିସ୍ ପରୀକ୍ଷା' କେବେ ହେବ? ଏବଂ ପ୍ରଶ୍ନପତ୍ର ବିକ୍ରି ଓ ଲିକ୍ ରାକେଟ୍‌ରେ ସମ୍ପୃକ୍ତ ଦୋଷୀମାନଙ୍କୁ କେବେ କଠୋର ଦଣ୍ଡ ମିଳିବ ବୋଲି ସରକାରଙ୍କୁ ସିଧାସଳଖ ପ୍ରଶ୍ନ କରିଛନ୍ତି ନବୀନ। ଅନ୍ୟପକ୍ଷରେ ନବୀନ କହିଛନ୍ତି ଯେ, ଓଡ଼ିଶାବାସୀ ବିଜେପି ସରକାରର ମିଛ ଭାଷଣ ଶୁଣିବାକୁ ଆଉ ଚାହୁଁ ନାହାନ୍ତି। ପ୍ରତାରଣାର ଉଚିତ ଜବାବ ଦେବାକୁ ଜନସାଧାରଣ ପ୍ରସ୍ତୁତ ହେଉଛନ୍ତି ବୋଲି ନବୀନ ସତର୍କ କରାଇ ଦେଇଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଗୋଟିଏ ପଟେ ସବ୍-ଇନ୍ସପେକ୍ଟର୍ ବ୍ୟାଚ୍ ପ୍ରଶିକ୍ଷଣ ଶେଷ କରି ନିଯୁକ୍ତି ପାଉଥିବା ବେଳେ, ଅନ୍ୟପଟେ ହଜାର ହଜାର ଆଶାୟୀ ପେପର୍ ଲିକ୍ ଯୋଗୁଁ ଏବେ ବି ଅନିଶ୍ଚିତତାରେ। ଶୁକ୍ରବାର ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଅନୁଷ୍ଠିତ ▶ପୃଷ୍ଠା-୭

**"ପ୍ରଶ୍ନପତ୍ର ଲିକ୍ ରାକେଟରେ ସଂପୃକ୍ତ ଦୋଷୀଙ୍କୁ କେବେ ମିଳିବ ଶାସ୍ତି**

**ଡବଲ୍ ଇଞ୍ଜିନ୍ ସରକାରର ଅପାରଗତା ଓଡ଼ିଶାର ଯୁବ ସମାଜକୁ ହତାଶ କରିଛି**

**ମିଛ ଭାଷଣ ଓ ପ୍ରତାରଣାର ଜବାବ ଦେବାକୁ ପ୍ରସ୍ତୁତ ହେଲେଣି ରାଜ୍ୟବାସୀ**

## ଧାର୍ଯ୍ୟ ହେଲା ଲଗ୍ନ

# ୧୫ରେ ନୂଆଁଖାଇ

■ ସମ୍ବଲପୁର, ୫।୯ (ସମିସ): ଆସନ୍ତା ଇଂରାଜୀ ତାରିଖ ୧୫-୦୯-୨୦୨୬, ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଦିନ ପୂର୍ବାହ୍ଣ ୯ଟା ୪୦ମିନିଟ ରୁ ୯ ଟା ୫୪ ମିନିଟ୍ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଖାଇବେ। ଏହି କ୍ରମରେ ଶନିବାର ଅପରାହ୍ନରେ, ନନ୍ଦୋତ୍ସବ ▶ପୃଷ୍ଠା-୭

# ଗୁରୁ ଗର୍ଜନ ପରେ ନଇଁଲେ ସରକାର ▶ ୨୧ ଦିନ ପରେ ଆନ୍ଦୋଳନ ସ୍ଥଗିତ



■ ଭୁବନେଶ୍ୱର, ୫।୯ (ସମିସ): ବିଦ୍ୟାଳୟରେ ଶିକ୍ଷାଦାନ ଛାଡ଼ି ଦୀର୍ଘ ୨୧ ଦିନ ଧରି ନିଜର ହକ୍ ପାଇଁ ଶିକ୍ଷକମାନେ ରାଜରାସ୍ତାରେ ବସିବା ପରେ ସରକାର ପ୍ରତିଶ୍ରୁତି ଦେଲେ। ତେବେ ଶନିବାର ଧାରଣାସ୍ଥଳରେ ଦୁଇ ମନ୍ତ୍ରୀ ଦାବି ପୂରଣ ନେଇ ଦେଇଥିବା ପ୍ରତିଶ୍ରୁତିକୁ ଭରସା କରିପାରିନି ସଂଘ। ଦାବି ପୂରଣ ପାଇଁ ସରକାରଙ୍କୁ ୧୫ଦିନର ମହଲତ ଦେଇ ସଂଘ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖିଛି।

**ଦାବି ପୂରଣ ପାଇଁ ୨ ମନ୍ତ୍ରୀଙ୍କ ପ୍ରତିଶ୍ରୁତି**

**ଭରସା ପାଉନି; ୧୫ ଦିନର ମହଲତ ଦେଲା ସଂଘ**

ଦୀର୍ଘଦିନ ଧରି ରାଜଧାନୀରେ ଆନ୍ଦୋଳନ ସତ୍ତ୍ୱେ ସରକାର ସେମାନଙ୍କ ଦାବି ନ ଶୁଣିବାରୁ ଆଜି ପବିତ୍ର ଗୁରୁଦିବସରେ ମଧ୍ୟ ରାଜରାସ୍ତାରେ ଶିକ୍ଷକମାନେ ଗୁରୁପୂଜା କରିଥିଲେ। ▶ପୃଷ୍ଠା-୭

# ମାର୍ଚ୍ଚ ଶେଷରେ ପଞ୍ଚାୟତ ନିର୍ବାଚନ !

## ପଞ୍ଚାୟତ ନିର୍ବାଚନର ଏକ ମାସ ମଧ୍ୟରେ ପୌର ନିର୍ବାଚନ

■ ଭୁବନେଶ୍ୱର, ୫।୯ (ସମିସ): ଆସନ୍ତା ମାର୍ଚ୍ଚ ମାସ ଶେଷ ଆଡ଼କୁ କିମ୍ବା ଏପ୍ରିଲ ପ୍ରଥମାର୍ଦ୍ଧରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏକ ଘରୋଇ ଗଣମାଧ୍ୟମକୁ ଏଭଳି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢ଼ୀ। ପଞ୍ଚାୟତ ନିର୍ବାଚନ ସମାପ୍ତ ହେବାର ୧୫ରୁ ଏକ ମାସ ମଧ୍ୟରେ ପୌର ନିର୍ବାଚନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ଫେବ୍ରୁଆରୀରୁ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ମାର୍ଚ୍ଚ ୫ ତାରିଖ ସୁଦ୍ଧା ସରିବ। ୫ ତାରିଖ ପରେ ପଞ୍ଚାୟତ ନିର୍ବାଚନ ପାଇଁ ବିଧିବଦ୍ଧ ଭାବରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ପ୍ରଥମାର୍ଦ୍ଧରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ମୋଟ ୫ଟି ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହେବ। ରାଜ୍ୟର ପ୍ରାୟ ୯୧ ହଜାର ବୁଥରେ ନିର୍ବାଚନ ହେବାକୁ ଥିବାବେଳେ ▶ପୃଷ୍ଠା-୭

# ୯ରୁ ଉତ୍ତର ଓଡ଼ିଶାରେ ବର୍ଷା

■ ଭୁବନେଶ୍ୱର, ୫।୯ (ସମିସ): ଆସନ୍ତା ୯ ତାରିଖରୁ ଉତ୍ତର ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ପ୍ରକୋପ ବଢ଼ିପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ୯ ତାରିଖରେ ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧାରେ ମଧ୍ୟ ୩୦ରୁ ୪୦ କିଲୋମିଟର ▶ପୃଷ୍ଠା-୭

## ଓଲଟ ପାଲଟ



ରାଜ ରାସ୍ତାରେ ଖାଲ ଖମା ଭର୍ତ୍ତି
ଶିଳ୍ପ କରେ ପ୍ରଦୂଷଣ,
ଥାନାର ପୋଲିସ ଟ୍ରାଫିକ ଛକରେ
କାଟୁଛି ଆସି ଚାଲାଣ !
ଗାଡିବାଲା ହଇରାଣ,
ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଲେ
ଟାର୍ଗେଟ ହେବ ପୂରଣ !
ଅଯଥା ଦେଖାନ୍ତି ଟାଣ !!
-ଯାଯାବର

## ବାଟ ହୁଡ଼ିଛି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଏସ୍ଏସ୍ବି

# ୩ ବର୍ଷ ହେଲା ଗଠନ ହେଉନି ସ୍ଥାୟୀ ବୋର୍ଡ

■ ଭୁବନେଶ୍ୱର, ୫।୯ (ସମିସ): ଅଧ୍ୟାପକ ଓ ଶିକ୍ଷକ ନିଯୁକ୍ତି ପାଇଁ ଗଠନ ହୋଇଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ଏବେ ବାଟ ହୁଡ଼ିଛି। ନିଯୁକ୍ତି ଦେଉଥିବା ଏହି ସଂସ୍ଥାରେ ଅର୍ଦ୍ଧାଧିକ ପଦ ଖାଲି ପଡ଼ିଛି। ଏପରିକି ସମସ୍ତ ନିଷ୍ପତ୍ତି ନେବାକୁ କ୍ଷମତାପ୍ରାପ୍ତ ବୋର୍ଡରେ ଦୀର୍ଘ ସାଢ଼େ ୩ ବର୍ଷ ହେଲା ନିୟମିତ ସଦସ୍ୟ ନାହାନ୍ତି। ୨୦୨୪ ଅଗଷ୍ଟରୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏହାର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବାବେଳେ କେବଳ ଜଣେ ସମ୍ପାଦକ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଫଳରେ ଦୀର୍ଘ ବର୍ଷ ହେଲା ଏସ୍ଏସ୍ବି ପରି ଗୁରୁତ୍ୱପୂର୍ଣ୍ଣ ଓ ସ୍ୱତନ୍ତ୍ର ସଂସ୍ଥାରେ ସ୍ଥାୟୀ ବୋର୍ଡ ଗଠନ ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ**

**ଶିକ୍ଷାବିତ୍‌ଙ୍କ ବଦଳରେ ଅଧିକାରୀଙ୍କୁ ଥଇଥାନ**

**ଅଧ୍ୟାପକ-ଶିକ୍ଷକ ନିଯୁକ୍ତି ପରୀକ୍ଷା ମନ୍ଥର; ଆଶାୟୀଙ୍କ ଅସନ୍ତୋଷ**

ଏସ୍ଏସ୍ବି ବୋର୍ଡର ସ୍ଥାୟୀ ଅଧ୍ୟକ୍ଷ ଭାବେ ପ୍ରଫେସର ଦକ୍ଷ ପ୍ରସାଦ ନନ୍ଦ ୨୦୨୩ ମାର୍ଚ୍ଚରେ ଅବସର ନେଇଥିଲେ। ଏହାପରେ ପ୍ରଫେସର ଗଙ୍ଗାଧର ନାୟକ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ୨୦୨୪ ଜୁଲାଇ ଯାଏଁ ଦାୟିତ୍ୱ ତୁଲାଇବା ପରେ ଅଗଷ୍ଟରୁ ଏବେଯାଏଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ସହ ଦୁଇଜଣ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀଙ୍କୁ ଉପାଧ୍ୟକ୍ଷ ଓ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପରୀକ୍ଷା ପରିଚାଳନା ସମ୍ପର୍କିତ ନିଷ୍ପତ୍ତି ସାଙ୍ଗକୁ ପରୀକ୍ଷା ଫି' ଧାର୍ଯ୍ୟ କରିବା, ଅନ୍‌ଲାଇନ୍ ବା ଅଫ୍‌ଲାଇନ୍ ପରୀକ୍ଷା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ଓ ଗୋପନୀୟ କାର୍ଯ୍ୟ ସମ୍ପର୍କରେ ବୋର୍ଡ ଚୁଡ଼ାନ୍ତ ନିଷ୍ପତ୍ତି ▶ପୃଷ୍ଠା-୭

## ଏଫ୍‌ସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗ

# ଯୋଗାଣ ମନ୍ତ୍ରୀଙ୍କ ସହ ସ୍ୱର ମିଳାଇଲେ ସମବାୟ ମନ୍ତ୍ରୀ

**ଦୁଇ ମନ୍ତ୍ରୀଙ୍କ ଚିନ୍ତା ସରକାରଙ୍କ ପାଇଁ ସତର୍କ ଘଣ୍ଟି**

**ବିଶେଷଜ୍ଞ ମହଲର ମତ, ଡବଲ ଇଞ୍ଜିନ ସରକାରରେ ଅନ୍ୟ ରାଜ୍ୟ ତୁଳନାରେ ଅବହେଳିତ ଓଡ଼ିଶା**

■ ଭୁବନେଶ୍ୱର, ୫।୯ (ସମିସ): ଡବଲ ଇଞ୍ଜିନ ସରକାରରେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) କିପରି ଓଡ଼ିଶା ସରକାରଙ୍କୁ କଷଣ ଦେଉଛି, ସେନେଇ ଗତ ଗୁରୁବାର କ୍ଷୋଭ ପ୍ରକାଶ କରିଥିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବାରମ୍ବାର ଦିଲ୍ଲୀ ଗଲେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଆମ କଥା ଶୁଣୁନାହାନ୍ତି କି ଏଫସିଆଇ ଚାଉଳ ଉଠାଉ ନାହିଁ ବୋଲି ମନ୍ତ୍ରୀ ଅସହାୟତା ପ୍ରକାଶ କରି



କହିଥିଲେ। ମନ୍ତ୍ରୀଙ୍କ ବୟାନକୁ ନେଇ ବିରୋଧୀ ସରକାରଙ୍କୁ ପ୍ରବଳ ଆକ୍ରମଣ କରୁଥିବା ବେଳେ ଶନିବାର ସମାନ ଚିନ୍ତା ପ୍ରକାଶ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଏଫସିଆଇ ଚାଉଳ ଉଠାଉ ନଥିବାରୁ ସରକାର ଚିନ୍ତାରେ ଅଛନ୍ତି ବୋଲି ସେ ମତ ଦେଇଛନ୍ତି। ମାତ୍ର ୩ ଦିନରେ ରାଜ୍ୟ ସରକାରଙ୍କର ଦୁଇ ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କ ଏପରି ବୟାନକୁ ନେଇ ମତ ରଖିଛନ୍ତି ବୁଦ୍ଧିଜୀବୀ। ମନ୍ତ୍ରୀଙ୍କ ବୟାନ ଅମୂଳକ ନୁହେଁ। ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ଯେଉଁ ଲାଭ ପାଇବା ତାହା ଦୂରେ ଥାଉ, ଗତ ଅଢେଇ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାକୁ ସହାୟତା, ▶ପୃଷ୍ଠା-୭




### ଖଡ଼୍‌ଗେଙ୍କ ସଭାସ୍ଥଳ 'ଶୁଦ୍ଧିକରଣ' ବିବାଦ
## ବିଜେପି ନେତାଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୫।୯(ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଉତ୍ତରାଖଣ୍ଡର ହାଲଦ୍ୱାନୀ ରାମଲୀଳା ପଡ଼ିଆରେ ହୋଇଥିବା ସଭା ପରେ କଥିତ 'ଶୁଦ୍ଧିକରଣ' ଘଟଣାକୁ ନେଇ ଉତ୍ତରାଖଣ୍ଡର ବିଜେପି ନେତା ଓ ଅନ୍ୟମାନଙ୍କ ବିରୋଧରେ ବେଙ୍ଗାଲୁରୁ ପୁଲିସ ଏକ ଶୂନ୍ୟ ଏତଲା ରୁଜୁ କରିଛି। ଅଭିଯୋଗ ଅନୁସାରେ, ଅଗଷ୍ଟ ୮ରେ ଖଡଗେ ରାମଲୀଳା ପଡ଼ିଆରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିଥିଲେ। ଅଗଷ୍ଟ ୧୦ରେ ସେହି ସ୍ଥାନରେ କିଛି ବିଜେପି ନେତା ଓ କର୍ମୀ 'ଶୁଦ୍ଧିକରଣ' କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ଦାବି, ଖଡଗେ ଅନୁସୂଚିତ ଜାତିର ହୋଇଥିବାରୁ ତାଙ୍କ ଉପସ୍ଥିତିରେ ସ୍ଥାନଟି 'ଅପବିତ୍ର' ହୋଇଥିବା ଦର୍ଶାଇବା ପାଇଁ ଏହି କାର୍ଯ୍ୟ କରାଯାଇଥିଲା। ଘଟଣାକୁ ନେଇ ଭାରତୀୟ ନାଗରିକ ଅଧିକାର ସୁରକ୍ଷା ଆଇନ, ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିରୋଧ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଉତ୍ତରାଖଣ୍ଡ ବିଜେପି ଅଧ୍ୟକ୍ଷ ମହେନ୍ଦ୍ର ଭଟ୍ଟଙ୍କ ନାମ ମଧ୍ୟ ଅଭିଯୋଗରେ ରହିଛି। ଏହା ଶୂନ୍ୟ ଏତଲା ହୋଇଥିବାରୁ ଯେକୌଣସି ଥାନାରେ ମାମଲା ରୁଜୁ କରାଯାଇପାରେ। ପରେ ଏହାକୁ ଘଟଣାସ୍ଥଳ ହାଲଦ୍ୱାନୀର ଅଧିକାରକ୍ଷେତ୍ର ଥିବା ପୁଲିସ ଥାନାକୁ ପଠାଯିବ। ଘଟଣାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଖଡଗେ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇ ଘଟଣାକୁ ସମ୍ବିଧାନର ମୂଲ୍ୟବୋଧ ଓ ମାନବୀୟ ମର୍ଯ୍ୟାଦା ବିରୋଧୀ ବୋଲି ଦର୍ଶାଇଥିଲେ। ଅନ୍ୟପକ୍ଷରେ, ରାହୁଲ ଗାନ୍ଧୀଙ୍କ ବିରୋଧରେ ମଧ୍ୟ ଏହି ଘଟଣା ସମ୍ପର୍କିତ ଅନ୍ୟ ଏକ ମାମଲା ହୋଇଛି।

## ଅକ୍ଟୋବରରେ ଭାରତ ଆସିପାରନ୍ତି ମାର୍କୋ ରୁବିଓ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓ ଅକ୍ଟୋବରରେ ଭାରତ ଗସ୍ତ କରିପାରନ୍ତି। ଏଥିସହ ଡିସେମ୍ବରରେ ଆମେରିକାରେ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀର ଶୀର୍ଷସ୍ତରୀୟ ସମ୍ମିଳନୀ ଆୟୋଜନ ନେଇ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ କ୍ୱାଡ୍ ସମ୍ମିଳନୀ ଡିସେମ୍ବର ୧୪-୧୫ରେ ଫ୍ଲୋରିଡାରେ ହେବାକୁ ଥିବା ଜି-୨୦ ଶୀର୍ଷ ସମ୍ମିଳନୀ ପାର୍ଶ୍ୱରେ ହୋଇପାରେ। ଗୁରୁବାର ନୂଆଦିଲ୍ଲୀରେ କ୍ୱାଡ୍‌ର ଶେର୍ପାମାନଙ୍କ ବୈଠକ ହୋଇଥିଲା। ଏଥିରେ ଭାରତ ସହ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ସାମୁଦ୍ରିକ ଓ ଆଞ୍ଚଳିକ ସୁରକ୍ଷା, ଅର୍ଥନୈତିକ ସହଯୋଗ, ନୂତନ ପ୍ରଯୁକ୍ତି ଏବଂ ମାନବିକ ସହାୟତା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଭାରତ-ଆମେରିକା ସମ୍ପର୍କରେ ନିକଟରେ ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ଦୁଇ ଦେଶ ସମ୍ପର୍କ ସୁଧାରିବା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରଖିଛନ୍ତି। ରୁବିଓଙ୍କ ଭାରତ ଗସ୍ତ କ୍ୱାଡ୍ ସମ୍ମିଳନୀ ପ୍ରସ୍ତୁତିକୁ ଆହୁରି ଗତି ଦେଇପାରେ।

## କିଲ୍ଲାରୁ ଡେଇଁ ମହିଳା ଓ ଦୁଇ ସନ୍ତାନଙ୍କ ମୃତ୍ୟୁ

ଧାରାଶିବ, ୫।୯(ଏଜେନ୍ସି): ମହାରାଷ୍ଟ୍ରର ଧାରାଶିବ ଜିଲ୍ଲାର ନଳଦୁର୍ଗ କିଲ୍ଲାରୁ ଡେଇଁ ଜଣେ ମହିଳା ଓ ତାଙ୍କର ଦୁଇ ସନ୍ତାନଙ୍କ ମୃତ୍ୟୁ ଘଟିଛି। ଘଟଣାରେ ତାଙ୍କର ଆଉ ଜଣେ ଝିଅ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ଅନୁସାରେ, ଭାଣ୍ଟାଲ ଗାଁର ୩୦ ବର୍ଷୀୟା ଅଶ୍ୱିନୀ ମନୋହର ପୋଲ୍ ତାଙ୍କ ୫ ବର୍ଷର ପୁଅ ଅଜିଙ୍କ୍ୟ ଏବଂ ଅଢେଇ ବର୍ଷର ଯମଜ ଝିଅ ବୀରା ଓ କ୍ରାନ୍ତିଙ୍କ ସହ ନଳଦୁର୍ଗ କିଲ୍ଲାକୁ ଯାଇଥିଲେ। ସେଠାରେ କିଲ୍ଲାର ସର୍ବୋଚ୍ଚ ସ୍ଥାନ ଉପଲି ବୁରୁଜରୁ ସେମାନେ ତଳକୁ ପଡ଼ିଥିଲେ। ପ୍ରଥମେ ପୁଲିସ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ଭାବେ ମାମଲା ରୁଜୁ କରିଥିଲା। ପରେ ମୃତ ମହିଳାଙ୍କ ବାପା ଅଭିଯୋଗ କରିବା ପରେ ତାଙ୍କ ସ୍ୱାମୀ ମନୋହର ପୋଲ୍, ଶ୍ୱଶୁର ଅଙ୍କୁଶ ପୋଲ୍ ଓ ଦୁଇ ମହିଳା ସମ୍ପର୍କୀୟଙ୍କ ବିରୋଧରେ ଯୌତୁକ ନିର୍ଯାତନା ଓ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ମାମଲା ହୋଇଛି। ଅଭିଯୋଗ ଅନୁଯାୟୀ, ଯୌତୁକ ପାଇଁ ଅଶ୍ୱିନୀଙ୍କୁ ନିର୍ଯାତନା ଦିଆଯାଉଥିଲା। ଏପରିକି ଯାଁଳା ଝିଅ ଜନ୍ମ ଦେଇଥିବାରୁ ମଧ୍ୟ ତାଙ୍କୁ ହଇରାଣ କରାଯାଉଥିଲା। ଟଙ୍କା, ସୁନା ଚୁଡ଼ି ଏବଂ ଅଟୋରିକ୍ସା କିଣିବା ପାଇଁ ଟଙ୍କା ଆଣିବାକୁ ଚାପ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବାବେଳେ, ଏପର୍ଯ୍ୟନ୍ତ କାହାରି ଗିରଫ ହୋଇନାହିଁ।

## ଭୟଙ୍କର ସଡ଼କ ଦୁର୍ଘଟଣା, ୮ ଇଞ୍ଜିନିୟରିଂ ଛାତ୍ର ମୃତ

ତ୍ରିଶୂର, ୫।୯(ଏଜେନ୍ସି): କେରଳର ତ୍ରିଶୂର ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ତାମିଲନାଡୁର ଡିଣ୍ଡିଗୁଲର ୮ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପୁଲିସ ଅନୁସାରେ, ରାତି ପ୍ରାୟ ୧୧ଟା ୪୦ରେ ଛାତ୍ରମାନେ ଗୁରୁବାୟୁରରୁ କୋଡୁଙ୍ଗଲ୍ଲୁର ଯାଉଥିବା ବେଳେ କୈପମଙ୍ଗଲମ ଅଞ୍ଚଳର ପାନମ୍ବିକୁନ୍ନୁ ନିକଟରେ ଏନ୍‌ଏଚ୍-୬୬ ଉପରେ ଏକ ଲରି ପଛରେ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ୬ ଛାତ୍ର ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଅନ୍ୟ ୨ ଜଣଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକମାନଙ୍କ ମଧ୍ୟରୁ ୬ ଜଣଙ୍କ ପରିଚୟ ମିଳିଛି। ଉଦ୍ଧାରକାର୍ଯ୍ୟରେ ସ୍ଥାନୀୟ ଲୋକ, ଅଗ୍ନିଶମ ବାହିନୀ ଓ ପୁଲିସ ସାମିଲ ହୋଇଥିଲେ। ମୃତଦେହଗୁଡ଼ିକୁ ତ୍ରିଶୂର ମେଡିକାଲ କଲେଜର ଶବାଗାରକୁ ପଠାଯାଇଛି। ଗାଡ଼ିଟି ଦ୍ରୁତ ଗତିରେ ଥିବାରୁ ଚାଳକ ବ୍ୟାରିକେଡ୍‌କୁ ଠିକ୍ ଭାବେ ଦେଖିପାରିନଥିବା ଏବଂ ପରେ ଲରିର ପଛପଟେ ଧକ୍କା ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଲରି ଚାଳକଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ପରେ ଚାଳକ ଫେରାର ଥିବା ପୁଲିସ କହିଛି।

## ବନ୍ୟାର ୧୦ ଦିନ ପରେ ଟନେଲରୁ ଚୀନ୍ ଶ୍ରମିକ ଜୀବିତ ଉଦ୍ଧାର

କାଠମାଣ୍ଡୁ, ୫।୯(ଏଜେନ୍ସି): ନେପାଳରେ ଅଗଷ୍ଟ ୨୬ରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟା ପରେ ନିଖୋଜ ଥିବା ଦୁଇ ଜଣଙ୍କୁ ଶନିବାର ଜୀବିତ ଉଦ୍ଧାର କରାଯାଇଛି। ବନ୍ୟା ପରେ ଚାଲିଥିବା ନେପାଳ ସେନାର ନେତୃତ୍ୱାଧୀନ ଉଦ୍ଧାର ଅଭିଯାନର ଏହା ୧୧ତମ ଦିନ। ରସୁଆ ଜିଲ୍ଲାର ଅପର ତ୍ରିଶୁଲୀ-୧ ଜଳବିଦ୍ୟୁତ ପ୍ରକଳ୍ପର ଏକ ଟନେଲରୁ ଜଣେ ଚୀନ୍ ନାଗରିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ଟନେଲ ଭିତରକୁ ପ୍ରାୟ ୨୨୫ ମିଟର ଆଗକୁ ବଢ଼ିବା ପରେ ତାଙ୍କୁ ଠାବ କରିଥିଲେ। ଅନ୍ୟ ଏକ ଘଟଣାରେ ବେତ୍ରାବତୀ ଅଞ୍ଚଳର ଏକ ଘରର ଚତୁର୍ଥ ମହଲାରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଭୟଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ କାଠମାଣ୍ଡୁ ନିଆଯାଇଛି। ଏହାର ଗୋଟିଏ ଦିନ ପୂର୍ବରୁ ଅପର ତ୍ରିଶୁଲୀ-୩ଏ ଜଳବିଦ୍ୟୁତ ପ୍ରକଳ୍ପର ଟନେଲରୁ ସଞ୍ଜୟ ସାହ ଓ କବୀର ମହର୍ଜନଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ସେମାନେ ଟନେଲ ଭିତରେ ପ୍ରାୟ ୧୭୦ ମିଟର ଦୂରରେ ଫସି ରହିଥିଲେ। ଏହି ଉଦ୍ଧାର ଘଟଣା ପରେ ନେପାଳର ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ଟନେଲରେ ଫସିଥିବା ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରିବା ନେଇ ଆଶା ବଢ଼ିଛି। କର୍ତ୍ତୃପକ୍ଷଙ୍କ ଆକଳନ ଅନୁଯାୟୀ, ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପରୁ ପ୍ରାୟ ୯୦୦ ଶ୍ରମିକ ନିଖୋଜ ଥିବାବେଳେ ପ୍ରାୟ ୫୦୦ ଜଣ ଭୂତଳ ଟନେଲରେ ଫସିଥିବା ଆଶଙ୍କା କରାଯାଉଛି। ତ୍ରିଶୁଲୀ-୩ଏ ପ୍ରକଳ୍ପରେ ଏକାକୀ ପ୍ରାୟ ୧୧୫ ଶ୍ରମିକ ଫସିଥିବା ଆଶଙ୍କା ରହିଛି। ଶନିବାର ଅପର ତ୍ରିଶୁଲୀ ଜଳବିଦ୍ୟୁତ ପ୍ରକଳ୍ପରେ ଉଦ୍ଧାର କାର୍ଯ୍ୟକୁ କୋରିଆର ଏକ ଦଳ ସହାୟତା କରିଥିଲା। ଭାରତ ମଧ୍ୟ ନେପାଳକୁ ୬୮.୫ ଟନ୍ ରିଲିଫ୍ ସାମଗ୍ରୀ, ଡାକ୍ତର ଓ ପାରାମେଡିକାଲ ଦଳ ସହ ଉଦ୍ଧାର ଉପକରଣ ପଠାଇଛି। ବନ୍ୟାର ୧୦ ଦିନ ପରେ ଟନେଲରୁ ଚୀନ୍ ନାଗରିକଙ୍କ ସମେତ ଦୁଇ ଜଣଙ୍କ ଜୀବିତ ଉଦ୍ଧାର ନେପାଳରେ ଚାଲିଥିବା ବ୍ୟାପକ ଉଦ୍ଧାର ଅଭିଯାନକୁ ନୂଆ ଆଶା ଦେଇଛି।



# ରଣକ୍ଷେତ୍ର ପାଲଟିଲା ହର୍ମୁଜ
## ତିନି ଇରାନୀ ଜାହାଜକୁ ଧ୍ୱଂସ କଲା ଆମେରିକା

ୱାସିଂଟନ୍, ୫।୯(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ତିକ୍ତତା ଆହୁରି ତୀବ୍ର ରୂପ ଧାରଣ କରିଛି। ଆମେରିକୀୟ ସେନାର ସୂଚନା ଅନୁଯାୟୀ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦ୍ୱାରା ଆମେରିକାର ୨ଟି ନୌସେନା ଜାହାଜ ଉପରେ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରାଯାଇଛି। ଏହାପରେ ଆମେରିକୀୟ ସେନା ହର୍ମୁଜ ପ୍ରଣାଳୀରେ ଇରାନର ୩ଟି ଅଶୋଧିତ ତୈଳବାହୀ ଜାହାଜ ଉପରେ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସ କରିଦେଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଶନିବାର ସୂଚନା ଦେଇଛି ଯେ ଇରାନର ମିସାଇଲ୍ ଆକ୍ରମଣରେ କୌଣସି ଆମେରିକୀୟ ସୈନିକ ବା କର୍ମଚାରୀ ଆହତ ହୋଇନାହାନ୍ତି। ଆମେରିକୀୟ ନୌସେନାର ଯୁଦ୍ଧ ଜାହାଜଗୁଡ଼ିକ ମିସାଇଲ୍ ଆକ୍ରମଣରୁ ନିଜକୁ ରକ୍ଷା କରିବାରେ ସଫଳ ହୋଇଥିଲେ। ସେଣ୍ଟକମ୍ ମୁଖ୍ୟ ଆଡମିରାଲ ବ୍ରାଡ୍ କୁପର କହିଛନ୍ତି ଯେ, ଆମର ଦୁଇଟି ଜାହାଜ ଉପରେ ଆକ୍ରମଣ କଲେ ଆମେ ତୁମର ତିନୋଟି ଜାହାଜ ନଷ୍ଟ କରି ପ୍ରବଳ କ୍ଷତି କରିବୁ। ସେ ଚେତାବନୀ ଦେଇଛନ୍ତି ଯେ ଆମେରିକୀୟ ସେନାର ସୁରକ୍ଷା ପାଇଁ ଆବଶ୍ୟକ ପଡ଼ିଲେ ଇରାନର ତୈଳ ଜାହାଜ ବାହିନୀକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେବୁ। ସେଣ୍ଟକମ୍ ଅନୁଯାୟୀ, ଆମେରିକୀୟ ସେନା ଇରାନର ଖାର୍ଗ ଦ୍ୱୀପ ଉପକୂଳରେ ଥିବା ଅଶୋଧିତ ତୈଳବାହୀ ଜାହାଜ ଏମ୍‌ଟି ଡାଉନିକୁ ସ୍ଥାୟୀ ଭାବେ ଅଚଳ କରିଦେଇଛି। ସେହିପରି ଜାସ୍କ ନିକଟରେ ଥିବା ଏମଟି ଷ୍ଟାର୍କ ୧ ଏବଂ ଓମାନ ଉପସାଗରରେ ଥିବା ଏମଟି କାଇଲୋ ଜାହାଜକୁ ନଷ୍ଟ କରିଦିଆଯାଇଛି। ଏହି ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଇରାନ ପୁଣି ଥରେ ପ୍ରତିଆକ୍ରମଣ କରେ ତେବେ ଆମେରିକା ଭୀଷଣ ଆକ୍ରମଣରେ ଜବାବ ଦେବ। ଅପରପକ୍ଷରେ ଇରାନ ମଧ୍ୟ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ କଡ଼ା ଜବାବ ଦେବ ବୋଲି କହିଛି। ସାମରିକ ପ୍ରତିଷ୍ଠାନ ଏବଂ ତୈଳ ପରିବହନ ଭିତ୍ତିଭୂମି ଉପରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ଏହି ଅଞ୍ଚଳରେ ଏକ ବଡ଼ ଧରଣର ଆଞ୍ଚଳିକ ସଂଘର୍ଷ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ସାମରିକ ମୁହାଁମୁହିଁ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦର ବୃଦ୍ଧି ପାଇଛି। ସଂଘର୍ଷ ଅଧିକ ସମୟ ଜାରି ରହିଲେ, ବିଶ୍ୱରେ ଇନ୍ଧନ ଯୋଗାଣ, ପରିବହନ ଖର୍ଚ୍ଚ ଏବଂ ତୈଳ ଦର ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।



**■ ଆମେରିକାର ଦୁଇଟି ଜାହାଜ ଉପରେ ଆକ୍ରମଣ କରିଥିଲା ଇରାନ**

## ଶାନ୍ତି ଆଲୋଚନା ପୂର୍ବରୁ ରୁଷିଆର ଆକ୍ରମଣ; ୟୁକ୍ରେନରେ ୪ ମୃତ

କିଭ୍, ୫।୯(ଏଜେନ୍ସି): ଆମେରିକାର ଦୂତମାନେ ଶାନ୍ତି ଆଲୋଚନା ପାଇଁ ୟୁକ୍ରେନ ଯିବାକୁ ଥିବାବେଳେ ରୁଷିଆର ରାତିସାରା ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଓ ଅନେକ ଆହତ ହୋଇଛନ୍ତି। ଦକ୍ଷିଣ ଦ୍ନିପ୍ରୋପେଟ୍ରୋଭସ୍କ ଅଞ୍ଚଳର ଏକ ଶିଳ୍ପାଞ୍ଚଳରେ ରୁଷିଆର ଆକ୍ରମଣରେ ୪ ଜଣ ମୃତ ଓ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। କିଭ୍ ଅଞ୍ଚଳରେ ମଧ୍ୟ ଆକ୍ରମଣରେ ୨ ଜଣ ଆହତ ହୋଇଥିବାବେଳେ ଏକ ୯ ମହଲା କୋଠାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ରାତିରେ ୧୬୭ଟି ଡ୍ରୋନ୍ ଛାଡ଼ିଥିବା ୟୁକ୍ରେନ ବାୟୁସେନା କହିଛି। ଏଥିରୁ ୧୨୮ଟିକୁ ନଷ୍ଟ କିମ୍ବା ନିଷ୍କ୍ରିୟ କରାଯାଇଥିବା ଦାବି ହୋଇଛି। ଅନ୍ୟପକ୍ଷରେ, ବେଲଗୋରୋଡ୍ ଅଞ୍ଚଳରେ ୟୁକ୍ରେନ୍‌ର ଆକ୍ରମଣରେ ୩ ଜଣ ଆହତ ହୋଇଥିବା ରୁଷିଆ କହିଛି। ଏହି ସମୟରେ ଆମେରିକୀୟ ପ୍ରତିନିଧି ଷ୍ଟିଭ୍ ୱିଟକଫ୍ ଓ ଜାରେଡ୍ କୁଶନରଙ୍କ ପ୍ରସ୍ତାବିତ ଗସ୍ତ ଶାନ୍ତି ଆଲୋଚନାକୁ ପୁଣି ଆରମ୍ଭ କରିପାରିବ କି ନାହିଁ, ତାହା ଉପରେ ନଜର ରହିଛି।

ଆମେରିକାର ଦୂତ ଷ୍ଟିଭ୍ ୱିଟକଫ୍ ଓ ଜାରେଡ୍ କୁଶନର ମସ୍କୋ ପହଞ୍ଚିବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କିଭ୍ ଉପରେ ୩ ଦିନ ଆକ୍ରମଣ ନ କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁକ୍ରେନ ଯୁଦ୍ଧ ଶେଷ କରିବା ନେଇ ଆମେରିକୀୟ ପ୍ରତିନିଧିମାନେ ପୁଟିନ୍‌ଙ୍କ ସହ ଆଲୋଚନା କରିବେ। ୟୁକ୍ରେନ ମଧ୍ୟ ଆମେରିକୀୟ ଦୂତଙ୍କ ଗସ୍ତ ସମୟରେ ବାୟୁ ଆକ୍ରମଣ ବନ୍ଦ ରଖିବ ବୋଲି କହିଛି। ତେବେ ଯୁଦ୍ଧ ଶେଷ କରିବା ପ୍ରସଙ୍ଗରେ ରୁଷ୍ ଓ ୟୁକ୍ରେନ ମଧ୍ୟରେ ଏବେ ବି ଗଭୀର ମତଭେଦ ରହିଛି। ଉଲ୍ଲେଖଯୋଗ୍ୟ ଯେ, ରୁଷ ଓ ୟୁକ୍ରେନ ଚାଲିଥିବା ଯୁଦ୍ଧ ସତ୍ତ୍ୱେ ୪ ବର୍ଷ ଅତିକ୍ରମ କରିସାରିଛି। ଯୁଦ୍ଧ ୧, ୬୫୫ ଦିନ ପାରି କରିଛି। ମୂଳ ଯୁଦ୍ଧ ୨୦୧୪ରୁ ଚାଲିଆସୁଥିଲେ ମଧ୍ୟ ଏହା ୨୦୨୨ରେ ପୂର୍ଣ୍ଣାଙ୍ଗ ରୂପ ନେଇଥିଲା।

## ପୁଲିସ ଆଚରଣ ନେଇ ସୁପ୍ରିମକୋର୍ଟ ବିଚାରପତିଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ, ୫।୯(ଏଜେନ୍ସି): ଯନ୍ତରମନ୍ତରରେ ଛାତ୍ର ପ୍ରତିବାଦକାରୀଙ୍କ ବିରୋଧରେ ପୁଲିସର ବଳ ପ୍ରୟୋଗକୁ ନେଇ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରତିବାଦକାରୀଙ୍କୁ ପୁଲିସ ଅଧିକାରୀମାନେ ଆକ୍ରମଣ କରୁଥିବା ଦେଖିବା ଅତ୍ୟନ୍ତ ଦୁଃଖଦ ବୋଲି ସେ କହିଛନ୍ତି। ଏକ ପୁସ୍ତକ ଉନ୍ମୋଚନ ସମାରୋହରେ ଜଷ୍ଟିସ୍ ଭୂୟାଁ କହିଥିଲେ ଯେ, ପୁଲିସ ଅଧିକାରୀଙ୍କଠାରୁ ଆଶା କରାଯାଉଥିବା ନିରପେକ୍ଷତା ହ୍ରାସ ପାଉଥିବା ଦେଖାଯାଉଛି। ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମାନବାଧିକାର ଉଲ୍ଲଂଘନ ବିନା ମଧ୍ୟ ପ୍ରଭାବଶାଳୀ ପୁଲିସିଂ କରାଯାଇପାରିବ ବୋଲି ସେ କହିଛନ୍ତି। ଜୁଲାଇ ୨୦ରେ ଯନ୍ତରମନ୍ତରରେ ଛାତ୍ର ପ୍ରତିବାଦ ଏବଂ ସଂସଦ ମାର୍ଚ୍ଚ ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିଥିବା ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଆର୍ ସୁଭାଷ ରେଡ୍ଡୀଙ୍କ ନେତୃତ୍ୱରେ ଏହି କମିଟି ଲାଠିଚାର୍ଜ, ଲୁହବୁହା ଗ୍ୟାସ୍, ପେଲେଟ୍ ବ୍ୟବହାର ଏବଂ ମହିଳା ପ୍ରତିବାଦକାରୀଙ୍କ ସହ ଦୁର୍ବ୍ୟବହାର ଅଭିଯୋଗର ଯାଞ୍ଚ କରିବ। ଏହା ସହିତ ଦେଶରେ ହାଜତ ନିର୍ଯାତନା ଓ ହାଜତ ମୃତ୍ୟୁକୁ ନେଇ ମଧ୍ୟ ଜଷ୍ଟିସ୍ ଭୂୟାଁ ଚିନ୍ତା ପ୍ରକାଶ କରିଛନ୍ତି। 'ନକଲି ଏନକାଉଣ୍ଟର'କୁ ପୁଲିସିଂର ଅଂଶ କରାଯାଇପାରିବ ନାହିଁ ଏବଂ ଆଇନର ଶାସନକୁ ସର୍ବୋଚ୍ଚ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଦହି ହାଣ୍ଡି ଉତ୍ସବ ବେଳେ ଦୁଇଜଣଙ୍କ ପ୍ରାଣ ଗଲା

ମୁମ୍ବଇ, ୫।୯(ଏଜେନ୍ସି): ମହାରାଷ୍ଟ୍ରରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ ଆୟୋଜିତ ଦହି ହାଣ୍ଡି ଉତ୍ସବ ବିପର୍ଯ୍ୟୟରେ ପରିଣତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ଜଣେ ଶିଶୁ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦହିହାଣ୍ଡି ପାଇଁ ମାନବ ପିରାମିଡ୍ ଗଠନ ବେଳେ ପ୍ରାୟ ୪୨ ଜଣ ଗୋବିନ୍ଦା (ପିରାମିଡ଼ ଖେଳାଳି) ଆହତ ହୋଇଛନ୍ତି। ମୁମ୍ବଇର ମାଲଭାଣି ଅଞ୍ଚଳରେ କିଛି ଶିଶୁ ଦହି ହାଣ୍ଡି ଖେଳୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ହାଣ୍ଡି ବନ୍ଧା ହୋଇଥିବା ଏକ ଇଟା ସ୍ତମ୍ଭ ଭୁଶୁଡ଼ି ପଡ଼ିଥିଲା। ଫଳରେ ରୁଦ୍ର କଦମ ନାମକ ଜଣେ ୭ ବର୍ଷର ଶିଶୁର ମୁଣ୍ଡରେ ଗଭୀର ଆଘାତ ଲାଗି ମୃତ୍ୟୁ ଘଟିଛି। ଏହା ବ୍ୟତୀତ ମୁମ୍ବଇର ବିଭିନ୍ନ ସ୍ଥାନରେ ମାନବ ପିରାମିଡ୍ ଭୁଶୁଡ଼ିବା କାରଣରୁ ପ୍ରାୟ ୩୨ ଜଣ ଗୋବିନ୍ଦା ଆହତ ହୋଇଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ମୁମ୍ବଇର ପୌରପାଳିକା ପରିଚାଳିତ ଡାକ୍ତରଖାନାଗୁଡ଼ିକରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ବେଡ୍ ପ୍ରସ୍ତୁତ ରଖାଯାଇଛି। ସେହିପରି, ପୁଣେର ପିମ୍ପରି ଚିଞ୍ଚୱାଡ୍ ଅଞ୍ଚଳରେ ଦହି ହାଣ୍ଡି ଉତ୍ସବ ବେଳେ ଦୁର୍ଘଟଣା ଘଟିଛି। ଉତ୍ସବ ଶେଷ ହେବା ପରେ ଲାଉଡସ୍ପିକର ଲଗାଯାଇଥିବା ଏକ ଅସ୍ଥାୟୀ ଲୁହା ଖୁମ୍ବ ଭୁଶୁଡ଼ି ପଡ଼ିଥିଲା। ଏଥିରେ ସଲମା ସଲାଉଦ୍ଦିନ ପଠାନ୍ ନାମକ ଜଣେ ମହିଳା ପ୍ରାଣ ହରାଇଛନ୍ତି। ଏହି ଘଟଣା ପାର୍ବଣ ସମୟରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ ବ୍ୟବହାର ନେଇ ପୁଣି ବିତର୍କ ସୃଷ୍ଟି ହୋଇଛି। ଅନ୍ୟପଟେ, ଥାଣେର ମଧ୍ୟ ବିଭିନ୍ନ ସ୍ଥାନରେ ଦହିହାଣ୍ଡି ଖେଳ ବେଳେ ଅନେକ ଆଘାତପ୍ରାପ୍ତ ହୋଇଛନ୍ତି। ଏଥିପାଇଁ ୧୦ ଜଣ ଗୋବିନ୍ଦାଙ୍କୁ ଡାକ୍ତରଖାନାରେ ଆହତ ଅବସ୍ଥାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ତିଥି ବା ଜନ୍ମାଷ୍ଟମୀକୁ ମହାରାଷ୍ଟ୍ରରେ ବେଶ ଧୂମଧାମରେ ପାଳନ କରାଯାଏ। ଦହିହାଣ୍ଡି ଉତ୍ସବ ଜନ୍ମାଷ୍ଟମୀ ପର୍ବ ପାଳନର ଏକ ବିଶେଷ ଅଂଶ ହୋଇଥାଏ। ସାରା ରାଜ୍ୟରେ ଭକ୍ତମାନେ ଏଥିରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥାନ୍ତି। ଦହିହାଣ୍ଡି ଉତ୍ସବରେ, ଗୋବିନ୍ଦାମାନେ ଆକାଶରେ ଝୁଲୁଥିବା ଦହିହାଣ୍ଡି ଭାଙ୍ଗିବା ପାଇଁ ବହୁସ୍ତରୀୟ ମାନବ ପିରାମିଡ୍ ଗଠନ କରନ୍ତି।


### ଝିରମ ଘାଟି ଆକ୍ରମଣ
## ୧୦ ମାଓବାଦୀ ଦୋଷୀ ସାବ୍ୟସ୍ତ

ଜଗଦଲପୁର, ୫।୯(ଏଜେନ୍ସି): ଛତିଶଗଡ଼ର ବସ୍ତର ଅଞ୍ଚଳର ବହୁଚର୍ଚ୍ଚିତ ଝିରମ ଘାଟି ମାଓବାଦୀ ଆକ୍ରମଣ ମାମଲାରେ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଜାତୀୟ ତଦନ୍ତ ଏଜେନ୍ସିର ବିଶେଷ ଅଦାଲତ। ଏହି ଆକ୍ରମଣରେ କଂଗ୍ରେସର ବହୁ ବରିଷ୍ଠ ନେତାଙ୍କ ସମେତ ୨୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୋଷୀମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ମଧ୍ୟ ଅଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ରେ ଅଦାଲତ ଦଣ୍ଡର ପରିମାଣ ଘୋଷଣା କରିବେ। ୨୦୧୩ ମେ ୨୫ ତାରିଖରେ ଦର୍ଭା ଥାନା ଅଧୀନ ଝିରମ ଘାଟିରେ ଏହି ଭୟାବହ ଆକ୍ରମଣ ଘଟିଥିଲା। 'ପରିବର୍ତ୍ତନ ରାଲି'ରେ ଯୋଗଦେଇ କଂଗ୍ରେସ ନେତାମାନେ ଫେରୁଥିବା ବେଳେ ଜାତୀୟ ରାଜପଥରେ ମାଓବାଦୀମାନେ ସେମାନଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତତ୍କାଳୀନ ଛତିଶଗଡ଼ ପ୍ରଦେଶ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲ, ତାଙ୍କ ପୁଅ ଦିନେଶ ପଟେଲ, ପୂର୍ବତନ ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଲ ଏବଂ ପୂର୍ବତନ ବିଧାୟକ ଉଦୟ ମୁଦଲିଆରଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଥିଲେ। ସୁରକ୍ଷାକର୍ମୀ ଓ ସାଧାରଣ ଲୋକ ମଧ୍ୟ ଏହି ଆକ୍ରମଣର ଶିକାର ହୋଇଥିଲେ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ପ୍ରାରମ୍ଭିକ ତଦନ୍ତ ପରେ ଏହାକୁ ଜାତୀୟ ତଦନ୍ତ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିଲା। ୨୦୧୪ ସେପ୍ଟେମ୍ବରରେ ଏଜେନ୍ସି ଜଗଦଲପୁରସ୍ଥିତ ବିଶେଷ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିଥିଲା। ମାମଲାରେ ଦୀର୍ଘ ସମୟ ଧରି ୧୦୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ଘଟଣାର ତଦନ୍ତ ପାଇଁ ଜାତୀୟ ତଦନ୍ତ ଏଜେନ୍ସି ବ୍ୟତୀତ ଦୁଇଟି ନ୍ୟାୟିକ କମିଶନ ମଧ୍ୟ ଗଠନ କରାଯାଇଥିଲା। ଅଗଷ୍ଟ ୩୧ରେ ରାୟ ପ୍ରକାଶ ପାଇବାର ଆଶା ଥିଲେ ମଧ୍ୟ ଅଦାଲତ ଏହାକୁ ସେପ୍ଟେମ୍ବର ୫କୁ ଘୁଞ୍ଚାଇଥିଲେ। ରାୟ ପରେ ଏହି ମାମଲାକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ମଧ୍ୟ ତୀବ୍ର ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଜାତୀୟ ତଦନ୍ତ ଏଜେନ୍ସି ତଦନ୍ତରେ କିଛି ତଥ୍ୟ ଚାପି ଦେଇଥିବା ଏବଂ ରାଜ୍ୟ ସରକାରଙ୍କୁ ତଦନ୍ତରୁ ଦୂରେଇ ରଖିଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏହି ମାମଲାରେ ବଘେଲ ରାଜନୀତି କରୁଥିବା ପ୍ରତିଆରୋପ କରିଛନ୍ତି। ୧୩ ବର୍ଷ ପୁରୁଣା ଝିରମ ଘାଟି ଆକ୍ରମଣ ମାମଲାରେ ୧୦ ଜଣ ଦୋଷୀ ସାବ୍ୟସ୍ତ ହେବା ଘଟଣାଟି ନ୍ୟାୟିକ ପ୍ରକ୍ରିୟାରେ ଏକ ବଡ଼ ପଦକ୍ଷେପ।

**■ କଂଗ୍ରେସ ନେତାଙ୍କ ଉପରେ ହୋଇଥିଲା ଭୟଙ୍କର ଆକ୍ରମଣ**
**■ ସେପ୍ଟେମ୍ବର ୧୬ରେ ଦଣ୍ଡ ଘୋଷଣା**

# ନୂଆ ବିଶ୍ୱ ମାନଚିତ୍ରରେ ବଦଳିଲା ଆଫ୍ରିକାର ଚିତ୍ର

ଜାତିସଂଘ, ୫।୯(ଏଜେନ୍ସି): ବିଶ୍ୱର ଭୌଗୋଳିକ ଭୂଭାଗକୁ ଅଧିକ ବାସ୍ତବ ଆକାରରେ ଦର୍ଶାଇବା ଲକ୍ଷ୍ୟରେ ଜାତିସଂଘ ସାଧାରଣ ସଭା ଏକ ନୂଆ ବିଶ୍ୱ ମାନଚିତ୍ର ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ପ୍ରସ୍ତାବ ସପକ୍ଷରେ ୧୬୪ଟି ଦେଶ ଭୋଟ୍ ଦେଇଥିବାବେଳେ ଆମେରିକା ଏହାକୁ ବିରୋଧ କରିଛି। ଅନ୍ୟ ୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ନୂଆ ମାନଚିତ୍ରକୁ 'ଇକ୍ୱାଲ୍ ଆର୍ଥ' ମାନଚିତ୍ର ବୋଲି କୁହାଯାଉଛି। ଏଥିରେ ଆଫ୍ରିକା, ଲାଟିନ୍ ଆମେରିକା, ଦକ୍ଷିଣ ଏସିଆ ଓ ଓସେନିଆ ଭଳି ଅଞ୍ଚଳଗୁଡ଼ିକର ଆକାର ପାରମ୍ପରିକ ମାନଚିତ୍ର ତୁଳନାରେ ଅଧିକ ବାସ୍ତବ ଭାବେ ଦେଖାଯାଇଛି। ଏହାର ଉଦ୍ଦେଶ୍ୟ ବିଶ୍ୱର ମହାଦେଶଗୁଡ଼ିକର ଭୂମିକ୍ଷେତ୍ରକୁ ଅଧିକ ସଠିକ୍ ଭାବେ ପ୍ରତିନିଧିତ୍ୱ କରିବା। ଏପର୍ଯ୍ୟନ୍ତ ବହୁଳ ଭାବେ ବ୍ୟବହୃତ 'ମର୍କେଟର୍ ପ୍ରୋଜେକ୍ସନ୍' ୧୫୬୯ ମସିହାରେ ମାନଚିତ୍ରକାର ଜେରାର୍ଡସ୍ ମର୍କେଟର୍ ପ୍ରସ୍ତୁତ କରିଥିଲେ। ସମୁଦ୍ର ଯାତ୍ରା ଓ ଦିଗ ନିର୍ଣ୍ଣୟ ପାଇଁ ଏହା ବେଶ୍ ଉପଯୋଗୀ ଥିଲା। କିନ୍ତୁ ପୃଥିବୀର ଗୋଲାକାର ଆକାରକୁ ସମତଳ କାଗଜରେ ଦେଖାଇବା ସମୟରେ ମହାଦେଶଗୁଡ଼ିକର ପ୍ରକୃତ ଆକାରରେ ବିକୃତି ଦେଖାଯାଏ। ବିଶେଷକରି ଉତ୍ତର ଅଞ୍ଚଳର ଦେଶଗୁଡ଼ିକ ମାନଚିତ୍ରରେ ଅତ୍ୟଧିକ ବଡ଼ ଦେଖାଯାଉଥିବାବେଳେ ଭୂମଧ୍ୟରେଖା ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ତୁଳନାତ୍ମକ ଭାବେ ଛୋଟ ଦେଖାଯାଏ। ଫଳରେ ଆଫ୍ରିକା ଓ ଦକ୍ଷିଣ ଆମେରିକାର ଆକାର ବାସ୍ତବତାଠାରୁ ଛୋଟ ଏବଂ



ୟୁରୋପ ଓ ଉତ୍ତର ଆମେରିକା ଅଧିକ ବଡ଼ ଭାବେ ପ୍ରତୀୟମାନ ହୁଏ। ୨୦୧୮ ମସିହାରେ ଏକ ଦଳ ମାନଚିତ୍ର ବିଶେଷଜ୍ଞ 'ଇକ୍ୱାଲ୍ ଆର୍ଥ' ମାନଚିତ୍ର ପ୍ରସ୍ତୁତ କରିଥିଲେ। ଏହି ମାନଚିତ୍ରରେ ମହାଦେଶଗୁଡ଼ିକର ପ୍ରକୃତ ଭୂମିକ୍ଷେତ୍ରର ଅନୁପାତକୁ ସମ୍ଭବ ମାତ୍ରାରେ ଠିକ୍ ଭାବେ ଦର୍ଶାଯାଇଛି। ଫଳରେ ଆଫ୍ରିକାର ବାସ୍ତବ ବିଶାଳତା ଅଧିକ ସ୍ପଷ୍ଟ ହୋଇଥାଏ। ଟୋଗୋ'ର ବିଦେଶମନ୍ତ୍ରୀ ରବର୍ଟ ଡୁସେ କହିଛନ୍ତି, ମାନଚିତ୍ର ଶିକ୍ଷାକୁ ପ୍ରଭାବିତ କରେ, କଳ୍ପନାକୁ ଆକାର ଦିଏ ଏବଂ ବିଶ୍ୱ ସମ୍ପର୍କରେ ସାମୂହିକ ଧାରଣା ଗଢ଼ିଥାଏ। ତେଣୁ ଭୂଭାଗର ବିକୃତ ଚିତ୍ରଣ ପିଢ଼ି ପରେ ପିଢ଼ି ଭୁଲ ଧାରଣାକୁ ଜାରି ରଖିପାରେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ଏହି ପ୍ରସ୍ତାବକୁ ତୀବ୍ର ସମାଲୋଚନା କରିଛି। ଆମେରିକୀୟ ପ୍ରତିନିଧି ଯାରିନା ଫେରେନ୍‌ସେଭିଚ୍ କହିଛନ୍ତି, ଜାତିସଂଘକୁ ବାସ୍ତବ ବିଶ୍ୱ ସମସ୍ୟା ଉପରେ ଧ୍ୟାନ ଦେବା ବଦଳରେ ଶତାବ୍ଦୀ ପୁରୁଣା ମାନଚିତ୍ର ଓ ଏହାର ପ୍ରଭାବ ଉପରେ ଚର୍ଚ୍ଚା କରିବା ଅନୁଷ୍ଠାନର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଫ୍ରାନ୍ସ ଏହି ପ୍ରସ୍ତାବକୁ ସମର୍ଥନ କରି ମର୍କେଟର ମାନଚିତ୍ରର ବ୍ୟବହାର ବନ୍ଦ କରିବାକୁ ଘୋଷଣା କରିଛି। ଫ୍ରାନ୍ସର ବିଦେଶମନ୍ତ୍ରୀ ଜିନ୍-ନୋଏଲ୍ ବାରୋ କହିଛନ୍ତି, ମାନଚିତ୍ର ବଦଳିଲେ ବିଶ୍ୱ ବଦଳିଯିବ ନାହିଁ, କିନ୍ତୁ ବିକୃତ ଚିତ୍ରଣକୁ ସୁଧାରିବା ସତ୍ୟକୁ ସ୍ୱୀକାର କରିବାର ଏକ ପଦକ୍ଷେପ। ମହାଦେଶଗୁଡ଼ିକ ଅଧିକ ବାସ୍ତବ ଆକାରରେ ଦେଖାଯିବ। ଏହି ପରିବର୍ତ୍ତନକୁ ୧୬୪ଟି ଦେଶ ସମର୍ଥନ କରିଥିବାବେଳେ ଆମେରିକା ବିରୋଧ କରିଛି। ଏହା କେବଳ ମାନଚିତ୍ରର ପରିବର୍ତ୍ତନ ନୁହେଁ, ବିଶ୍ୱକୁ ଆମେ କିପରି ଦେଖୁଛୁ ତାହା ନେଇ ମଧ୍ୟ ଏକ ଚର୍ଚ୍ଚା ସୃଷ୍ଟି କରିଛି।

### ଏକାଧିକ ଏମ୍‌ଓୟୁ ସ୍ୱାକ୍ଷର କଲା ଉଚ୍ଚଶିକ୍ଷା ବିଭାଗ

# ଏଆଇ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୫।୯ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରାଯିବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନରତ ୧ ଲକ୍ଷ ୨୫ ହଜାରରୁ ଅଧିକ ପିଲାଙ୍କୁ କୃତ୍ରିମ ବୁଦ୍ଧିମତା (ଏଆଇ), ଡିଜିଟାଲ ସାକ୍ଷରତା, ଏଣ୍ଟ୍ରପ୍ରାଇଜ୍ ଡିଜାଇନ ଥିଙ୍କିଙ୍ଗ୍, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ପରି ଅତ୍ୟାଧୁନିକ ଜ୍ଞାନକୌଶଳରେ ଦକ୍ଷ କରାଯିବ। ଅନ୍‌ଲାଇନ କୋର୍ସ, କର୍ମଶାଳା ଏବଂ ପ୍ରୋଜେକ୍ଟ ଲର୍ଣ୍ଣିଂ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବିଶେଷ କରି ଉପାନ୍ତ ଓ ଆକାଂକ୍ଷୀ ଜିଲ୍ଲାର ୧୦୭ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରାଯିବ। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକାଧିକ ଚୁକ୍ତିନାମା ବା ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।

କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଓ ନନ୍ଦୀ ଫାଉଣ୍ଡେସନ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ, ସ୍ନାତକ ଓ ସ୍ନାତକୋତ୍ତରର ଶେଷ ବର୍ଷର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅଫ୍‌ଲାଇନ ମୋଡରେ ବିତ୍ତୀୟ ସାକ୍ଷରତା, କ୍ରିଟିକାଲ ଥିଙ୍କିଙ୍ଗ, ପବ୍ଲିକ ସ୍ପିକିଙ୍ଗ, କମ୍ୟୁନିକେସନ ସ୍କିଲ୍ ଆଦି ପ୍ରଶିକ୍ଷଣ ଦିଆଯିବ। ସେହିପରି ଓକେସିଏଲ୍ ସହ ହୋଇଥିବା ବୁଝାମଣା ଅନୁଯାୟୀ, ଡିଜିଟାଲ ମୋଡରେ ଛାତ୍ରଛାତ୍ରୀଙ୍କୁ ୩୦ ଘଣ୍ଟାର କମ୍ୟୁନିକେସନ ସ୍କିଲ୍ ପ୍ରୋଗ୍ରାମ, ୧୦ ଘଣ୍ଟାର ଏଆଇ ଆଧାରିତ ପାଠ୍ୟକ୍ରମ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ୫ ଘଣ୍ଟାର ଏଆଇ ଓରିଏନଟେସନ କୋର୍ସ ପ୍ରଦାନ କରାଯିବ। ଉଚ୍ଚଶିକ୍ଷା ବିଭାଗ ଏବଂ ଅହମଦାବାଦର ଇଡିଆଇଆଇ ପକ୍ଷରୁ ଫାକ୍ଲଟି ମେଣ୍ଟର ଡେଭେଲପମେଣ୍ଟ ପ୍ରୋଗ୍ରାମ ଅଧୀନରେ ଓଡ଼ିଶାର ୪୦ଜଣ ଅଧ୍ୟାପକଙ୍କୁ ଅହମଦାବାଦରେ ୬ ଦିନିଆ ପ୍ରଶିକ୍ଷଣ ଦିଆଯିବ।




- ସୁଦୃଢ଼ ହେବ ଷ୍ଟାର୍ଟଅପ୍ ଓ ଏଣ୍ଟ୍ରପ୍ରିନ୍ୟୁରସିପ୍ ଇକୋସିଷ୍ଟମ
- ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ପାଇଁ ନୂତନ ପୋର୍ଟାଲ
- ପିଲାଙ୍କୁ ଆତ୍ମନିର୍ଭର କରିବା ସରକାରଙ୍କ ଲକ୍ଷ୍ୟ: ଉଚ୍ଚଶିକ୍ଷା ମନ୍ତ୍ରୀ

ଏଣ୍ଟ୍ରପ୍ରିନ୍ୟୁରସିପ୍ ଓ ମେଣ୍ଟରିଙ୍ଗ, ଏଣ୍ଟ୍ରପ୍ରାଇଜ ଡେଭେଲପମେଣ୍ଟ ଟୁଲ, ଏଣ୍ଟ୍ରପ୍ରିନ୍ୟୁରସିପ୍ ଇକୋସିଷ୍ଟମ୍ ଆଦି ଉପରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଅନୁରୂପ ଭାବେ ନାସକମ୍ ସହଭାଗିତାରେ ଆଜି 'ଏଆଇ କୋର୍ସ ଫର୍ ଅଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଏଆଇ କ୍ଷେତ୍ରରେ ଦକ୍ଷତା ବିକାଶ କରାଯିବ। ଉଚ୍ଚଶିକ୍ଷା ବିଭାଗ ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଅଧ୍ୟାପକଙ୍କ କାର୍ଯ୍ୟଦକ୍ଷତା ପାଇଁ 'ଆକାଡେମିକ ପରଫରମାନ୍ସ ଆସେସମେଣ୍ଟ ପୋର୍ଟାଲ'ର ଶୁଭାରମ୍ଭ କରାଯାଇଛି। ତହିଁରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକର ୫୨ଟି କେପିଆଇ ବର୍ଗରେ ଆକାଡେମିକ ପରଫରମାନ୍ସ ମୂଲ୍ୟାୟନ କରାଯିବ। ଏହାସହ 'ପ୍ରଶ୍ନପତ୍ର ବ୍ୟାଙ୍କ' ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଉଚ୍ଚଶିକ୍ଷାନୁଷ୍ଠାନରେ ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରରାଯାଉଛି। ବିଭିନ୍ନ ଅନୁଷ୍ଠାନ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ଏଆଇ ଏବଂ ବିଭିନ୍ନ ପ୍ରଯୁକ୍ତି ବିଦ୍ୟାରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରାଯିବ। 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ଓ ଏଥିପାଇଁ ନିରନ୍ତର ଭାବେ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଅତନୁ କୁମାର ପତି ଓ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଧରଣୀ ଧର ନନ୍ଦ, ପ୍ରତିଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଫ୍ଲାଟ୍ ଦେବା ଆଳରେ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ବିଲ୍ଡର ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଗିରଫ



ଭୁବନେଶ୍ୱର, ୫।୯ (ସମିସ): ଫ୍ଲାଟ୍ ଦେବାକୁ କହି ୧୫ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ରିୟଲ ଇଷ୍ଟେଟ୍ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକଙ୍କୁ ଶନିବାର ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ପ୍ରମୋଦ କୁମାର ସାହୁ। ପ୍ରମୋଦଙ୍କୁ କଟକ ଓପିଆଇଡ଼ି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ୨୦୨୩ ମସିହାରେ କମ୍ପାନୀର ଏମ୍‌ଡ଼ି ଜ୍ୟୋତିରଞ୍ଜନ ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଇଓଡବ୍ଲ୍ୟୁ ପକ୍ଷରୁ ଜାରି ପ୍ରେସ ରିଲିଜରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଳାପାଟଣା ଅଞ୍ଚଳରେ ଫ୍ଲାଟ୍ ଦେବାକୁ କହି ୨୦୧୬ରୁ ୧୩୦ଜଣ ଗ୍ରାହକଙ୍କଠାରୁ ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ ମଧ୍ୟ କରିଥିଲେ। ଏଥିପାଇଁ ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତିନାମା ମଧ୍ୟ ହୋଇଥିଲା। ୩୦ ମାସ ମଧ୍ୟରେ ଫ୍ଲାଟ୍ ଦେବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫ ପ୍ରତିଶତ ଟଙ୍କା ଦେଇ ଦେଇଥିଲେ ମଧ୍ୟ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲା। ଏପରିକି ଦୀର୍ଘଦିନ ହେବ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇ ଗ୍ରାହକଙ୍କୁ ଭୁଆଁ ବୁଲାଯାଇଥିଲା। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ସେ ଇଓଡବ୍ଲ୍ୟୁରେ ୨୦୨୩ ମସିହାରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ୨୦୨୩ ମେ ୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ପ୍ରମୋଦଙ୍କ ବ୍ୟାଙ୍କ ଆକାଉଣ୍ଟକୁ କମ୍ପାନୀର ଆକାଉଣ୍ଟରୁ ୧୬ ଲକ୍ଷ ୫୧ ହଜାର ୪୦୦ ଟଙ୍କା ଯାଇଥିବା ତଦନ୍ତ ବେଳେ ଜଣାପଡିଛି ବୋଲି ରଙ୍ଗଡ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ତ୍ରୀ ମୃତ୍ୟୁର ଦିନକ ପରେ ଚାଲିଗଲା ସ୍ୱାମୀଙ୍କ ଜୀବନ

ଭଦ୍ରକ, ୫।୯ (ସମିସ): ମୃତ୍ୟୁର ୨ ଦିନ ପରେ ବ୍ୟବଚ୍ଛେଦ ପାଇଁ ମାଟି ତଳୁ ଖୋଳାହେଲା ଶବ। ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରି ପରିବାର ଲୋକେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶନିବାର ମୃତଦେହ ନେଇ ପହଞ୍ଚିଥିଲେ। ଆଉ ଦମ୍ପତିଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଧୀନ ତିହିଡ଼ି ବ୍ଲକ୍ ମାଧପୁର ଗାଁରେ।

- ମାଟି ଖୋଳି ପତ୍ନୀ ମୃତଦେହ ସହ ଦମ୍ପତିଙ୍କର କରାଗଲା ବ୍ୟବଚ୍ଛେଦ
- ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ



ସୂଚନାନୁଯାୟୀ, ପ୍ରମିଳା ବାରିକ(୪୦)ଙ୍କ ଦେହ ଅସୁସ୍ଥ ହୋଇଥିଲା। ତାଙ୍କ ଆଖିକୁ ଦେଖା ନ ଯିବା ସହ ପାଟି ଶୁଖିଯାଉଥିଲା। ପରିବାର ଲୋକେ ଗୁରୁବାର ସକାଳେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହକୁ ମାଟିରେ ପୋତି ସତ୍କାର କରାଯାଇଥିଲା। କିନ୍ତୁ ଗୁରୁବାର ରାତିରେ ସେହି ଘରେ ମୃତ ପ୍ରମିଳାଙ୍କ ସ୍ୱାମୀ ପରମାନନ୍ଦ ବାରିକ (୪୭) ଶୋଇଥିଲେ। ଶୁକ୍ରବାର ସକାଳୁ ପରମାନନ୍ଦଙ୍କର ସମାନ ଲକ୍ଷଣ ଦେଖାଯିବା ସହ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ତିହିଡ଼ି ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ଯିବା ବାଟରେ ସେହିଦିନ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପରମାନନ୍ଦଙ୍କ ମୃତଦେହ ଅଣାଯାଇଥିଲା। ତେବେ ଏହା ସାପକାମୁଡ଼ା ଲକ୍ଷଣ ହୋଇଥିଲାବେଳେ ପରମାନନ୍ଦଙ୍କ ମାଟି ଘରଟି ବନ୍ୟାପାଣି ଘେରରେ ରହିଛି। ଶୋଇବା ଘରେ ଏକାଧିକ ଗାତ ରହିଛି। ତେଣୁ ସର୍ପାଘାତରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ ତାଙ୍କ ସମ୍ପର୍କୀୟମାନେ। ଏନେଇ ପୀରହାଟ ପୁଲିସକୁ ଖବର କରିଥିଲେ। ଏହି ଘଟଣାରେ ମୃତ ପ୍ରମିଳାଙ୍କ ମୃତଦେହକୁ ଖୋଳି ଅଣାଯାଇଥିଲା। ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦମ୍ପତିଙ୍କ ଶବ ବ୍ୟବଚ୍ଛେଦ ଶନିବାର କରାଯାଇଥିଲା। ତେବେ ଏହି ଦମ୍ପତିଙ୍କ ମୃତ୍ୟୁରେ ତାଙ୍କ ପରିବାର ବେସାହାରା ହୋଇପଡ଼ିଛି। ତାଙ୍କର ୨ ପିଲା ଓ ବୃଦ୍ଧ ବାପା-ମାଆ ଅସହାୟ ହୋଇ ପଡ଼ିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ହୀରାକୁଦ ଜଳସ୍ତର ୬୨୭.୬୦ ଫୁଟ୍, ୪ ଗେଟ୍ ଖୋଲା

ସମ୍ବଲପୁର, ୫।୯ (ସମିସ): ହୀରାକୁଦ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବାପରେ ଆଜି ପୂର୍ବାହ୍ଣ ୧୦ଟା ୪୦ ମିନିଟ ସମୟରେ ୩ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ନଦୀବନ୍ଧର ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୭.୬୦ ଫୁଟ୍ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୬୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୩୭,୭୬୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୯,୬୪୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୦୨୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୬୦୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୭୯୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୪,୫୫୬ କ୍ୟୁସେକ୍, ଖଇରମାଳଠାରେ ୨,୦୨,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୮୪,୨୩୮ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୯୮,୯୭୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୫୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୪୫ ମିମି ବର୍ଷା ରେକର୍ଡ କରାଯାଇଛି।

## ସାପ କାମୁଡ଼ିବା ପରେ ସାପକୁ ଧରି ଡାକ୍ତରଖାନାରେ ୨ ଯୁବକ





ଉଦଳା / କରଞ୍ଜିଆ / ଶୁକ୍ଳି, ୫।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦୁଇ ଦିନରେ ଦୁଇଟି ସାପ କାମୁଡ଼ା ଘଟଣାରେ ଆହତ ପୃଥକ ଯୁବକ ସାପକୁ ଧରି ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମ ଘଟଣାରେ ଉଦଳା ଉଠା ଜଳସେଚନ କାର୍ଯ୍ୟାଳୟରେ କାମ କରୁଥିବା ମୋଚିରାମ ଟୁଡୁ ଶୁକ୍ରବାର ରାତିରେ ଅଫିସ୍ ରୁମ ଭିତରେ ବସିବାକୁ ଯାଇଥିଲେ। ତେବେ ଚେୟାରରେ ବସିବା ସମୟରେ ତଳେ ଥିବା ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ମୋଚିରାମ ଉକ୍ତ ସାପକୁ ଧରିବା ସହିତ ମାରିଦେଇଥିଲେ। ସଙ୍ଗେ ସଙ୍ଗେ ସାପକୁ ଏକ ପଲିଥିନରେ ପୂରାଇ ତାହାକୁ ସାଇକଲରେ ଟାଙ୍ଗି ଉଦଳା ମେଡିକାଲରେ ପହଞ୍ଚିଥିଲେ। ସାପକୁ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମୋଚିରାମଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି । ଅନ୍ୟଏକ ଘଟଣାରେ ଶୁକ୍ଳି ବ୍ଲକର ସିଙ୍ଗଡ଼ା ଗ୍ରାମର ରାଜେନ୍ଦ୍ର ଲୋହାର ଘର କାମ କରିବା ସମୟରେ ଏକ ସାପ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ସେ ସାପ ଚିହ୍ନଟ ପୂର୍ବକ ଡାକ୍ତରୀ ଚିକିତ୍ସା ପାଇଁ ସାପକୁ ଡବାରେ ପୂରାଇ ଏକ ଅଟୋ ସାହାଯ୍ୟରେ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚିଥିଲେ। ବର୍ତ୍ତମାନ ରାଜେନ୍ଦ୍ର ଚିକିତ୍ସାଧୀନ ଅଛନ୍ତି। ଉପରୋକ୍ତ ଦୁଇଟି ଘଟଣା ଯେତିକି ଚର୍ଚ୍ଚାର ବିଷୟ ସାଜିଛି, ବର୍ଷା ଓ ବନ୍ୟା ପରେ ମୟୂରଭଞ୍ଜ ଜିଲ୍ଲାରେ ସାପ ଭୟ ସେତିକି ବୃଦ୍ଧି ପାଇଛି।

### ଗାଡ଼ି ଧକ୍କାରେ ଚାଷୀ ମୃତ

ସାନଖେମୁଣ୍ଡି, ୫।୯ (ସମିସ): ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ପାଟପୁର ଥାନା ଅଧୀନସ୍ଥ ଧରମପୁର ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ଚାଷି ଜଣଙ୍କ ହେଲେ ଧରମପୁର ଗ୍ରାମର ସାହେବ ଗୌଡ଼। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି।

## ବନ୍ୟା ପରବର୍ତ୍ତୀ ପରିସ୍ଥିତିରେ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ରଖିବାକୁ ଗୁରୁତ୍ୱ

### ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଅଧିକାରୀଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର, ୫।୯ (ସମିସ): ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ନିର୍ଦ୍ଦେଶକ, ଡିନ୍ ଓ ଅଧୀକ୍ଷକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବର୍ତ୍ତମାନର ବନ୍ୟା ପରବର୍ତ୍ତୀ ପରିସ୍ଥିତିରେ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟସେବାର ପ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଓ ରୋଗ ପ୍ରତିରୋଧମୂଳକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ, ଜଳଜନିତ ରୋଗର ନିରାକରଣ ପାଇଁ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ, ଔଷଧର ଉପଲବ୍ଧତା ଓ ସ୍ଥିତି ନିୟମିତ ଭାବେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ହସ୍ପିଟାଲଗୁଡ଼ିକର ଅଗ୍ନିନିରାପତ୍ତା ବ୍ୟବସ୍ଥାର ପୁନଃସମୀକ୍ଷା, ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ଆଇସିୟୁ ସେବାକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଆୟୁଷ୍ମାନ କାର୍ଡ ବଣ୍ଟନର ଅଗ୍ରଗତି, ରୋଗୀ ଓ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନର ପ୍ରଗତି ଏବଂ ରୋଗୀମାନଙ୍କୁ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ସୁନିଶ୍ଚିତ କରିବା ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ମାତୃମୃତ୍ୟୁ ହାର ହ୍ରାସ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।


### ନିଶା ଦେଇ ବସ୍ ଯାତ୍ରୀଙ୍କୁ ଲୁଟ୍

## ସୋର ପରିବର୍ତ୍ତେ ବାରିପଦାରେ ପହଞ୍ଚିଲେ, ଆଇସିୟୁରେ ଭର୍ତ୍ତି

ବାରିପଦା, ୫।୯ (ସମିସ): ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ପୁଣି ସକ୍ରିୟ ହୋଇଛି ନିଶା କାରବାର ଗ୍ୟାଙ୍ଗ୍। ଜଣେ ଅସୁସ୍ଥ ଯାତ୍ରୀଙ୍କୁ ଖାଦ୍ୟରେ ନିଶା ଦେଇ ସର୍ବସ୍ୱ ଲୁଟିନେବା ସହ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଛାଡ଼ି ପଳାଇଛି ଦୁର୍ବୃତ୍ତ। ଦୁର୍ବୃତ୍ତ ତାଙ୍କୁ ଖାଦ୍ୟ ଓ ପାନୀୟରେ ନିଶା ଦେଇ ସୁନା ମୁଦି, ମୋବାଇଲ ଓ ଟଙ୍କା ପର୍ସ ଲୁଟି ନେଇଥିବାବେଳେ ଯୁବକ ସୋର ଅଞ୍ଚଳର ବିଶ୍ୱରଞ୍ଜନ ଦାସ ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାର ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି।



ଶୁକ୍ରବାର ରାତି ପ୍ରାୟ ୯ଟା ୩୫ ମିନିଟରେ ଭୁବନେଶ୍ୱର ଜୟଗୁରୁ କାଉଣ୍ଟରରୁ 'ସଂକଳ୍ପ' ନାମକ ବସରେ ଉକ୍ତ ଯାତ୍ରୀ ଜଣକ ବାଲେଶ୍ୱର ଜିଲ୍ଲା ସୋର ଯିବା ପାଇଁ ବସିଥିଲେ। ସେ ପୂର୍ବରୁ ଜଣ୍ଡିସ ରୋଗରେ ଆକ୍ରାନ୍ତ ଥିବାରୁ ଶାରୀରିକ ଭାବେ ଦୁର୍ବଳ ଥିଲେ। ମଧ୍ୟପ୍ରଦେଶରୁ ତାଙ୍କ ପିଛା କରୁଥିବା ଜଣେ ଅଜଣା ଯୁବକ, ଯିଏ କି ଦୀଘାର ଏକ ହୋଟେଲରେ କାମ କରୁଥିବା କହି ବିଶ୍ୱାସ ଜନ୍ମାଇଥିଲା ଓ ତାଙ୍କ ସହ ସମାନ ବସରେ ଚଢ଼ିଥିଲା। ଯାତ୍ରା ସମୟରେ ଉକ୍ତ ଯୁବକ ଲିଙ୍କରୋଡ୍ ନିକଟରେ ବସରୁ ଓହ୍ଲାଇ ଅମୂଲ କୁଲ୍ ଓ ସୁଗରଫ୍ରୀ ବିସ୍କୁଟ କିଣି ଆଣି ଅସୁସ୍ଥ ଯାତ୍ରୀଙ୍କୁ ଖାଇବାକୁ ଦେଇଥିଲା। ଖାଇବାର କିଛି ସମୟ ପରେ ମଙ୍ଗୁଳି ନିକଟରେ ସେ ସମ୍ପୂର୍ଣ୍ଣ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ରାତି ପ୍ରାୟ ଗୋଟାଏରୁ ଦୁଇଟା ମଧ୍ୟରେ ସୋରରେ ଓହ୍ଲାଇବାର ଥିଲା। ଅଚେତ ଅବସ୍ଥା ଦେଖି ନିଶାଗ୍ରସ୍ତ ମନେକରି ବସ କର୍ମଚାରୀ ତାଙ୍କୁ ସାରସକଣା ପର୍ଯ୍ୟନ୍ତ ନେଇଯାଇଥିଲେ। ଫେରିବା ବାଟରେ ବାରିପଦାରେ ଛାଡ଼ି ଦେଇଥିଲେ। ପରେ ଅଚେତ ଅବସ୍ଥାରେ ସେ ଜଣେ ଅଟୋ ଚାଳକଙ୍କ ସହାୟତାରେ ନିଜ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ବୃତ୍ତମାନେ ତାଙ୍କଠାରୁ ନଗଦ ୨୦ରୁ ୨୫ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଓ ସୁନା ମୁଦି ଲୁଟି ନେଇଥିବା ଜଣାପଡ଼ିଛି। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ୨୪ ଘଣ୍ଟା ଅବଜରଭେସନରେ ରଖାଯାଇଛି ଓ ଆବଶ୍ୟକ ପଡ଼ିଲେ କଟକ ସ୍ଥାନାନ୍ତର କରାଯାଇପାରେ ବୋଲି ଡାକ୍ତର କହିଛନ୍ତି। ଯୁବକଙ୍କ ଦାଦା କହିଛନ୍ତି, ଯାତ୍ରୀ ବସରେ ଚଢ଼ିବା ପରେ ତାଙ୍କ ସୁରକ୍ଷାର ସମ୍ପୂର୍ଣ୍ଣ ଦାୟିତ୍ୱ ବସ କର୍ତ୍ତୃପକ୍ଷଙ୍କ ଉପରେ ଥାଏ। ବାଲେଶ୍ୱର ପାଖରେ ଯୁବକ ଅଚେତ ଥିବା ଜାଣିବା ସତ୍ତ୍ୱେ ବସ କର୍ମଚାରୀ କାହିଁକି ପୁଲିସକୁ ଖବର ଦେଲେ ନାହିଁ କିମ୍ବା ଡାକ୍ତରଖାନାରେ ଭର୍ତ୍ତି କଲେ ନାହିଁ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବସ ମାଲିକ ଓ କର୍ମଚାରୀଙ୍କ ଏଭଳି ବେପରୁଆ ମନୋଭାବ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲୁଟେରାଙ୍କୁ ତୁରନ୍ତ ଧରିବା ପାଇଁ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।



ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ଦାବି

# ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀଙ୍କ ସହ ଆଲୋଚନା



ଅନୁଗୋଳ, ୫।୯ (ସମିସ): ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରେ ଲାଗିଛି। ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ପାଇଁ ଶନିବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ସ୍ଥାନାନ୍ତର କରି ଏହାର ସମସ୍ତ ଜମି ଚିକିତ୍ସାଳୟକୁ ହସ୍ତାନ୍ତର, ଚିକିତ୍ସାଳୟରେ ଡ୍ରେନଜର ସୁବ୍ୟବସ୍ଥା କରିବା, ଚିକିତ୍ସାଳୟକୁ ଆସୁଥିବା ସୁପର ସ୍ପେଶିଆଲିଟି ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ରୋଗୀସେବା ଯୋଗାଇଦେବା, ଜିଲ୍ଲାର ସମସ୍ତ ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର, ନର୍ସ ପଦବୀ ପୂରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ବର୍ଣ୍ଣ ୟୁନିଟ, ଇକୋ ମେସିନ୍ ସ୍ଥାପନ, ନିରାମୟରେ ସମସ୍ତ ଔଷଧ ଯୋଗାଇଦେବା ପ୍ରଭୃତି ଦାବି ସମ୍ପର୍କରେ ଆଲୋଚନ ହୋଇଥିଲା। ଆଇସିୟୁ, ବର୍ଣ୍ଣ ୟୁନିଟ, ଇକୋ ମେସିନ୍ କାର୍ଯ୍ୟକ୍ଷମ ହୋଇଛି। କୁକୁଡ଼ା ଫାର୍ମର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ଡ୍ରେନେଜର ସୁବ୍ୟବସ୍ଥା ପାଇଁ ପିଡବ୍ଲ୍ୟୁଡିକୁ ଅର୍ଥ ପ୍ରଦାନ କରାଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲା ଖଣିଜ ପାଣ୍ଠିରୁ ଡାକ୍ତର ନିଯୁକ୍ତି ଦିଆଯାଇଛି। ଯେଉଁଠି ଅଭାବ ରହିଛି, ନୂଆ ଡାକ୍ତର ନିଯୁକ୍ତି ହେଲେ ଯୋଗାଇଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ନିରାମୟରେ ଔଷଧ ଯୋଗାଇ ଦିଆଯାଉଛି, ଯାହା ମିଳୁନାହିଁ ତାହାକୁ ଯୋଗାଇଦେବା ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାରେ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା କମିଟିର ଆବାହକ ଅଭିମନ୍ୟୁ ସ୍ୱାଇଁ, ପଠାଣି ବରିହା, ତୀର୍ଥବାସୀ ଭୋଇ, ନିରୋଦ ପାଲ, ତ୍ରିଲୋଚନ ଜେନା, ହେମନ୍ତ କୁମାର ଦାସ, ରବୀନ୍ଦ୍ର ବେହେରା, ବେଣୁଧର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ରେଙ୍ଗାଲି ଡ୍ୟାମରେ ବୁଡ଼ି ଯୁବକ ମୃତ

କଣିହାଁ, ୫।୯ (ସମିସ): ରେଙ୍ଗାଲି ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଜଳଭଣ୍ଡାର ନିଷିଦ୍ଧାଞ୍ଚଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡ୍ୟାମ ଅଞ୍ଚଳର ସୁମନ ବାରିକ (୨୮)। ସୁମନ ଜଳଭଣ୍ଡାର ନିଷିଦ୍ଧାଞ୍ଚଳକୁ ମାଛ ଧରିବାକୁ ଯାଇଥିଲେ। ତେବେ ଅସାବଧାନତାବଶତଃ ଗଭୀର ଜଳରେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରେଙ୍ଗାଲି ଡ୍ୟାମର ନିଷିଦ୍ଧାଞ୍ଚଳରେ ପୂର୍ବରୁ ମଧ୍ୟ ବୁଡ଼ି ମୃତ୍ୟୁ ଘଟଣା ଘଟିଛି। ଏହାସତ୍ତ୍ୱେ ନିଷିଦ୍ଧାଞ୍ଚଳରେ ଲୋକଙ୍କ ପ୍ରବେଶ ରୋକିବା ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଦିଗରେ ପୁଲିସ ଓ ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଜଗନ୍ନାଥପୁର ଗ୍ରାମରୁ ଶ୍ରୀକ୍ଷେତ୍ର ପୁରୀ



ତାଳଚେର, ୫।୯ (ସମିସ): ତାଳଚେର ବ୍ଲକ ଜଗନ୍ନାଥପୁର ଗ୍ରାମର ଘନଶ୍ୟାମ ମହାପାତ୍ର (୪୩) ସାଂସାରିକ ଜୀବନ ପରିତ୍ୟାଗ କରି ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ମଗ୍ନ ହୋଇଛନ୍ତି। ସେ କହିଛନ୍ତି ଯେ ମହାପ୍ରଭୁ ତାଙ୍କ ସେବା କରିବାକୁ ସ୍ୱପ୍ନାଦେଶ କରିଥିଲେ। ସେହିଦିନଠାରୁ ସେ ପ୍ରଭୁଙ୍କ ସେବାରେ ଲାଗିପଡ଼ିଛନ୍ତି। ପ୍ରତ୍ୟେକ ଶନିବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସେ ଘରଘର ବୁଲି ଠାକୁରଙ୍କ ପାଇଁ ତୁଳସୀ, ଫଳମୂଳ ଆଦି ସଂଗ୍ରହ କରି ଶୁକ୍ରବାର ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଅର୍ପଣ କରୁଛନ୍ତି। ତାଳଚେରରୁ ପୁରୀ ପ୍ରାୟ ୨ଶହ କିମି ହୋଇଥିଲେ ହେଁ ଏହାକୁ ଅତିକ୍ରମ କରିବାକୁ ତାଙ୍କୁ ୫କିମି ପରି ଲାଗିଥାଏ ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି। ଯାତ୍ରା ସମୟରେ କୌଣସି ବାଧାବିଘ୍ନ ଜଣାପଡ଼ି ନ ଥାଏ। ମହାପ୍ରଭୁ ତାଙ୍କୁ ଏକ ଅଲୌକିକ ଶକ୍ତି ପ୍ରଦାନ କରିଥିବା ସେ ଅନୁଭବ କରୁଛନ୍ତି। ଯେଉଁ ଭକ୍ତମାନେ କାଳିଆ ସାଆନ୍ତଙ୍କ ସେବା ପାଇଁ ତୁଳସୀ, ଫଳମୂଳ ଇତ୍ୟାଦି ଦେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି, ତାଙ୍କୁ ୬୩୭୦୯୦୪୩୩୪ ନମ୍ବରେ ଯୋଗାଯୋଗ କରିବାକୁ ଘନଶ୍ୟାମ କହିଛନ୍ତି।

## ଉଦ୍ୟାନ କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



କିଶୋରନଗର, ୫।୯ (ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବିଭାଗୀୟ ନିର୍ଦ୍ଦେଶ କ୍ରମେ ଉଦ୍ୟାନ କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍ୟାନ କୃଷି କିପରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ପରେ କାର୍ଯ୍ୟରେ ଆସିପାରିବ ସେ ସମ୍ପର୍କରେ ଉଦ୍ୟାନ କୃଷି ଅଧିକାରୀ ନିଶିପ୍ରଭା ବେହେରା ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରୁ ଆରମ୍ଭ କରି ସମସ୍ତ ଚାଷ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଫୁଲ, ଫଳ, ଛତୁ, ମହୁ, ପନିପରିବା ଆଦି ଚାଷ ପାଇଁ ଥିବା ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ବୀଣାପାଣି ସାହୁ, ତରଣୀସେନ ସାହୁ ମଞ୍ଚାସୀନ ଥିଲେ। ବାଦଲ ଓ ବିଭୂତି ସହଯୋଗ କରିଥିଲେ।

## ସୁଦୀପ ମିଶ୍ର ଓପିସିସି ସମ୍ପାଦକ ନିଯୁକ୍ତ



ଅନୁଗୋଳ, ୫।୯ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକା ଅର୍ଜୁନ ଖଡ଼ଗେଙ୍କ ଅନୁମୋଦନ କ୍ରମେ ସୁଦୀପ୍ ମିଶ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ୪ ତାରିଖ ମଧ୍ୟରାତ୍ରରେ ଏକ ପ୍ରେସ ବିଜ୍ଞପ୍ତି ଦ୍ୱାରା ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେନୁଗୋପାଲ ସୁଦୀପଙ୍କୁ ଏହି ନିଯୁକ୍ତି ମିଳିଥିବା ସୂଚନା ଦେଇଛନ୍ତି।

ପୂର୍ବରୁ ସୁଦୀପ ଅନୁଗୋଳ ନଗର କଂଗ୍ରେସ ସଭାପତି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ମୁଖପାତ୍ର, ଜିଲ୍ଲା ଯୁବ ଶ୍ରମିକ କଂଗ୍ରେସ ସଭାପତି, ଜିଲ୍ଲା ରାଜୀବ ଗାନ୍ଧୀ ଛାତ୍ର ସଂଗଠନ ସଭାପତି ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ତୁଲାଇବା ପରେ ତାଙ୍କୁ ଓପିସିସି ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ପାଇଁ ସେ ଓପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଲାଲାଜି ଦେଶାଇ, ରାଜ୍ୟ କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ ସରୋଜ ପ୍ରଧାନ, ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ସସ୍ମିତା ବେହେରା, ଅନୁଗୋଳ ଜିଲ୍ଲା କଂଗ୍ରେସ କର୍ମୀ ଓ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲ୍ଲାର ସାମାଜିକ ଓ ମୌଳିକ ସମସ୍ୟା ସମାଧାନ ପାଇଁ କେବଳ ବିପ୍ଳବୀ ଆନ୍ଦୋଳନ ମାଧ୍ୟମରେ ହକ୍ ମିଳିପାରିବ ଏବଂ ସେ ଦିଗରେ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କାରାଯିବ ବୋଲି ସୁଦୀପ ପ୍ରତିକ୍ରିୟା ରଖିଛନ୍ତି।

## ନାବାଳିକାଙ୍କୁ ଅପହରଣ ଓ ନିର୍ଯାତନା ଘଟଣା / ପୀଡ଼ିତାଙ୍କ ମାଆ ସମେତ ୨ ଗିରଫ

ପାଲଲହଡ଼ା, ୫।୯ (ସମିସ): ନାବାଳିକାଙ୍କୁ ଅପହରଣ ତଥା ନିର୍ଯାତନା ଘଟଣାରେ ପାଲଲହଡ଼ା ଥାନା ପୁଲିସ ଅଭିଯୋଗକାରିଣୀ ତଥା ଅପହୃତା ନାବାଳିକାଙ୍କ ମାଆ ସମେତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖୋଦ୍ ଅଭିଯୋଗକାରିଣୀ ତଥା ପାଲଲହଡ଼ା ଥାନା ରଞ୍ଜ ଗ୍ରାମର ସୁଲୋଚନା ଦେହୁରୀ (୪୬) ଏବଂ ଢେଙ୍କାନାଳ ସଦର ଥାନା ତାମଣ୍ଡା ଗ୍ରାମର ସୁନୀଲ ଶଙ୍କର୍ଷଣ ମାଝିଙ୍କ ପୁଅ ସୁନୀଲ କୁମାର ମାଝି। ଶନିବାର ଉଭୟଙ୍କୁ ଅନୁଗୋଳ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି।

ଗତ ଜୁଲାଇ ୧୪ ତାରିଖ ସୁଲୋଚନା ତାଙ୍କ ନାବାଳିକା ଝିଅକୁ ଅପହରଣ କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଖୁବ୍ କମ ସମୟ ମଧ୍ୟରେ ପୁଲିସ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା। ପରେ ନାବାଳିକାଙ୍କ ଡାକ୍ତରୀମାଇନା ଓ ବୟାନ ରେକର୍ଡ କରାଯାଇଥିଲା। ନାବାଳିକାଙ୍କ ବୟାନ ଆଧାରରେ ଜୁଲାଇ ୧୬ ତାରିଖ ପୁଲିସ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ପୁଣ୍ଡୁରୀ ଗ୍ରାମର ରଞ୍ଜନ କୁମାର ସାହୁ (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ପୀଡ଼ିତାଙ୍କ ବୟାନ ସମ୍ପୂର୍ଣ୍ଣ ଘଟଣାର ମୋଡ଼ ବଦଳାଇ ଦେଇଥିଲା। ତଦନ୍ତ ଆଗକୁ ବଢ଼ିବା ଏବଂ ପୀଡ଼ିତାଙ୍କ ବିସ୍ତୃତ ବୟାନ ଆଧାରରେ ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ଏପରିକି ଅଭିଯୋଗକାରିଣୀ ସୁଲୋଚନା ଖୋଦ୍ ଏହି କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପରେ ପୁଲିସ ସୁଲୋଚନା ଓ ସୁନୀଲଙ୍କୁ ଗିରଫ କରିଛି। ଅନୁଗୋଳ ଆଇୟୁସିଏଡବ୍ଲ୍ୟୁଇ ଡିଏସପି ଲଳିତା ଲାକ୍ରା ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦାୟିତ୍ୱ ତୁଲାଉଛନ୍ତି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ




ଅନୁଗୋଳ

ଆଠମଲ୍ଲିକ, ୫।୯ (ସମିସ): ଆଠମଲ୍ଲିକ ବ୍ଲକ ଅଏଡ଼ାସ୍ଥିତ ସମାଧାନ ଶିକ୍ଷା ନିକେତନରେ ନନ୍ଦ ଉତ୍ସବ ପାଳିତ ହୋଇଛି। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ଗୋପପୁରର ପାରମ୍ପରିକ ପରମ୍ପରାକୁ ସ୍ମରଣ କରି ଆୟୋଜିତ ଏହି ଉତ୍ସବରେ ଛାତ୍ରଛାତ୍ରୀମାନେ ରାଧା, କୃଷ୍ଣ, ଗୋପୀ ଓ ଗୋପାଙ୍ଗନା ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ପରିଚାଳନାରେ ସଫଳତାର ସହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପଦେଷ୍ଟା ଅରବିନ୍ଦ ଖେତି, ଉପାଧ୍ୟକ୍ଷା ପ୍ରଭାତ ନଳିନୀ ଖେତି, ଗୁରୁଜୀ ନରହରି ପ୍ରଧାନ, ଗୁରୁମା ଅନିତା ଖେତି, ସୁଜାତା ନାୟକ, ଅନିତା ବିଶ୍ୱାଳ, ସଞ୍ଜିତା ଜେନା ଓ ନିରୁପମା ସାହୁ ସହଯୋଗ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

**ଅନୁଗୋଳ:** ଅନୁଗୋଳ ସହର ହାଟଛକସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ଭାଇଭଉଣୀମାନେ ଶ୍ରୀକୃଷ୍ଣ, ରାଧା, ବସୁଦେବ, ଦେବକୀ, ରୁକ୍ମଣୀ, ମୀରା, ଯଶୋଦା, ନନ୍ଦରାଜା, କଂସ ମହାରାଜା ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇ ଅଞ୍ଚଳ ପରିକ୍ରମା କରିଥିଲେ। ପରେ ପ୍ରଧାନ ଆଚାର୍ଯ୍ୟା ନିରୁପମା ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏକ ଅଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ରତ୍ନାକର ଭୋଇ, ବିଦ୍ୟାମନ୍ଦିର ସଭାପତି ସୁଶାନ୍ତ କୁମାର ସାହୁ, ସମାଜସେବୀ ଦୁର୍ଯ୍ୟୋଧନ ବେହେରା, ଅଭୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାବତରଣ ଓ ତାଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ପରେ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ସୁନୀଲ କୁମାର କର, ରାମଚନ୍ଦ୍ର ଭୋଇ, ଚନ୍ଦନ ସାହୁ, ଗୁରୁମା ଲିଲି ବେହେରା, ବିନୋଦିନୀ ଦାଶ, ବନ୍ଦନା ତ୍ରିପାଠୀ, ଲିପ୍ସା ପ୍ରିୟଦର୍ଶିନୀ, କବିତା ଶତପଥୀ, ସଞ୍ଜୁକ୍ତା ଭୋଇ, ଜ୍ୟୋସ୍ନାରାଣୀ ପ୍ରଧାନ, ଇତିଶ୍ରୀ ମାଝୀ, ଶୁଭଶ୍ରୀ ସାହୁ, ସ୍ୱର୍ଣ୍ଣପ୍ରଭା କର, ଲୋପାମୁଦ୍ରା ସାହୁଙ୍କ ସମେତ ଆୟା ମଞ୍ଜୁଲତା ଦେହୁରୀ, ପୁଷ୍ପ ଭୋଇ, ଗାଡ଼ି ଚାଳକ ସାଗର ଭୁକ୍ତା, ଚଗୁଲୁ ଗଡ଼ନାୟକ, ଦିଲୀପ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ଗୁରୁଦିବସରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା


ତାଳଚେର


କିଶୋରନଗର


ବଣ୍ଟରପାଳ


ବଇଣ୍ଡା

ତାଳଚେର, ୫।୯ (ସମିସ): ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ଶନିବାର ୨୪ତମ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ଦେଉଳବେଡ଼ାସ୍ଥିତ ଡିସିଆଇ ହଲରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଗୁରୁଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଏ। ଏଥିସହ ଉପଖଣ୍ଡର ମେଧାବୀ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ମଧ୍ୟ ସମ୍ମାନିତ କରାଯାଇଥାଏ। ଏହି କ୍ରମରେ ଶନିବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲାର ଅବସରପ୍ରାପ୍ତ ପ୍ରଫେସର ମଦନ ମୋହନ ମହଲା ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା ଯୁଗେ ଯୁଗେ ରହିଛି ଓ ଏହାକୁ ବଜାୟ ରଖିଥିବାରୁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଉପେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟକ୍ଷ ସରୋଜ ପ୍ରଧାନ ବିବରଣୀ ପାଠ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ସାହୁ, ଜିଲ୍ଲାପରିଷଦ ସଦସ୍ୟା ରୀତାରାଣୀ ଦାସ, ମୁରଲୀଧର ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସଞ୍ଜୟ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଦସ୍ୟ ଯୁବନେତା ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଗୁରୁବନ୍ଦନା ଗାନ କରାଯାଇଥିଲା। ପୂର୍ବତନ ସାଂସଦ ମହେଶ ସାହୁଙ୍କ ଶିକ୍ଷାଗୁରୁ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

**କିଶୋରନଗର:** କିଶୋରନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳନ କରାଯାଇଛି। ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୋହଲି ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଧାନଶିକ୍ଷକ ପ୍ରଦୀପ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିବନ୍ଧୁ ପ୍ରଧାନ, ବିଜନ କୁମାର ତ୍ରିପାଠୀ, ଶିବରାମ ଦାସ, ସୁଦାମ ଚରଣ ପ୍ରଧାନ, ରଘୁନାଥ ବିଶ୍ୱାଳଙ୍କୁ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଝାମ୍ପୁଲି ପ୍ରାଥମିକ ସ୍କୁଲରେ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଦିଗେନ ପ୍ରଧାନ, ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ସାହୁ, ବିମଳା ସାହୁ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବିଶ୍ୱାଳଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଣିଆକଟା ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ପ୍ରଧାନ, ରବୀନ୍ଦ୍ରନାଥ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ବଣ୍ଟରପାଳ:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୁଢ଼ାପଙ୍କ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିଶିର କୁମାର ପାଳ ଯୋଗଦେଇ ଗୁରୁଦିବସ ପାଳନର ମହତ୍ତ୍ୱ ଓ ଗୁରୁଶିଷ୍ୟ ପରମ୍ପରା ବିଷୟରେ ଶିଶୁମାନଙ୍କୁ ଉଦବୋଧନ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ର ଆୟୁଷ ନାୟକ, ଛାତ୍ରୀ ସୁଦେଷ୍ଣା ସିଂହ, ବର୍ଷା ପ୍ରୟଦର୍ଶିନୀ ପ୍ରଧାନ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ବିଷୟରେ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ତନ୍ମୟ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ଆଚାର୍ଯ୍ୟ ମାନସ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବଇଣ୍ଡା:** ହଣ୍ଡପା ହାଇସ୍କୁଲ ପରିସରରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ପ୍ରଧାନ, ପ୍ରମୋଦ ଚନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ମାଝୀ, ବିପିନୀ ବିହାରୀ ସାମଲ ନିମନ୍ତ୍ରିତ ଗୁରୁ ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକିଷ୍ଣନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଦୟାନିଧି ସାହୁ, ଦିଲୀପ କୁମାର ସାହୁ, ଜ୍ୟୋସ୍ନାମୟୀ ବେହେରା, ମିନତୀ ପ୍ରଧାନ, ରତ୍ନରାଣୀ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ଜ୍ୟୋତିର୍ମୟୀ ମହାନ୍ତି, ଶୀତିକଣ୍ଠ ପାଣିଗ୍ରାହୀ, ଜିତେନ ପ୍ରଧାନ, ଅଭୟ କୁମାର ସାହୁ, ଲକ୍ଷେଶ୍ୱର ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଗୁରୁଦିବସର ତାତ୍ପର୍ଯ୍ୟ ଓ ଗୁରୁଶିଷ୍ୟ ସମ୍ପର୍କର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ ଓ ଜୟକୃଷ୍ଣ ପ୍ରଧାନ ରାଧାକିଷ୍ଣନଙ୍କ ଜୀବନାଦର୍ଶ ଉପରେ ଅଭିଭାଷଣ ରଖିଥିଲେ। ଛାତ୍ରୀ ଚିନ୍ମୟୀ ସାହୁ, ଗାୟତ୍ରୀ ଦେହୁରୀ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଭଗବତୀ ନାଏକ ଓ ତୃପ୍ତିମଞ୍ଜରୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସମ୍ବିତ ଲୋଇ ଗୁରୁବନ୍ଦନା ଗାନ କରିଥିଲେ। ଅଧ୍ୟାପକ ପୁରୁଷୋତ୍ତମ ସାହୁ, ଗ୍ରନ୍ଥାଗାରିକ ଗୋବର୍ଦ୍ଧନ ପ୍ରଧାନ, ଅମ୍ବିକା ବେହେରା, ମମିତା ସାହୁ, ହେମାମାଳିନୀ ସାହୁ, ଆକାଶ ଧଳ, ଅଭିଜିତ ପ୍ରଧାନ ମଞ୍ଚାସୀନ ଥିଲେ। ଛାତ୍ରୀ ବିଷ୍ଣୁପ୍ରିୟା ପ୍ରଧାନ ଓ ପ୍ରଜ୍ଞା ପାରମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ସନାତନ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ସଭାପତି ଶରତ ଚନ୍ଦ୍ର ପ୍ରଧାନ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଦଶମ ଶ୍ରେଣୀର ଛାତ୍ର ଅଭିମନ୍ୟୁ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଅଂଶୁମାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା, ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନଙ୍କ ସମତେ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅନୁଗୋଳ

**ଅନୁଗୋଳ:** ଶନିବାର ପୂର୍ବାହ୍ନରେ ବାସନ୍ତୀ ପାଠାଗାରଠାରେ ଅନୁଗୋଳ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଗୁରୁଦିବସ ପାଳିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ସଂଘ ଉପଦେଷ୍ଟା ପ୍ରଦୀପ କୁମାର ଦେବତା ମୁଖ୍ୟଅତିଥି ରୂପେ ଯୋଗଦେଇ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ତଥା ବିଶିଷ୍ଟ ଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସେ ଉପସ୍ଥିତ ଖେଳାଳିମାନଙ୍କୁ ସମାଜରେ ଗୁରୁଙ୍କ ଭୂମିକା ଓ ଡ. ରାଧାକ୍ରିଷ୍ଣନ୍‌ଙ୍କ ଦାର୍ଶନିକ ଚିନ୍ତାଧାରା, ଶିକ୍ଷାର ବିକାଶ ପାଇଁ ତାଙ୍କ ବହୁମୂଲ୍ୟ ପରାମର୍ଶ ଉପରେ ଆଲୋକପାତ କରିଥିଲେ। ସଂଘର ପ୍ରତିଷ୍ଠାତା ତଥା କୋଚ୍ ଦୁଷ୍ୟନ୍ତ କୁମାର ନାଥ ଗୁରୁଙ୍କ ପରାମର୍ଶ ମାନି ଖେଳରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।

### ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ କେନ୍ଦ୍ରାପଡ଼ା ଗସ୍ତ

# ସରକାରୀ ଯୋଜନାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୫।୯(ସମିସ)



ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଆଶୁତୋଷ ପାଇକରାୟ ଶନିବାର ଦିନକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଛନ୍ତି। ଏ ଅବସରରେ ସେ ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଭାବଶାଳୀ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ସାମାଜିକ ଗଣମାଧ୍ୟମର ସୁବିନିଯୋଗ କରି ସରକାରୀ ଯୋଜନା ଓ ଜନହିତକର ପଦକ୍ଷେପ ସମ୍ପର୍କରେ ଅଧିକରୁ ଅଧିକ ଲୋକଙ୍କୁ ଅବଗତ କରାଇବାକୁ ସେ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଉପନିର୍ଦ୍ଦେଶକ ବିଭିନ୍ନ ରେଜିଷ୍ଟର, ଫାଇଲ ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ କାର୍ଯ୍ୟାଳୟର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ପ୍ରଶାସନ ଓ ସାମ୍ବାଦିକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସରକାରୀ କାର୍ଯ୍ୟକ୍ରମର ସଠିକ୍ ତଥ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଇଣ୍ଡେନ ଗ୍ୟାସ୍ ଗ୍ରାହକଙ୍କ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତା ଅବରୋଧ



ରାଜନଗର,୫।୯(ସମିସ): ରାଜନଗରରେ ଇଣ୍ଡେନ ଗ୍ୟାସ ଉପଭୋକ୍ତାଙ୍କୁ ଶୋଷଣ ଚରମସୀମାରେ ପହଞ୍ଚିଛି। ରାଜନଗରରେ ବିତରକ ନିଲମ୍ବିତ ହେବା ପରେ ଆଳିର ବିତରକ ରାଜନଗରରେ ୮ ବର୍ଷ ହେଲା ଗ୍ୟାସ ଯୋଗାଇ ଆସୁଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ କଳାବଜାରରେ ଡବଲ ଦରରେ ଗ୍ୟାସ ମିଳୁଥିବାବେଳେ ଉପଭୋକ୍ତା ଗ୍ୟାସ ପାଉନାହାନ୍ତି। ଆଳି ରାଜନଗର ବଜାରରେ ତ ଆସନ୍ତାକାଲି ୫ କିଲୋମିଟର ଦୂର କେରଁ ଗ୍ୟାରେଜରେ ଗ୍ୟାସ ବିତରଣ କରାଯାଉଛି। ଉପଭୋକ୍ତାଙ୍କୁ ବୁକିଂ ସତ୍ତ୍ୱେ ଗ୍ୟାସ ମିଳୁନାହିଁ। ଫଳରେ ଉପଭୋକ୍ତା ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତା ବନ୍ଦ କରି ପ୍ରତିବାଦ କରିଛନ୍ତି। ଗ୍ରାହକ ଗ୍ୟାସ ଟାଙ୍କି ରଖି ଦୀର୍ଘ ସମୟ ରାସ୍ତା ବନ୍ଦ କରିଥିଲେ। ଇଣ୍ଡେନ ଗ୍ୟାସ ଉପଭୋକ୍ତା ଠିକ୍ ସମୟରେ ଗ୍ୟାସ ନ ପାଇବା କାରଣରୁ ଏଭଳି ପଦକ୍ଷେପ ନେଇଛନ୍ତି। ରାସ୍ତାରୋକ ହେବା ଫଳରେ ଏହି ମୁଖ୍ୟ ରାସ୍ତାରେ କଟକ, ଭୁବନେଶ୍ୱର ଯାଉଥିବା ଯାନବାହନ ଅଟକି ରହିଥିଲା। ସ୍ଥାନୀୟ ସରପଞ୍ଚ ଗୋଲେଖ ସ୍ୱାଇଁ ପହଞ୍ଚି ଗ୍ୟାସ ବିତରକଙ୍କ ସହ ମୋବାଇଲରେ କଥା ହେବା ପରେ ସମସ୍ତ ଉପଭୋକ୍ତାଙ୍କଠାରୁ ସ୍ଲିପ୍ ସଂଗ୍ରହ କରିବା ସହ ଆସନ୍ତାକାଲି ଅର୍ଥାତ ରବିବାର ଦିନ ସମସ୍ତ ଉପଭୋକ୍ତାଙ୍କୁ ଗ୍ୟାସ ଦିଆଯିବ ବୋଲି ଅନୁରୋଧ କରି ସେମାନଙ୍କୁ ଉଠିଯିବା ପାଇଁ କହିଥିଲେ।

## ଓକିଲ ସଂଘ କାର୍ଯ୍ୟାଳୟରେ ରାଧାକ୍ରିଷ୍ଣନ ଜୟନ୍ତୀ

ପଟ୍ଟାମୁଣ୍ଡାଇ,୫।୯(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ଓକିଲ ସଂଘ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଓ ଆଦର୍ଶ ଶିକ୍ଷକ ଡ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ପାଳିତ ହୋଇଛି। ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବିନ୍ଦ୍ର ଦାଶ, ଯୁଗ୍ମସମ୍ପାଦକ ସତ୍ୟନାରାୟଣ ନାୟକ, ପାଠାଗାର ସମ୍ପାଦିକା ସିନାରାଣୀ ଓଝା, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ସୁରେଶ କୁମାର ନରେନ୍ଦ୍ର, ସରକାରୀ ଓକିଲ ସୁଶାନ୍ତ ସାମଲ, ଶିଶିର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରା ଓ ଗୁରୁଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ଗଣେଶ୍ୱରପୁର ଡିଗ୍ରୀ କଲେଜର ପ୍ରତିଷ୍ଠା ଦିବସ

ଗୋବିନ୍ଦପୁର,୫।୯(ସମିସ): ଗଣେଶ୍ୱରପୁର ଡିଗ୍ରୀ ମହାବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ରହି ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୩୨ ବର୍ଷର ଏହି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଆସୁଛି। ଅନେକ ଛାତ୍ରଛାତ୍ରୀ ଏହି ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଏ ଅବସରରେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଆହୁରି ସୁଦୃଢ଼ କରିବା, ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସହିତ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ଏକତା, ଶୃଙ୍ଖଳା ଓ ଶିକ୍ଷାର ଆଦର୍ଶକୁ ସାଥୀ କରି ଗଣେଶ୍ୱରପୁର ଡିଗ୍ରୀ ମହାବିଦ୍ୟାଳୟ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଆହୁରି ଉଲ୍ଲେଖନୀୟ ସଫଳତା ହାସଲ କରିବ ବୋଲି ଆଶା ପ୍ରକାଶ ପାଇଛି।

## କୁମ୍ଭୀର ଆକ୍ରମଣରେ ଗାଈ ଗୁରୁତର



ଆଳି,୫।୯(ସମିସ): ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଥିବା ନଦୀ କୂଳ ଝାଉଁ ବଣ ନିକଟରେ ଆଜି ସକାଳେ ବନମାଳୀ ମହାନ୍ତିଙ୍କ ଗାଈ ଚରିବାକୁ ଯାଇ ନଦୀରେ ପାଣି ପିଉଥିବା ସମୟରେ କୁମ୍ଭୀର ଆକ୍ରମଣ କରିଥିଲା। ଗାଈ ପେଟ ଓ ପିଠିରେ ଗଭୀର ଆଘାତ ଲାଗିଛି।

### ରାତି ୧୦ଟାରେ ବଜାର ବନ୍ଦ ପ୍ରସଙ୍ଗ

## ପଟ୍ଟାମୁଣ୍ଡାଇ ଆଇଆଇସିଙ୍କୁ ଭେଟିଲା ବଣିକ ସଂଘ



ପଟ୍ଟାମୁଣ୍ଡାଇ,୫।୯(ସମିସ): ପଟ୍ଟାମୁଣ୍ଡାଇ ସହର ଏକ ଜନଗହଳିପୂର୍ଣ୍ଣ ସହର। ଏଠାରେ ଅତିରିକ୍ତ ଦ୍ୱାରା ଜଜ୍ କୋର୍ଟଠାରୁ ଆରମ୍ଭ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ୧୪ରୁ ଅଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଜିଲ୍ଲାର ସର୍ବାଧିକ ଏଟିଏମ୍ କାଉଣ୍ଟର ଥିବାବେଳେ ସବ୍‌ଡିଭିଜନାଲ ମେଡିକାଲ ରହିଛି। ଏହାମଧ୍ୟ ଭିତରକନିକା ଅଭୟାରଣ୍ୟର ପ୍ରବେଶ ପଥ ଅଟେ। ପଟ୍ଟାମୁଣ୍ଡାଇ ସହରରେ ଦିନ ବେଳା ଭଳି ରାତିର ବିଳମ୍ବିତ ସମୟ ପର୍ଯ୍ୟନ୍ତ ଗହଳି ଲାଗିରହିଥାଏ। ଗତ କିଛିଦିନ ହେବ ରାତି ୧୦ଟାରୁ ଦୋକାନ ବନ୍ଦ କରିବାକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ବ୍ୟବସାୟୀଙ୍କୁ ଆଦେଶ ଦିଆଯାଇଛି। ଏହି ଆଦେଶ ପ୍ରତ୍ୟାହାର କରିବା ପାଇଁ ଆଜି ପଟ୍ଟାମୁଣ୍ଡାଇ ନୂତନ ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛି ପଟ୍ଟାମୁଣ୍ଡାଇ ବଣିକ ସଂଘ। ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ଉପଦେଷ୍ଟା କିରଣ ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ସଞ୍ଜୟ ବର୍ମା ଓ ବାବୁଲି ସାହୁ ପ୍ରମୁଖ ଭେଟି ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବଣିକ ସଂଘ ଅନୁରୋଧରେ ଆଇଆଇସି ପୂର୍ବପରି ବଜାର ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

### ୭ ବର୍ଷର ଶିଶୁକୁ ଯୌନ ନିର୍ଯାତନା ଅଭିଯୋଗ

## ଅଭିଯୁକ୍ତ ଗିରଫ, ମାମଲା ରୁଜୁ

ମହାକାଳପଡ଼ା, ୫।୯(ସମିସ): ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ଜଣେ ୭ ବର୍ଷର ଶିଶୁକୁ ତାଙ୍କର ଜଣେ ନିକଟ ସମ୍ପର୍କୀୟ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତକୁ ଗିରଫ କରାଯାଇ ପକ୍‌ସୋ ଆଇନରେ ମାମଲା ରୁଜୁ ହୋଇଛି। ଗୁରୁବାର ଶିଶୁଟି ଘର ନିକଟରେ ଖେଳୁଥିବା ସମୟରେ ଅଭିଯୁକ୍ତ ତାକୁ ଏକୁଟିଆ ପାଇ ଯୌନ ନିର୍ଯାତନା ଦେଇଥିଲେ। ଶିଶୁଟି ଭୟଭୀତ ହୋଇପଡ଼ିଥିଲା। ପରିବାର ଲୋକେ ଜାଣିବା ପରେ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶିଶୁର ଡାକ୍ତରୀ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି। ପୁଲିସ ପକ୍‌ସୋ ଆଇନ ଅଧୀନରେ ୧୪୦/୨୬ରେ ରୁଜୁ କରିଥିବାବେଳେ ତଦନ୍ତକୁ ଆହୁରି ତ୍ରୁଟିଶୂନ୍ୟ କରିବା ପାଇଁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରମାଣ ସଂଗ୍ରହ କରିଛି। ଏଥିସହ ଶିଶୁର ବୟାନ ରେକର୍ଡ କରାଯାଇଛି। ଶିଶୁର ବୟାନ ଆଧାରରେ ଘଟଣାର ତଦନ୍ତ ଆଗକୁ ବଢ଼ୁଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆଇନ ଅନୁସାରେ ଶିଶୁର ବୟାନ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯିବ।

## ନଦୀବନ୍ଧ ମରାମତି ଦାବି

ଗରଦପୁର,୫।୯(ସମିସ): ଜଳସମ୍ପଦ ବିଭାଗ ଅଧୀନରେ ଥିବା ପୁରୁଣା ଗୋପିନାଥପୁରଠାରୁ ପନ୍ଦିଆ ସେତୁ ପର୍ଯ୍ୟନ୍ତ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱର୍ ନଦୀବନ୍ଧ ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ପିଚୁ ଉଠି ଯାଇ ଗୋଡି ଦେଖାଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ନଦୀବନ୍ଧ ଦେଇ ପୁରୁଣା ଗୋପିନାଥପୁର ସମେତ ନିଶ୍ଚିନ୍ତାଶାସନ, ବନ୍ତଲା, ତଳକୁସମା ଗ୍ରାମର ଲୋକେ ବ୍ଲକ୍, ତହସିଲ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯାଇଥା'ନ୍ତି। ଛାତ୍ରଛାତ୍ରୀ ଲୋକନାଥ ମହାବିଦ୍ୟାଳୟ, ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟ ଓ କୋରୁଆ ମହିଳା ମହାବିଦ୍ୟାଳୟକୁ ଯାତାୟାତ କରନ୍ତି। ତେଣୁ ଏହି ନଦୀବନ୍ଧ ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଭିଜିଲାନ୍ସ ଜାଲରେ ଡ୍ରେନେଜ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ


କେନ୍ଦ୍ରାପଡ଼ା,୫।୯(ସମିସ): କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଏଇଇ) ଅନୁପମା ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶନିବାର କଣ୍ଟ୍ରାକ୍ଟରଙ୍କ ବକେୟା ବିଲ୍ ପାସ୍ କରାଇବା ନେଇ ଟଙ୍କା ସଂଗ୍ରହ ହେଉଥିବା ସମ୍ପର୍କରେ ତଥ୍ୟ ମିଳିବା ପରେ ଭିଜିଲାନ୍ସ ଟିମ୍ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। କାର୍ଯ୍ୟାଳୟରୁ ନୟନ ବିହାରସ୍ଥ ବାସଭବନକୁ ଅଫିସ୍ ଗାଡ଼ିରେ ଯାଉଥିବାବେଳେ ମାର୍ଶାଘାଇ ଛକ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ୩,୧୫,୦୦୦ ଟଙ୍କା ନଗଦ ମିଳିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏତେ ପରିମାଣର ନଗଦ ଟଙ୍କାର ଉତ୍ସ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ଟଙ୍କା ସହ ଗାଡ଼ିକୁ ଜବତ କରାଯାଇଛି। ପରେ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ତଦନ୍ତ ଦୃଷ୍ଟିରୁ ତାଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ତଲାସୀ ଜାରି ରହିଛି। ନଗଦ ଟଙ୍କାର ପ୍ରକୃତ ଉତ୍ସ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ଏଏଇଇଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ବନ୍ଦନା ଓ ସମ୍ବର୍ଦ୍ଧନା



ରାଜନଗର, ୫।୯(ସମିସ): ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସାମାଜିକ ସଂଗଠନ ଟିମ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟିମ ରାଜନଗରର ମୁଖ୍ୟ ପ୍ରଶାନ୍ତ ରାଉତଙ୍କ ସଭାପତିତ୍ୱ ଓ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକଙ୍କୁ ପୂଜା କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ଜେନା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶରତ ମହାପାତ୍ର, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ବଳ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରମାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ସୈନିକ ସୁବେଦାର ଅଚ୍ୟୁତାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟର ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଗୁରୁ ବିରଞ୍ଚି ନାରାୟଣ ଜେନା, ଶରତ ମହାପାତ୍ର, ବିଷ୍ଣୁଚରଣ ବଳଙ୍କୁ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ନିଗମାନନ୍ଦ ନାୟକ, କ୍ଷୀରୋଦ ମଲ୍ଲିକ, ମହେଶ୍ୱର ରାଉତ, ଘନଶ୍ୟାମ ମିଶ୍ର, ତନୁଶ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ଜଗନ୍ନାଥ ଦାସ ଧନ୍ୟବାଦ ଦେଇଥିଲେ।

**ରାଜନଗର:** ରାଜନଗରସ୍ଥ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପୀନାଥ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସ ରବୀନ୍ଦ୍ର ସେଠୀ, ସହକାରୀ ଶିକ୍ଷକ ପ୍ରେମାନନ୍ଦ ସେଠୀ, ଶିକ୍ଷୟତ୍ରୀ ପ୍ରଭାସିନୀ ପଣ୍ଡା, ସତ୍ୟବତୀ ଲେଙ୍କା ଯୋଗଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଡା ଘନଶ୍ୟାମ ମିଶ୍ରଙ୍କ ଅଧକ୍ଷତରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜା କରାଯାଇଥିଲା। ଅବସରପ୍ରାପ୍ତ ଅଧକ୍ଷ ଅକ୍ଷୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଡା ବିକ୍ରମାଦିତ୍ୟ ଦାସ, ନିହାର ପରିଡା, ଆଦିତ୍ୟ ତ୍ରିପାଠୀ, ତନୁଶ୍ରୀ ମିଶ୍ର, କାର୍ଯାଳୟ ପ୍ରମୁଖ ଅରୁଣ ରାଉତ ଓ ରବିନାରାୟଣ ଦାସ ଉପସ୍ଥିତ ଥିଲେ।



**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରସ୍ଥ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ପାଦକ ଶିକ୍ଷାବିତ୍ ଅମ୍ବୁଜ ଭୂଷଣ ନାୟକ, ସହକାରୀ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଓ ଆଚାର୍ଯ୍ୟ ବିଜୟ ନାୟକ ଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା, ଗୁରୁ ଭକ୍ତି ସଂସ୍କାର ଓ ସଦାଚାର ଉପରେ ଆଲୋକପାତ କରିଥିଲେ। କୁନି କୁନି ଛାତ୍ରଛାତ୍ରୀ ଗୁରୁଜୀ ଗୁରୁମାଙ୍କୁ ପୂଜା କରିଥିଲେ। ମୃତ୍ୟୁଞ୍ଜୟ ସୂତାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ସୁଜ୍ଞାନୀ ପାଢ଼ୀ, ଚିନ୍ମୟୀ ବିଶ୍ୱାଳ, ମମତା ଦେ, ଡଲି ଦାସ, ବିଶ୍ୱରୂପା ବିଶ୍ୱାଳ, ସଙ୍ଗୀତା ପ୍ରଧାନ, ସୁଚିତ୍ରା ମହାନ୍ତି ପରିଚାଳନା କରିଥିଲେ।



**ଗରଦପୁର:** ସ୍ଥାନୀୟ ପାଟକୁରା ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଛି। ଅବସରପାପ୍ତ ଓ ପୂର୍ବତନ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସହକାରୀ ଶିକ୍ଷକ ସୁଶାନ୍ତ ଦାସଙ୍କ ସଭାପତିତ୍ୱରେ ଅବସରପାପ୍ତ ଶିକ୍ଷକ ଅନ୍ନଦାପ୍ରସାଦ ସ୍ୱାଇଁ, ପୁଲକ ପରିଡା, ଉମେଶ ଓଝା, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ରାଉତ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପାପ୍ତ ପ୍ରଧାନଶିକ୍ଷକ ବିଚିତ୍ର ପଟ୍ଟନାୟକ ଯୋଗଦେଇ ପୂର୍ବତନ ରଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅବସରପାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିବା ସହ ପୂଜା କରିଥିଲେ। ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରିୟଦର୍ଶିନୀ ପରିଡା, ଲକ୍ଷ୍ମୀପ୍ରିୟା ସାମଲ, ପ୍ରଗତି ପରିଡା, ନିବେଦିତା ସାହୁ, ଶୁଭଶ୍ରୀ ଦାସ, ଶିକ୍ଷକ ଭୋଳାନାଥ ଦାସ, ଶୁଭ୍ରାଂଶୁ ବେଉରା, ଦୀପକ ବାରିକ, ସେକ୍ ସଦାକତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ମାମୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



**ପଟ୍ଟାମୁଣ୍ଡାଇ:** ଖଡ଼ିଅଣ୍ଟା ସରକାରୀ ହାଇସ୍କୁଲରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଶିଷ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଶିକ୍ଷାବିତ ସର୍ବେଶ୍ୱର ଜେନା ଓ ବିଦ୍ୟାଧର ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ଗୁରୁଙ୍କୁ ପୂଜା କରିଥିଲେ। ଏ ଅବସରରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧ମ ସ୍ଥାନ ଅଧିକାର କରିଥିବା ଅଙ୍କିତା ମଲିକଙ୍କୁ ପୁରସ୍କୃତ କରାଯାଇଥିଲା। ସୁଧାଂଶୁବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ରିତେଶ ଜେନା, ସସ୍ମିତା ସାହୁ, ମାନୁପ୍ରିୟା ପ୍ରଧାନ, ଗୀତାଞ୍ଜଳି ଭୂୟାଁ, ତପସ୍ୱିନୀ ବେହେରା ପରିଚାଳନା କରିଥିଲେ।



**ମହାକାଳପଡ଼ା:** ଗୁରୁଶିଷ୍ୟ ପରମ୍ପରାର ମହାନ ପର୍ବ ଗୁରୁ ଦିବସ ଅବସରରେ ବଡ଼କୂଳ ଅଞ୍ଚଳର ମାରୁତି ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଟ୍ରଷ୍ଟର ସଦସ୍ୟ ଅଞ୍ଚଳର ବରିଷ୍ଠ ଓ ପୂଜ୍ୟ ଶିକ୍ଷକଙ୍କ ଘରେ ପହଞ୍ଚି ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶିକ୍ଷାଦାନ ମାଧ୍ୟମରେ ସମାଜ ଗଠନରେ ଏହି ଶିକ୍ଷକଙ୍କ ଅବଦାନକୁ ସ୍ମରଣ କରି ଟ୍ରଷ୍ଟ ପକ୍ଷରୁ ଏଭଳି ସମ୍ମାନ ପ୍ରଦାନ କରାଯାଇଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ଆଲୋକ ସ୍ୱାଇଁ, ସଭାପତି ଗୋପବନ୍ଧୁ ରାଉତ ଓ ସମ୍ପାଦକ ସୁଧୀର ସ୍ୱାଇଁଙ୍କ ସମେତ ସଦସ୍ୟ ନାଥୁରାମ ବେହେରା, ରାଜେଶ ବେହେରା, ରାକେଶ ପରିଡ଼ା, ଆଲୋକ ସୂତାର, ଦୁର୍ଯ୍ୟୋଧନ ବେହେରା, ସଂଗ୍ରାମ ଲେଙ୍କା ଓ ଗୌତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



**ପଞ୍ଚୁପାଣ୍ଡବ:** ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ମଙ୍ଗଳେଶ୍ୱର ବିଦ୍ୟାପୀଠରେ ଗୁରୁ ଦିବସ ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ଶିକ୍ଷକ ସନାତନ ଜେନା, ଭାଗୀରଥି ମହାନ୍ତି, ଦାମୋଦର ସାହୁ, ବର୍ତ୍ତମାନର ଶିକ୍ଷକ ତୁଷାରକାନ୍ତ ବେହେରା, ଉଷାରାଣୀ ବେହେରା, ମଧ୍ୟଙ୍ଗରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ମୁର୍ମୁ, ଦନୁଜ ନାୟକ, ନିର୍ମଳ ବାରିକ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମହାପୁରୁଷଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଦାମୋଦରଜୀଉ ବିଦ୍ୟାପୀଠ, ବଜାର ନୋଡାଲ ବିଦ୍ୟାଳୟ, ସଦାନନ୍ଦପୁର ପ୍ରାଥମିକ, ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟ, ବେଣୀପୁର ଓ ନୋଳସାହି ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି।



**ମାର୍ଶାଘାଇ:** ଚିନ୍ତାମଣି ଗୁରୁଜୀ, ରୁକ୍ମିଣୀ ଦେବୀ ସ୍ମାରକୀ ନ୍ୟାସ ଓ ମଧୁସାଗର ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ ମିଳିତ ଉଦ୍ୟମରେ ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମା' ତାରିଣୀ ମନ୍ଦିର ପରିସରରେ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ଜୟନ୍ତୀ, ଗୁରୁଦିବସ ପାଳିତ ହୋଇଯାଇଛି। ସ୍ମାରକୀ ନ୍ୟାସ ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରହ୍ଲାଦ ସ୍ୱାଇଁ, ସ୍ମାରକୀ ନ୍ୟାସ ସମ୍ପାଦକ ଭ୍ରମର ରାଉତ, ଅରବିନ୍ଦ ସ୍ୱାଇଁ, ସଦସ୍ୟ ସୁନାକର ମଲ୍ଲିକ, ପ୍ରଭାସ ଦସ, ପ୍ରହ୍ଲାଦ ଦାସ, ଧ୍ରୁବଚରଣ ଦାସ, ମାଗୁଣି ରାଉତ, ନୀଳମାଧବ ରାଉତ, ପୀତାମ୍ବର ସ୍ୱାଇଁ, ବଳରାମ ଜେନା, ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷକ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଙ୍ଗୁଳାଇ-ଓରତ ରାସ୍ତାରେ ମଧୁସାଗର ବିଦ୍ୟାପୀଠ ସନ୍ଥ ଚିନ୍ତାମଣି ଗୁରୁଜୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। ଆଦର୍ଶ ଶିକ୍ଷକ ପ୍ରହ୍ଲାଦ ରାଉତ, ନୀଳମାଧବ ରାଉତ, ପ୍ରହ୍ଲାଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



**ଡେରାବିଶ:** ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ ପାଳିତ ହୋଇଛି। ଚେୟାରମ୍ୟାନ ମନୋଜ ପ୍ରଧାନ ଏହି ଉତ୍ସବକୁ ଭିନ୍ନ ଢଙ୍ଗରେ ପାଳନ କରାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୁରୁଦିବସ ଅବ୍ୟବହିତ ପୂର୍ବରୁ ସେମାନଙ୍କ ପ୍ରଥମ ଗୁରୁ ପିତାମାତାଙ୍କୁ ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସେମାନଙ୍କ ପିତାମାତାଙ୍କୁ ପୂଜା କରିବା ପରେ ବିଦ୍ୟାଳୟକୁ ଆସିଥିଲେ। ଶ୍ରୀ ପ୍ରଧାନଙ୍କ ମାତା ବଦନୀଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଛାତ୍ରଛାତ୍ରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପୂଜା କରିଥିଲେ। ପରେ ପୁରାତନ ଛାତ୍ର ଗୁରୁପୂଜନ କରିଥିଲେ।



**ଡେରାବିଶ:** ଯମଧର ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁସ୍ଥ ୟୁଜିୟୁପି ସ୍କୁଲରେ ଗୁରୁଦିବସ ପାଳିତ ହୋଇଛି। ପଞ୍ଚସଖା ଶିକ୍ଷାସେତୁର ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ପ୍ରାରମ୍ଭରେ ବିଦ୍ୟାଳୟ ପରିସରସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିବାଳା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥଲେ। ଶିକ୍ଷୟିତ୍ରୀ ରଶ୍ମିତା ରାଉତଙ୍କ ସଂଯୋଜନାରେ ସ୍ଥାନୀୟ ଅଞ୍ଚଳର ସେବାନିବୃତ୍ତ ଶିକ୍ଷକ ନିରୋଦ ବାରିକ, ରମେଶ ପତି, ଗଜେନ୍ଦ୍ର ମହାନ୍ତି, ଶରତ ବାରିକ, ଗୌରାଙ୍ଗ ଦାସ ଓ ବସନ୍ତ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜା କରିଥିଲେ। ଦୀପ୍ତିଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାରମଣ ମଠରେ ଜନ୍ମାଷ୍ଟମୀ



ପଟ୍ଟାମୁଣ୍ଡାଇ,୫।୯(ସମିସ): ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ, ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com



ହେମନ୍ତ କୁମାର ଘୋଷାଲ



## ସ୍ମାର୍ଟ ଝିଅ

କେବେ କେବେ ଏମିତିବି ହୁଏ କି, ତୀର ବାଜିଥାଏ ଜଣକୁ ଆଉ ଯନ୍ତ୍ରଣାରେ ଛଟପଟ ହୋଇଥାଏ ଆଉ ଜଣେ ? କାରଣ ହେମନ୍ତ ଘୋଷାଲର କଥାଟା ଭାଉଜଙ୍କୁ ଏମିତି ମହୁମାଛିର ଚୋଟ ଭଳି ଅସ୍ତବ୍ୟସ୍ତ କରିବ, ଭାବିନଥିଲା ସେ । ସେ କହିଥିବା କଥାଟା ଝିଆରୀର ଉଦ୍ଦେଶ୍ୟରେ ଥିଲା । ଅଥଚ ଭାଉଜ ବାଘୁଣୀଟିଏ ଝାମ୍ପିଲା ପରି ତା' ଉପରେ ଏକରକମ ଝାମ୍ପି ପଡ଼ିଥିଲେ ।

ଦିଲ୍ଲୀରେ ରହୁଥିବା ବଡ଼ ଭାଇ ଘରକୁ ବୁଲି ଆସିଥିଲା ହେମନ୍ତ ଘୋଷାଲ । ଭାଇଙ୍କ ବଡ଼ ଝିଅର ପୋଷାକ ପରିଧାନକୁ ସେ ଗ୍ରହଣ କରିପାରୁନଥିଲା ସହଜରେ । ତା'ର ସବୁଦିନର ସ୍ୱଭାବ, ଯାହା ଠିକ୍ ନ ଲାଗେ ତାକୁ ଭିତରେ ସାଇତି ନରଖି ମୁହେଁ ମୁହେଁ କହିଦିଏ । ଯାହାର ଫଳ ସ୍ୱରୂପ ଅନେକଙ୍କ ଅପ୍ରିୟ ହେଇଛି ସେ ଆଜି ଜୀବନରେ ।

ସେଦିନ ଭାଉଜଙ୍କ ଉପସ୍ଥିତିରେ କହିଥିଲା, "ଏତେବଡ଼ ଝିଅ ହେଇ ଏ ଆଣ୍ଠୁ ଉପରକୁ ହାଫ୍ ପ୍ୟାଣ୍ଟ ଆଉ ହାତ କଟା ଟି-ସାର୍ଟ ସବୁ କ'ଣ ପିନ୍ଧୁଛି! ଏ ପୋଷାକ ପତ୍ରରେ ଶାଳୀନତା ରଖିବା କଥା ନା ।"

ତା' କଥା ଝିଆରୀକୁ ଯେତିକି ବାଧି ନଥିଲା, ଭାଉଜଙ୍କୁ ବୋଧେ ତା'ଠୁଁ ଅଧିକ ବାଧିଥିଲା କି କ'ଣ ? ତେଣୁ ଭାଉଜ ସଙ୍ଗେ ସଙ୍ଗେ କହିଲେ, "ଏଇଟା ସ୍ମାର୍ଟନେସ୍ ହେମନ୍ତ ! ତମେ ଗାଁରେ ରହୁଛ ତ, ତେଣୁ ବୁଝିପାରିବନି । ଏଇଟା ଆଜିକାଲିକା ମଡର୍ଣ୍ଣ ଫେସନ୍ । ଏହାକୁ 'ହଟ୍ ପ୍ୟାଣ୍ଟ' ଆଉ 'ସ୍ଲିଭ୍ ଲେସ୍ ଟି-ସାର୍ଟ' କହନ୍ତି । ଆଧୁନିକ ଯୁଗ ସହ ତାଳ ଦେଇ ନଚାଲି ଗାଉଁଲିଙ୍କ ଭଳି ରହିବା କ'ଣ ଠିକ୍! ଆମେ ଭାରତର ରାଜଧାନୀ ଦିଲ୍ଲୀ ସହରରେ ରହୁଛୁ ।"

ଗୋଟାଏ ତୀକ୍ଷ୍ଣ ମୁନ ଥିବା ତୀର ହେମନ୍ତ ଘୋଷାଲର ଉପରକୁ ଛାଡ଼ିଦେଲେ ଭାଉଜ । ଶରରେ କେତେ ଆଘାତ ହେଇଥିଲା କେଜାଣି ହେମନ୍ତ ଘୋଷାଲ, ହେଲେ ଏଥର କଥାର ମୋଡ଼ ବଦଳେଇ ଝିଆରୀକୁ ପଚାରିଥିଲା, " ଆଚ୍ଛା ଝିଅ ତୁ'ତ କ୍ରିକେଟ୍ ଦେଖୁଥିବୁ, କହିଲୁ ଟେଷ୍ଟ କ୍ରିକେଟରେ ପ୍ରଥମ ଶତକ କିଏ ମାରିଥିଲେ ?" ଝିଆରୀ କହି ପାରିନଥିଲା ।

"ଆଚ୍ଛା କହ ଭାରତ ମହାକାଶକୁ ପଠେଇ ଥିବା ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ? " ଝିଆରୀ ନିରବ ।

ଏମିତି କରି ଇତିହାସ, ଭୂଗୋଳ, ଦେଶ, ବିଦେଶକୁ ନେଇ ଆଉ କିଛି ପ୍ରଶ୍ନ ପଚାରିଥିଲା । ଝିଆରୀ କୌଣସି ଗୋଟାଏର ଉତ୍ତର ଦେଇ ପାରି ନଥିଲା । ଆଉ ସେଠୁଁ ଧୀରେ ଉଠି ଚାଲି ଯାଇଥିଲା ।

ଏଥର ଭାଉଜଙ୍କୁ ଚାହିଁ ହେମନ୍ତ ଘୋଷାଲ କହିଥିଲା, "ବୁଝିଲ ଭାଉଜ, ଚଳଚ୍ଚିତ୍ର କି ଟି.ଭି. ଧାରାବାହିକର ନାୟିକାମାନଙ୍କ ପୋଷାକ ପରିଧାନକୁ ଅନୁକରଣ କରି ଏମିତି ଲଙ୍ଗଳା ମୁକୁଳା ପୋଷାକକୁ ପିନ୍ଧି ଦେଲେ ଜଣେ ସ୍ମାର୍ଟ କି ଆଧୁନିକା ହେଇଯାଏନା । ଆଧୁନିକତାର ପରିଭାଷା ଅଲଗା ଭାଉଜ । ଜଣେ ତା' ଦେଶ ଦୁନିଆ ଆଉ ସମାଜ ପ୍ରତି କେତେ ସଚେତନ ଏବଂ ଜ୍ଞାନରେ କେତେ ଆଧୁନିକ, ସେଥିରେ ତା'ର ଆଧୁନିକତା ପ୍ରତିପାଦନ ହେଇଥାଏ । ତାପରେ ଶାଳୀନତା ହେଉଛି ନାରୀର ଗର୍ବ ଓ ସମ୍ମାନ ।"

କିଛି ସମୟ ନୀରବ ରହି ପୁଣି ଟୋପାଏ ମୁରୁକି ହସି କହିଥିଲା, "ସବୁଠୁଁ ମଜା କଥା କ'ଣ ଜାଣ ଭାଉଜ! ଚଳଚ୍ଚିତ୍ର କି ଧାରାବାହିକର ନାୟିକାଙ୍କ ହେଉଛି ସେଇଟା ପେଶା । ପେଟ ପୋଷିବାର ମାଧ୍ୟମ ବି । ଫିଲ୍ମ କି ସିରିଏଲ୍‌ର ରୋଚକତା ବଢ଼ାଇବା ପାଇଁ ହେଉ କି ସ୍କ୍ରିପ୍ଟ ବା କାହାଣୀର ଆବଶ୍ୟକତାକୁ ନେଇ ରୁପେଲି ପରଦାରେ ଲୋକଙ୍କ ମନୋରଞ୍ଜନ ପାଇଁ ସେ ପ୍ରକାର ପୋଷାକ ପିନ୍ଧି ଅଭିନୟ କରିଥାନ୍ତି ସେମାନେ । ଆଉ ତୁମେ ଜାଣି ଆଶ୍ଚର୍ଯ୍ୟ ହବ, ତାଙ୍କ ଭିତରୁ ଅଧିକାଂଶ ତାଙ୍କ ଦୈନନ୍ଦିନ ଜୀବନରେ ଏଭଳି ପୋଷାକ ପରିଧାନରୁ ଦୂରରେ ରୁହନ୍ତି ।"

ହେମନ୍ତର କୌଣସି କଥାକୁ ଶୁଣିବାକୁ ଆଦୌ ଇଚ୍ଛୁକ ନଥିବା ଭାଉଜ, ମୁହଁ ମୋଡ଼ି କରି ସେଠୁ ଯାଉଯାଉ କହିଥିଲେ, "ତମେ ଗାଁ ଲୋକ ଯାହା ବୁଝିଥିବ ସେଇଆ । ତମକୁ ବୁଝେଇବ ବା କିଏ!"

ହେମନ୍ତ ଘୋଷାଲ ଆଉ କିଛି ନକହି ମୁରୁକି ହସିଥିଲା କେବଳ !! ■

ମୋ: ୯୮୨୭୧୭୭୮୯୯

## ମିଛ ମେଘର କୁହାଟ

ଭଗବାନ ଜୟସିଂହ



ମିଛ ମେଘର କୁହାଟକୁ ବାହାନା କରି
ମୋତେ ଫେରେଇ ଦେଲା ଘରୁ
କହିଲାନି ଆଉ କେବେ ଆସିବ ବୋଲି
ହେଉ ପଛେ ମିଛ ଶ୍ରାବଣରେ ।

ଲଜ୍ଜାରେ ନଇଁଗଲା ମଥା
ଅତି ବିକଳ ଲାଗିଲା ଦୃଶ୍ୟ
ଦେଖୁ ଦେଖୁ ଏତେ ବର୍ଷର ତପସ୍ୟା
ମିଳେଇ ଗଲା ବିସ୍ମୟରେ ।

ମୁଁ ଜାଣିଛି ସେ କେବେ ବି ଆସିବ ନାହିଁ
ବର୍ଷା ହେଉ କି ବସନ୍ତରେ
ପଚାରିବନି କେମିତି ବିତୁଛି ଜୀବନ
ଦିନ ହେଉ କି ରାତି, ରାତି ହେଉ କି ଦିନ
ଧାରା ଶ୍ରାବଣରେ ।

ମୋ ପାଇଁ ଋତୁ ଆସେ ଯାଏ
ଦିନ ଯାଇ ରାତି ଆସେ,
ଦିନ କି ରାତିର ଦର୍ପଣରେ ଜୀବନର ଛବି
ଦୟନୀୟ ଲାଗେ
ବଞ୍ଚି ଥିଲେ ବି ପ୍ରତେ ହୁଏ ମରିଗଲା
ଭଳି ।

ଆଜି ସମର୍ପଣର ଦିନ ।
କିଏ ଚାହଁୁ କି ନଚାହଁୁ ଆଜି ମୋତେ
ସମର୍ପି ଦେବାକୁ ହେବ ନିଜକୁ
ପ୍ରେମର ଅନନ୍ତ ଉନ୍ମାଦରେ
ଭୁଲିଯିବାକୁ ହେବ ଜନ୍ମ ଜନ୍ମର କ୍ଷତ
ଛାତିର । ■

ଅଚ୍ୟୁତ ଆଶ୍ରମ ନିକଟ
ସେଣ୍ଟ୍ରାଲ ସ୍କୁଲ ରୋଡ଼
ତାଳବଣିଆ, ପୁରୀ ୭୫୨୦୦୨



## ଘର

କେ. ଶ୍ୟାମବାବୁ ଦୋରା



ଖୋଜନା, ମିଳିବ ନାହିଁ
ନିଜେ ନିଜକୁ କହିଲି
ଆଉ ଖୋଜିବାରେ ଲାଗିଗଲି ।

ଯୋଉମାନଙ୍କୁ ଦେଖିଲେ ହସି ଦେଉଥିଲି
ଯୋଉମାନଙ୍କ ସହ କଥା ହେଉଥିଲି ପ୍ରତିଦିନ
ସେମାନଙ୍କ ସହ ମୋର ପରିଚୟ ନଥିଲା

ବିନା ପରିଚୟରେ ବିତିଗଲା ଏତେ ବର୍ଷ !
ଉଲ୍ଲେଖନୀୟ ଯେ
ଏକା ସହର, ଏକା ଜାଗା ଏପରିକି
ଏକା ଘରେ ବି ପରସ୍ପରକୁ ଆମେ ଜାଣିପାରୁନଥିଲୁ

ବାଟ ନଜାଣି
ଅନେକ ବାଟ ଏମିତି ଚାଲି ହେଇଯାଏ,
ଲକ୍ଷ୍ୟ ଆଗ ନା ଯାତ୍ରା
ଜାଣିବା ହୁଏତ ଜରୁରୀ ନଥାଏ

ଗୋଟେ ଛୁରୀ, ଗୋଟେ ଦୀପ, ଖଣ୍ଡେ ଆକାଶ
ଓ ଆସନ୍ନ ସକାଳର ଗୋଟେ ଚିତ୍ରପଟ୍ଟକୁ ଧରି
ବସି ରହିଛି ସାରା ଜୀବନ
ଛୁରୀରେ ଦୀପକୁ ଜଳାଇବାର କଥା
କାହିଁକି ଭାବି ହେଉନି ବୋଲି ଭାବୁଛି
ପୁଣି ଥରେ ଆରମ୍ଭ କରୁଛି
ପିଲାବେଳେ ଛାଡ଼ି ଆସିଥିବା ପାଠ
ଏହା ସେଇ ପ୍ରାର୍ଥନା ନୁହଁ ଯାହା ପିଲାଦିନେ ଗାଉଥିଲି,
'ସତ କହିବାକୁ କିଆଁ ଡରିବି' କହିଲାବେଳେ ଭାବୁଛି
କିଛି ଭୁଲ୍ ଗାଇଦେଲି କି ଆଉ ?

ଅନେକ କାମ ବାକି ପଡ଼ିଛି
ମାଆକୁ ଦେଖାଇବାର ଅଛି ତା'ର ଘର
ପାଇ ଫେରାଇବାକୁ ଥିବା ଘର
ସୁଖର ମହମହ ବାସ୍ନାରେ ବିଭୋର
ବିନୟାବନତ ସେ ଘର,
ଯାହା ଏଯାଏଁ ଗଢ଼ା ହେଇନାହିଁ

ଖୋଜନା ଖୋଜନା କହି
ମୁଁ ଖୋଜିବାରେ ଲାଗି ଯାଉଛି,
କେମିତି ମିଳିବ ପ୍ରଜାପତି
ପ୍ରଜାପତି ଧରିବା ପାଇଁ ମୁଁ ଯଦି
ପ୍ରଜାପତି ପଛରେ ହିଁ ଦୌଡୁଥାଏ
ଦିନରାତି,

ଘର ତୋଳା ଚାଲିଛି
ଘରତୋଳା ସରିଲାବେଳକୁ
ସେ ଗଛଟିଏ ପାଲଟି ଯାଇଛି
ଯା' ପାଇଁ ଘର କହିଲେ କେବଳ ପାଦେ ମାଟି,
ତା' ଡାଳରେ ଡାଳେ ଫୁଲ
ଆଉ ଆଖିରେ
ଶହେ ସରିକି ପ୍ରଜାପତି ! ■

ବି. କେଶବ ନିବାସ
ରାମନଗର, ୩ ( ଡି ) ଲେନ୍
ଲାଞ୍ଜିପଲ୍ଲୀ , ବ୍ରହ୍ମପୁର-୮
ମୋ : ୭୦୦୮ ୯୨୩୨୯୬

ମୁଁ କାହିଁକି ଲେଖେ

## "ଜୀବନର ସ୍ପନ୍ଦନ ବିହ୍ୱଳ କରେ ମୋତେ କବିତା ରଚନା ପାଇଁ"



ଡା. ସରୋଜିନୀ ଷଡ଼ଙ୍ଗୀ

କବି ହେବା ଏକ ବିରଳଭାଗ୍ୟ, କୋଟି କୋଟି ଜନ୍ମର ତପସ୍ୟା ବଳରେ ଜଣେ ମଣିଷ ଲେଖନୀ ଧରି କାଳଜୟୀ ଲେଖକ ବା ଲେଖିକା ହେବାର ପୁଣ୍ୟ ଅର୍ଜନ କରିଥାଏ । ମୁଁ ଜନ୍ମ ହେବା ପୂର୍ବରୁ ମତେ ତିନି ଜଣ କବି କବିତାର ହାତ ଧରି ଏ ପୃଥିବୀକୁ ଓହ୍ଲାଇ ଆସିବାକୁ ଆଦରରେ ଆମନ୍ତ୍ରଣ ଜଣାଇଥିଲେ । ସେମାନେ ଥିଲେ ମୋ ନନା (ବାପା) କବି ଓ ଶିକ୍ଷାବିତ୍ ଜୀବାନନ୍ଦ ଆଚାର୍ଯ୍ୟ, ବୋଉ ଶିଶୁ ଲେଖିକା ପଦ୍ମାବତୀ ଆଚାର୍ଯ୍ୟ ଏବଂ ଅଜା ପଶ୍ଚିମ ଓଡ଼ିଶାର କବି, ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ବୈରାଗୀ ମିଶ୍ର । ମୁଁ ମଧ୍ୟ ମୋର କୁନି କୁନି ଆଙ୍ଗୁଳିରେ କବିତାର ହାତଧରି ପୃଥିବୀକୁ ଓହ୍ଲାଇ ଆସିଥିଲି ଏବଂ ସେମାନେ ମୋ କାନରେ କବିତାର ସଂଜୀବନୀ ମନ୍ତ୍ର ଫୁଙ୍କି ଦେଇଥିଲେ ।

ଆଦରରେ ନନା ବୋଉ ମତେ କୋଳେଇ ନେବାବେଳେ ମୋ' ଆଖିରେ ଲଗାଇ ଦେଇଥିଲେ କବିତାର କଜ୍ଜଳ, କପାଳରେ କବିତାର ଟୀକା ଏବଂ ମୋର ଦେହକୁ ଆବୃତ କରି ଦେଇଥିଲେ କବିତାର ନାମାବଳୀରେ । ଆବେଗ କବିତା ହୋଇ ଝରି ଯାଇଥିଲା ନନାଙ୍କ ଲେଖନୀରୁ –'ମୋ ନବ ଜାତକ' ହୋଇ ।

ମୋର ପ୍ରଥମ କବିତାର ଆଦ୍ୟ ସ୍ଫୁରଣ ହୋଇଥିଲା 'କୋଣାର୍କର ବିଳାପ' କବିତାରେ, ଯାହା 'ପ୍ରଜାତନ୍ତ୍ର' ନାରୀଜଗତ ପୃଷ୍ଠାରେ ଏବଂ ପରେ 'ଝଙ୍କାର'ରେ ପ୍ରକାଶ ପାଇଥିଲା । ପ୍ରତି ରବିବାର ସଂଧ୍ୟାରେ ଆମ ଘରେ କବିତା ଆସର ହେଉଥିଲା । ନନା ବୋଉଙ୍କ ମଝିରେ ଛିଟ ଫ୍ରକ୍ ପିନ୍ଧି ଦୁଇପଟେ ବେଣୀ କରି ମୁଗ୍ଧ ଦୃଷ୍ଟିରେ କବିତା ପିଇ ଯାଉଥିଲି, ମୁଁ । ତାଙ୍କର କବିତାର ତର୍ଜମା ସୂକ୍ଷ୍ମାତିସୂକ୍ଷ୍ମ ଆଲୋଚନା, ପର୍ଯ୍ୟାଲୋଚନା ଏବଂ ପ୍ରାସଙ୍ଗିକ ଅନୁଶୀଳନ ମୋ' ମନରେ ଗଭୀର ରେଖାପାତ କରିଥିଲା । ଏହାଛଡ଼ା ପିଲାଦିନେ କବି ମାୟାଧର ମାନସିଂ, କବି ରାଧାମୋହନ ଗଡ଼ନାୟକ ଓ ଗୋଦାବରୀଶ ମହାପାତ୍ର ମଧ୍ୟ ଆମ ଘରକୁ ଆସୁଥିଲେ । ଏହିଭଳି ଭାବରେ ଜୀବନକୁ ନୂଆ ଚିହ୍ନୁଥିବା କିଶୋରୀଟିର ମନରେ କବିତା ଲେଖିବାର ଦୁର୍ବାର ନିଶାଟିଏ ସଂଚରି ଯାଇଥିଲା । ବୋଉର ଅକାଳ ବିୟୋଗ ପରେ ତା'ର ପାଣ୍ଡୁଲିପି ଓ ବହିର ସ୍ତୁପତଳେ ମୁଁ ଖୋଜିଛି ତା'ର ମମତାର ଉଷ୍ଣ ସ୍ପର୍ଶ, ତା'ର ମାତୃତ୍ୱର କୋମଳ ସାନ୍ନିଧ୍ୟ । ଅପ୍ରାପ୍ତିର ବ୍ୟଥା ମତେ ଅସ୍ଥିର କରିଛି, ଏଇ ବ୍ୟଥା, ଏଇ ଅସ୍ଥିରତା, ଏଇ ଅତୃପ୍ତି ବୋଧହୁଏ ମତେ ଦେଇଛି କବିତା ଲେଖିବାର ନିଶା, ନିଭୃତରେ, ମୋର ନିଜ ଅଜ୍ଞାତସାରରେ । ମୋର ନନାଙ୍କର ଲେଖୁଥିବା କବିତାଗୁଡ଼ିକ ଭିତରେ ମୁଁ ଖୋଜିପାଇଛି ଆଉ ଏକ ନୂଆ ପୃଥିବୀର ସନ୍ଧାନ, ଯେଉଁଠି ନାନା ଅତୃପ୍ତି ଓ ଅପ୍ରାପ୍ତି ସତ୍ତ୍ୱେ ଅଛି ଜୀବନର ଉଜ୍ଜ୍ୱଳପ୍ରାପ୍ତି ସ୍ୱୀକାର । ତାଙ୍କର 'ଜୀବନପଥେ' କବିତା ସଂକଳନ ମତେ ବହୁବାର ଉଦ୍‌ବୁଦ୍ଧ କରିଛି ଏଇ ମପାଚୁପା ତେଲ ଲୁଣ ସଂସାରର ଶଗଡ଼ ଗୁଳାରେ ନଚାଲି ଏକ ଭିନ୍ନ ପଥ ବାଛି ନେବା ପାଇଁ, ପୃଥିବୀର ସୀମାରେଖା ଟପି ପକ୍ଷୀଟିଏ ହୋଇ ଉଡ଼ିଯାଇ ଏକ ନୂତନ ଆଲୋକର ସନ୍ଧାନରେ ଦୂର ଆକାଶର ଅନନ୍ତ ନୀଳିମାରେ ମିଶି ଯିବା ପାଇଁ ।

କବିତା ଲେଖିଲା ବେଳେ କଲମ ମୁନକୁ ଓଠ ଧାରରେ ରଖି କଳ୍ପନାର ଇନ୍ଦ୍ରଧନୁରେ ମଜି ଗଲାବେଳେ, କବିଟିଏ ସ୍ୱର୍ଗରେ ହିଁ ଥାଏ, କଦବା କ୍ୱଚିତ୍ ଏ ପୃଥିବୀକୁ ତା'ର ଧରାବତରଣ ହୋଇଥାଏ । କିନ୍ତୁ ମୁଁ ଜଣେ ବିଜ୍ଞାନର ଛାତ୍ରୀ ଏବଂ ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଡାକ୍ତର ଯେଉଁଠି କେବଳ ଜରୁରୀକାଳୀନ ପରିସ୍ଥିତିରେ ମତେ ରୋଗିଣୀମାନଙ୍କର ଚିକିତ୍ସା କରିବାକୁ ପଡ଼ିଥାଏ । ଯେଉଁଠି ମା', ଶିଶୁ ଉଭୟଙ୍କର ଅମୂଲ୍ୟ ଜୀବନ ରକ୍ଷା କରିବାକୁ ଏମଜେନ୍‌ସି ଅପରେସନ୍ କରିବାକୁ ପଡ଼ିଥାଏ ତ' ଆଉ କେତେବେଳେ ରକ୍ତନଦୀରେ ସନ୍ତରଣ କରିବାକୁ ହୋଇଥାଏ । ଡାକ୍ତରୀ ମୋର ପେଶା ହେଲେ କବିତା ମୋର ନିଶା, ଡାକ୍ତରୀ ମୋର ଜୀବିକା ତ' ସାହିତ୍ୟ ହେଉଛି ଜୀବନ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ ହେବା ମୋର ବୃତ୍ତି ତ କବିତା ଲେଖିବା ମୋର ପ୍ରବୃତ୍ତି । ବିଜ୍ଞାନ ଓ କଳା, ଗୋଟିଏ ଉତ୍ତର ମେରୁ ଓ ଅନ୍ୟଟି ଦକ୍ଷିଣ ମେରୁ । ତାଙ୍କ ଭିତରେ ଆକର୍ଷଣ ଅଛି, ବିକର୍ଷଣ ନାହିଁ । ଜଣେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଭାବରେ ଅନେକ ବୟସର, ଅନେକ ସ୍ତରର ନାରୀମାନଙ୍କ ସଂସ୍ପର୍ଶରେ ଆସେ । କନ୍ୟା ଭ୍ରୂଣଟିଏ ଯେପରି ଜନ୍ମ ନହୋଇ ମଧ୍ୟ ତା'ର ଛଳଛଳ ଆଖିରେ ମତେ ଅନୁନୟ କରିଥାଏ କିଛି ଲେଖିବା ପାଇଁ । ସେଇ କନ୍ୟାଭ୍ରୂଣ ହତ୍ୟା ପାଇଁ ଲିଖିତ କବିତା ନିଛକ ଅନୁଭୂତିରୁ ଲେଖିଛି, ଯେଉଁଠି ଏ ଦୁନିଆଁର ଆଲୋକ ଦେଖିବା ଆଗରୁ ନିର୍ବାପିତା ହୋଇଯାଉଥିବା ଝିଅ ମା' ଗର୍ଭରୁ କାନ୍ଦି କାନ୍ଦି କହୁଛି – "ମୁଁ ତୁମ ଲୋହିତ ଦେହୁଁ ପୁଣିଥରେ/ଜନ୍ମନେବି ମନସ୍ୱିନୀ ହୋଇ/ ମୃଣାଳିନୀ ହୋଇ ମୁଁ ଯେ/ ସୁଗନ୍ଧରେ ଭରିଦେବି ଦିଗରୁ ଦିଗନ୍ତ ଯାଏଁ/ ମନ୍ଦାକିନୀ ହୋଇ ମୁଁ ଯେ/ ବହିଯିବି ହିମାଳୟୁ କୁମାରୀକା ଯାଏଁ/ ତେଜସ୍ୱିନୀ ରୂପ ନେଇ/ ତପସ୍ୱିନୀ ମନନେଇ/ ହେବି ମୁଁ ବିଶ୍ୱରେ ଏକ/ ଅନବଦ୍ୟ ବିଭୋର ବିସ୍ମୟ ।" ଏହା ଥିଲା 'ଆତ୍ମଜା' କବିତା ଯାହା ସର୍ବ ଭାରତୀୟ ସ୍ତରରେ ପ୍ରଥମ ହୋଇ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ତଥା ୨୩ଟି ଭାରତୀୟ ଭାଷାରେ ବୃତ୍ତ ଚିତ୍ର ହୋଇ ସମ୍ମାନିତ ହୋଇଥିଲା ।

ସେମିତି ଅବହେଳିତା ଶିଶୁକନ୍ୟା, ନିଷ୍ପେଷିତା କିଶୋରୀ କନ୍ୟା, ଯୌତୁକର ଜୁଇରେ ଜଳୁଥିବା ନବବଧୂ, ଗୃହିଣୀ ଓ ମା' ସମସ୍ତେ ସବୁ ମୁହୂର୍ତ୍ତରେ ମତେ ଆଲୋଡ଼ିତ କରିଥାନ୍ତି ଏବଂ ମୋ କଲମକୁ ଝୁଙ୍କେଇ ଦେଇ ଲେଖିବାକୁ ଅନୁରୋଧ କରିଥାନ୍ତି । ସେମାନଙ୍କ କାହାଣୀ ହୋଇଯାଏ ମୋ କବିତାର ଉପଜୀବ୍ୟ ।

ଏଇ ନାରୀମାନେ ହିଁ ମତେ ଚିରକାଳ ପ୍ରେରଣା ଯୋଗାଇଥାନ୍ତି । ମୁଁ ଅନୁଭବ କରିଥାଏ କବିତାର ମୃଦୁ ଭୂକଂପନଟିଏ ପ୍ରସବ ଗୃହର ଜରାୟୁର ସଂକୋଚନ ଓ ପ୍ରସାରଣରୁ, ମା'ର ପ୍ରସବ ବେଦନାରୁ, ସଦ୍ୟ ପ୍ରସୂତିର ବିଲୋଳ ହସରୁ, ନବଜାତକର କୁଆଁ କୁଆଁ କାନ୍ଦରୁ ତଥା ଜନନୀର ଅମୃତକ୍ଷୀର ଧାରରୁ । ତେଣୁ ଜୀବନ ଓ ମୃତ୍ୟୁର ସଂଘର୍ଷ ଭିତରେ ମଧ୍ୟ ଜୀବନର ସ୍ପନ୍ଦନ ମତେ ବିହ୍ୱଳ କରିଦିଏ ଏବଂ କବିତାର ସୂକ୍ଷ୍ମ ଶାଣିତ ଚିତ୍ରଟିଏ, ସୃଜନୀ ଶକ୍ତିକୁ ତୀକ୍ଷ୍ଣ କରିଦିଏ । କବିର ଅନୁଭୂତି ଯେତେବେଳେ ସ୍ନେହମୟ ହୁଏ, ପ୍ରଜ୍ଞା ଯେତେବେଳେ ଆବେଗକୁ ଅବତରଣ କରେ, ସେତେବେଳେ କବିତା ହିଁ ଓହ୍ଲାଇ ଆସେ, ମନସ୍ୱିନୀ ହୋଇ, କେଉଁ ଆରାଧ୍ୟ ଈଶ୍ୱରୀର ଗଳାରେ ଚମତ୍କାର ବର୍ଣ୍ଣମାଳା ହୋଇ । ଭାବ, ଭାଷା ଓ ଆବେଗର ଏକ ମୁଗ୍ଧ ସମ୍ମିଶ୍ରଣ ହେଉଛି କବିତା ।

ଆଙ୍ଗିକ ଦୃଷ୍ଟିରୁ 'ଆଧୁନିକ' ହେଲେ ହେଁ, ଆତ୍ମିକ ଦୃଷ୍ଟିରୁ ମୋର କବିତା ସବୁ ଏକ ଚିରାୟିତ ଚରୈବେତିର ଚଟୁଳ ଚର୍ଯ୍ୟାପଦ । ଦୀର୍ଘ ବର୍ଷ ବ୍ୟାପି ବିଭିନ୍ନ ପରିବର୍ତ୍ତନର ପ୍ରାଞ୍ଜଳ ପର୍ଯ୍ୟାୟ ଦେଇ, ମୋର କାବ୍ୟଚେତନା ସଂପ୍ରତି ଉପନୀତ ହୋଇସାରିଛି ଏକ ଉତ୍ତରିତ ଉତ୍ତୀର୍ଣ୍ଣତାରେ । ଏକ ନିର୍ଦ୍ଧାରିତ ନିର୍ଣ୍ଣୟ ଓ ନିବିଡ଼ ନିର୍ଦ୍ଦିଷ୍ଟତା ଥାଇ, ରେଖାଙ୍କିତ ହୋଇଛି ନିଭୃତ ନାରୀତ୍ୱର ଅନ୍ତରଙ୍ଗ ଆକୃତି । ସେଥି ସହିତ ସ୍ପଷ୍ଟ ପ୍ରକଟ ହୋଇଛି ସମକାଳୀନ ସଂଶୟ ଓ ସ୍ୱବିରୋଧର ଶାଣିତ ସତ୍ୟାନୁଭୂତି । ଏହି ଦୃଷ୍ଟିରୁ ମୋ କବିତା ଦେହରୁ ବିଦେହ, ସ୍ଥିତିରୁ ସମୟ, ଭୂମିରୁ ଭୂମା, ସତ୍ତାରୁ ସୂକ୍ଷ୍ମତା ତଥା ଶରୀରରୁ ଆତ୍ମା ଆଡ଼କୁ ଏକ ଅନିବାର୍ଯ୍ୟ ଆରୋହଣ ।

ଶେଷରେ ଏତିକି ପ୍ରାର୍ଥନା ଜୀବନର ଅନ୍ତିମ ଅଧ୍ୟାୟ ଯାଏଁ ପ୍ରଭୁ ମୋର ଗୋଟିଏ ହାତରେ ଷ୍ଟେଥୋସ୍କୋପ୍ ଓ ଅନ୍ୟ ହାତରେ ଲେଖନୀ ଧରି କବିତାର ସୁବର୍ଣ୍ଣ ରେଣୁରେ ଚାଲିବାର ସୌଭାଗ୍ୟ ଦିଅନ୍ତୁ । ■

ଲିଙ୍କ୍‌ରୋଡ୍, କଟକ-୧୨
ମୋ: ୯୪୩୭୦୫୫୦୦୭

## ପୁସ୍ତକ ପରିଚୟ

### ଶବ୍ଦର ସଂଳାପ

ପ୍ରଣତି ଆଚାର୍ଯ୍ୟ ମିଶ୍ର





ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର, ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଶବ୍ଦ ହେଉଛି ବ୍ରହ୍ମ । ଶବ୍ଦରୁ ସୃଷ୍ଟି ବାକ୍ୟ, ସଂଳାପ । ବାସ୍ତବ ଜୀବନର ଏଭଳି କିଛି ଶବ୍ଦ, ସଂଳାପ ଓ ଆଳାପକୁ ନେଇ ରଚିତ ପ୍ରବନ୍ଧର ସମାହାର ହେଉଛି ପ୍ରଣତି ଆଚାର୍ଯ୍ୟ ମିଶ୍ରଙ୍କ 'ଶବ୍ଦର ସଂଳାପ' ପୁସ୍ତକ । ଏହି ପୁସ୍ତକରେ ୫୨ ଟି ଭିନ୍ନ ସ୍ୱାଦର ପ୍ରବନ୍ଧ ସଂକଳିତ ହୋଇଛି । କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ପ୍ରଯୁକ୍ତିବିଦ୍ୟା, କୃଷି, ପ୍ରକୃତି, ସମାଜଶାସ୍ତ୍ର, ସାମାଜିକ ବାସ୍ତବତା ଆଦି ସଂପର୍କରେ ଅତି ଚମତ୍କାର ଭାବେ ଏହି ପ୍ରବନ୍ଧଗୁଡ଼ିକରେ ସୂକ୍ଷ୍ମାତିସୂକ୍ଷ୍ମ ଆଲୋଚନା କରାଯାଇଛି । 'ଚିତ୍ର ସଂପୂର୍ଣ୍ଣ କଳା ନୁହେଁ', 'ସବୁଜ ସୁନା', 'ଅଧା ଖୋଲା ଓଠ', 'ବୟସ ବାଧକ ନୁହେଁ', 'ପୁସ୍ତକରେ ସୀମିତ ମୂଲ୍ୟବୋଧ', 'ବୁଢ଼ା ବରଗଛ ଛାଇ', 'କୃତ୍ରିମ ଶବ୍ଦ ଚେତାବନୀ', 'ଲଫାପାର ଲୁହ', 'ଭୋକର ସମାଜଶାସ୍ତ୍ର', 'ପାଣି ଖାଅ, ପାଣି ପିଅ', 'ଡିଜିଟାଲ୍ ବିଷକନ୍ୟା', 'ବୟସ କେବଳ ଏକ ସଂଖ୍ୟା' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ପ୍ରତିଟି ପ୍ରବନ୍ଧରେ ଦାର୍ଶନିକ ଦୃଷ୍ଟିଭଙ୍ଗୀ, ଜୀବନର ଛୋଟ ଛୋଟ କଥା ଓ ଅନୁଭବକୁ ଲେଖିକା ଅତି ଚମତ୍କାର ଭାବେ ତର୍ଜମା କରିଛନ୍ତି । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ଶ୍ରୀମଦ୍ ଭାଗବତ ଗୀତା
### ଏ କରିକୁଲମ୍ ଫର୍ ସ୍କୁଲ୍‌ସ-ଭାଗ-୧

ପଞ୍ଚମୀ ମନୁ ଉକିଲ





କେତକୀ ବୁକ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୩୫୦ ଟଙ୍କା

ଶ୍ରୀମଦ୍ ଭଗବତ ଗୀତା ହେଉଛି ହିନ୍ଦୁ ଧର୍ମର ଏକ ପବିତ୍ର ଗ୍ରନ୍ଥ । ସାଂପ୍ରଦାୟିକ ସଂକୀର୍ଣ୍ଣତା ଊର୍ଦ୍ଧ୍ୱରେ ମଣିଷକୁ ମହତ୍ତର ସୋପାନକୁ ଉତ୍ତୋଳିତ କରି ନେଇଥାଏ ଏହାର ସାର ସତ୍ୟ । ଇଂରାଜୀ ଭାଷାରେ ଅନୁଦିତ ପଞ୍ଚମୀ ମନୁ ଉକିଲଙ୍କ 'ଶ୍ରୀମଦ୍ ଭାଗବତ ଗୀତା' (ଏ କରିକୁଲମ୍ ଫର୍ ସ୍କୁଲ୍‌ସ-ଭାଗ-୧) ପୁସ୍ତକ ପ୍ରକାଶ ପାଇଛି । ଆଧୁନିକ ଶିକ୍ଷାରେ 'ଶ୍ରୀମଦ୍ ଭଗବତ ଗୀତା'କୁ ସାମିଲ କରିବା ଉଦ୍ଦେଶ୍ୟରେ ଇଂରାଜୀ ଭାଷାରେ ଏହାର କେତୋଟି ମନୋନୀତ ଶ୍ଳୋକକୁ ଅନୁବାଦ କରାଯାଇଛି । ପ୍ରତିଟି ଶ୍ଳୋକର ସାରତତ୍ତ୍ୱକୁ ଅତି ସରଳ ଭାଷାରେ ବ୍ୟାଖ୍ୟା କରାଯାଇ କଠିନ ଶବ୍ଦଗୁଡ଼ିକର ଅର୍ଥ ଦିଆଯାଇଛି । ସେହିପରି ପ୍ରତିଟି ଶ୍ଳୋକର ପାର୍ଶ୍ୱରେ ଦିଆଯାଇଥିବା କ୍ୟୁଆର୍ କୋର୍ଡକୁ ସ୍କାନ କଲେ ସୁମଧୁର ସ୍ୱର ଶୁଣି ପାରିବେ । ଆମର ସଂସ୍କୃତି, ପରମ୍ପରା ସହିତ ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିବାର ଏକ ମହତ୍ ପ୍ରୟାସ ଏହି ପୁସ୍ତକରେ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

### ସମାଜ ସଂସ୍କାରକ
### ବୈକୁଣ୍ଠନାଥ ବ୍ରହ୍ମଚାରୀ

ଚନ୍ଦ୍ରମଣି ଭୂୟାଁ




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୦୦

ବିଶିଷ୍ଟ ସମାଜ ସଂସ୍କାରକ, ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ଧର୍ମଗୁରୁ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନ ଓ ସାରସ୍ୱତ କୃତିକୁ ନେଇ ଚନ୍ଦ୍ରମଣି ଭୂୟାଁଙ୍କ ଲିଖିତ 'ସମାଜ ସଂସ୍କାରକ ବୈକୁଣ୍ଠ ନାଥ ବ୍ରହ୍ମଚାରୀ' ପୁସ୍ତକ ପ୍ରକାଶ ପାଇଛି । ବୈକୁଣ୍ଠନାଥଙ୍କ ରଚିତ କାବ୍ୟ, କବିତା, ପ୍ରବନ୍ଧ, ଭଜନ, ଜଣାଣ, ଚଉତିଶା, ଚଉପଦୀ ଆଦି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଏହି ପୁସ୍ତକରେ ବୈକୁଣ୍ଠନାଥଙ୍କ ଜନ୍ମ, ବାଲ୍ୟଜୀବନ, ଶିକ୍ଷା, ସାଧନା, ଧର୍ମ ପ୍ରଚାର, ସଙ୍ଗଲୀଳା ଆଦି ସଂପର୍କରେ ଆଲୋଚନା କରାଯାଇଛି । ସ୍ୱାଧୀନତା ସଂଗ୍ରାମ ପ୍ରତି ମଧ୍ୟ ତାଙ୍କର ଅବଦାନ ରହିଛି । ସେହିପରି ସମାଜସେବା, ଦେଶପ୍ରେମ, ଆଧ୍ୟାତ୍ମିକ ସାଧନା ସଂପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି । ମହାନ୍ ସାରସ୍ୱତ ସାଧକ ଓ ସମାଜ ସଂସ୍କାରକ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନ, ସାରସ୍ୱତ ସାଧନା ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ପ୍ରେରଣା ଦେବ । 'ସମାଜ ସଂସ୍କାରକ ବୈକୁଣ୍ଠନାଥ ବ୍ରହ୍ମଚାରୀ' ପୁସ୍ତକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ଅଢ଼େଇ ବର୍ଷରେ ଭୁଶୁଡ଼ିପଡ଼ିଲାଣି ଶିକ୍ଷା ବ୍ୟବସ୍ଥା: ବିଜେଡି

**ପବିତ୍ର ଗୁରୁ ଦିବସରେ ଗୁରୁମାନେ ରାଜରାସ୍ତାରେ**

**ମିଛ ପ୍ରତିଶ୍ରୁତି ଦେବାରେ ବିଜେପି ସିଦ୍ଧହସ୍ତ**

**ଅନୁଦାନପ୍ରାପ୍ତ କଲେଜରେ ଗଣେଶ ପୂଜା ନେଇ ଆଶଙ୍କା**

ଭୁବନେଶ୍ୱର,୫।୯(ସମିସ): ପବିତ୍ର ଗୁରୁ ଦିବସରେ ଗୁରୁ ମାନଙ୍କୁ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ଭଳି ବିବ୍ରତଜନକ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ବିଚିତ୍ର ନୀତି ଯୋଗୁଁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବା ସ୍ଥିତିରେ ପହଞ୍ଚିଛି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ରାଜ୍ୟ ସରକାରଙ୍କ ନୀତି ଯୋଗୁଁ ରାଜ୍ୟର ଅନେକ ଏଡେଡ କଲେଜ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି ଓ ସେହି କାରଣରୁ ଚଳିତ ବର୍ଷ ଏହି କଲେଜ ଗୁଡିକରେ ଗଣେଶ ପୂଜା ଅନୁଷ୍ଠିତ ହୋଇନପାରିବା ନେଇ ଆଶଙ୍କା ଦେଖାଦେଇଛି। ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥାର ଏପରି ସ୍ଥିତିକୁ ନେଇ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନେକ ବରିଷ୍ଠ ବିଜେପି ନେତା ଯେତେବେଳେ ବିରୋଧୀ ଦଳରେ ଥିଲେ, ଏହି ବ୍ଲକ ଗ୍ରାଣ୍ଟ ଶିକ୍ଷକ ମାନଙ୍କ ଆନ୍ଦୋଳନ ସ୍ଥଳକୁ ଯାଇ ବିଜେପି କ୍ଷମତାକୁ ଆସିଲେ, ସେମାନଙ୍କ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିବାର ପ୍ରାୟ ଅଢ଼େଇ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି ଶିକ୍ଷକମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି। ଏହା ପ୍ରମାଣିତ କରୁଛି ଯେ ବିଜେପି ମିଛ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ। ଏହାଛଡା ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ପରମ୍ପରା ମଧ୍ୟ ବିଜେପି ଶାସନରେ ନଷ୍ଟ ହୋଇଛି। ଗୁରୁ ଦିବସରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସମ୍ଭବ ହେଉନାହିଁ, ତେଣୁ ଏହାକୁ ବାତିଲ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ଯାହା ଗ୍ରହଣୀୟ ନୁହେଁ। ଡ. ମହାନ୍ତି ଆହୁରି କହିଥିଲେ ଯେ ଚଳିତ ବର୍ଷ କଲେଜ ଗୁଡିକରେ ଗଣେଶ ପୂଜା ପାଳନ ନ ହୋଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି । କେଜିରୁ ପିଜି ପର୍ଯ୍ୟନ୍ତ ସରକାରଙ୍କ ମାଗଣା ଶିକ୍ଷା ଯୋଜନା କାରଣରୁ ଏହି ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଜଣାପଡିଛି। ରାଜ୍ୟର ଅଧିକାଂଶ ଏଡେଡ କଲେଜ ପିଲାମାନଙ୍କ ଟଙ୍କାରେ(ଫିସ) ଚାଲେ। ଯେଉଁଥିରେ କଲେଜର ବିକାଶ, ଅଧ୍ୟାପକମାନଙ୍କ ଦରମା, ପୂଜା ଇତ୍ୟାଦି କରାଯାଇଥାଏ। ହେଲେ ମାଗଣା ଶିକ୍ଷା କହିବା ପରେ ପିଲା ଆଉ ଟଙ୍କା ଦେଉନାହାନ୍ତି। ଏହାକୁ ଭରଣା କରିବାକୁ ସରକାର ଯେଉଁ ଟଙ୍କା ଦେବା କଥା କହିଥିଲେ, ତାହା ଏପର୍ଯ୍ୟନ୍ତ ମିଳିନାହିଁ। ଏହି କିସ୍ତି ଯଦି ବି ଆସେ, ତାହା ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ ହୋଇଛି। ତେଣୁ ଗଣେଶ ପୂଜା କେମିତି କରାଯିବ, ସେ ନେଇ ଅଧ୍ୟାପକମାନେ ଚିନ୍ତାରେ ଅଛନ୍ତି। ସେପଟେ ଉଚ୍ଚଶିକ୍ଷା ମନ୍ତ୍ରୀ ଅଧ୍ୟାପକମାନଙ୍କୁ ପରୋକ୍ଷରେ କଟାକ୍ଷ କରି କହିଛନ୍ତି ଯେ କଲେଜରେ ପୂଜା କରିବା ପାଇଁ ଆଧ୍ୟାତ୍ମିକ ଆଗ୍ରହ ଦରକାର, ଟଙ୍କା ନୁହେଁ। ଏହା ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି ଡ. ମହାନ୍ତି କ୍ଷୋଭକ୍ତି ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିର୍ବାଚନ ନ ଲଢ଼ି...

ବିଜେପିର ଉପାଧ୍ୟକ୍ଷା ଅଛନ୍ତି। ସର୍ବାଧିକ ଚାନ୍ଦା ଗ୍ରହଣ କରିବାରେ ଏହାପଛକୁ ରହିଛି ଗୁଜରାଟର ଆନନ୍ଦ ସ୍ଥିତ ସତ୍ୟବାଦୀ ରକ୍ଷକ ପାର୍ଟି। ଏହି ପାର୍ଟିକୁ ମିଳିଛି ୩୩୦ କୋଟି ୫୫ ଲକ୍ଷ ଟଙ୍କା। ଅନ୍ୟପକ୍ଷରେ ଏହି ଆର୍ଥିକ ବର୍ଷରେ କଂଗ୍ରେସକୁ ମିଳିଥିଲା ୨୮୧ କୋଟି ଟଙ୍କା। ଅନ୍ୟ ୪ଟି ପାର୍ଟି ମଧ୍ୟରୁ ସ୍ୱତନ୍ତ୍ରତା ଅଭିବ୍ୟକ୍ତି ପାର୍ଟିକୁ ୨୧୯.୬୯ କୋଟି ଟଙ୍କା ମିଳିଥିବା ବେଳେ ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟିକୁ ୨୦୦.୬୯ କୋଟି, ଭାରତୀୟ ନେସାନାଲ ଜନତା ଦଳକୁ ୧୯୧.୬୧ କୋଟି ଏବଂ ଗରିବ କଲ୍ୟାଣ ପାର୍ଟିକୁ ୧୩୮ କୋଟି ଟଙ୍କା ମିଳିଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିଏମସି ନେତା କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଏହି ଦଳଗୁଡ଼ିକର କୌଣସି ସାଂସଦ କିମ୍ବା ବିଧାୟକ ନାହାନ୍ତି। ସେମାନେ ଏହି ଅର୍ଥ କେଉଁଠି ଖର୍ଚ୍ଚ କରୁଛନ୍ତି। ଅନ୍ୟମାନଙ୍କ ପାଇଁ ଏମାନେ ଚାନ୍ଦା ଆଦାୟ କରୁଛନ୍ତି କି? ଏସଂପର୍କରେ ଆରଜେଡି ସାଂସଦ ମନୋଜ ଝା କହିଛନ୍ତି ଯେ ଗୋଟିଏ ଦଳ ନିର୍ବାଚନ ନଲଢ଼ି ୬୨୦ କୋଟି ଟଙ୍କାର ଚାନ୍ଦା ପାଉଛି କେମିତି? ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳଠାରୁ ମଧ୍ୟ ଏହା ଅଧିକ ଆୟ କରୁଛି। ଏହା ପଛରେ ହୱାଲା କାରବାର ନାହିଁ ତ? ସୁପ୍ରିମ କୋର୍ଟ ଏଥିରେ ହସ୍ତକ୍ଷେପ କରିବା ଉଚିତ ବୋଲି ସେ ମତ ଦେଇଛନ୍ତି।

### ୧୫ରେ ନୂଆଁଖାଇ...

ଅବସରରେ, ଝାଡୁଆପଡ଼ାସ୍ଥିତ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି। ପଣ୍ଡିତ ସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ। ସ୍ଥାନୀୟ ବ୍ରହ୍ମପୁରା ମନ୍ଦିରଠାରେ ମନ୍ଦିର ଟ୍ରଷ୍ଟ କମିଟି ଆନୁକୂଲ୍ୟରେ ପରମ୍ପରା ଅନୁସାରେ ବସିଥିôବା ପଣ୍ଡିତ ସଭା ନିର୍ଣ୍ଣୟ ଅନୁଯାୟୀ - ଶ୍ରୀ ବୀର ବିକ୍ରମ ସମ୍ବତ ୨୦୮୩, ଶକାବ୍ଦଃ ୧୯୮୪, ଶ୍ରୀ ଶ୍ରୀ ଦିବ୍ୟ ସିଂହଦେବ ମହାରାଜସ୍ୟ ୬୯ ଅଙ୍କ ସିଂହ ୩୦ ଦିନ, ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ଦି:ଘ: ୭।୧୫ ମି ଗତେ, ପଞ୍ଚମୀ ତିଥି ଇଂରାଜୀ ତା: ୧୫-୦୯-୨୦୨୬ ମଙ୍ଗଳବାର ସ୍ୱାତୀ ନକ୍ଷତ୍ରେ, ଦିବା ୯ ଘଣ୍ଟା ୪୦ ମିନିଟ୍‌ରୁ ୯ ଘଣ୍ଟା ୫୪ ମିନିଟ ମଧ୍ୟେ, ପ୍ରଶସ୍ତ ତୁଳା ଲଗ୍ନେ ବୃଷ ନବାଂଶେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନବାନ୍ନ ଭୋଗକୁ ଶୁଭ।

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ସଭାରେ ପଣ୍ଡିତ ବିରେନ ମିଶ୍ର, ନିଳାଞ୍ଚଳ ପାଣିଗ୍ରାହୀ, ଗିରିଜା ଶଙ୍କର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ଜିତେନ୍ଦ୍ର ନନ୍ଦ, ଶଶାଙ୍କ ଶେଖର ମିଶ୍ର, ରବି ନାରାୟଣ ପଣ୍ଡା, ମନବୋଧ ପାଢ଼ୀ, ସରିତ ପାଢ଼ୀ, ପ୍ରୀତମ ମିଶ୍ର, ଉପେନ୍ଦ୍ର ପାଣିଗ୍ରାହୀ, ବଂଶୀଧର ଶତପଥୀ, ଝସକେତନ ହୋତା, ଉତ୍ତମ ରଥ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଳପତ, ଶ୍ରୀମନ୍ତ ମିଶ୍ର, ପାର୍ଥସାରଥୀ ମିଶ୍ର, ପ୍ରାଣରଞ୍ଜନ ପଣ୍ଡା, ସୁଭେନ୍ଦ୍ର ପଣ୍ଡା, ସୂର୍ଯ୍ୟ କୁମାର ମିଶ୍ର, ସୁଶାନ୍ତ ପୁରୋହିତ, ଅମରନାଥ ସୂପକାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ। ଇଷ୍ଟଦେବୀ ମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ।

### ଗୁରୁ ଗର୍ଜନ ପରେ...

ପୁଞ୍ଜିଭୂତ ଅସନ୍ତୋଷକୁ ନେଇ ଆଜି ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ପ୍ରାୟ ୪୦ ହଜାର ଶିକ୍ଷକ ଅଧ୍ୟାପକ ବିଶାଳ ସମାବେଶ କରି ନ୍ୟାଯ୍ୟ ଦାବି ପାଇଁ ଗର୍ଜିଥିଲେ। ଫଳରେ ସରକାରଙ୍କ ଦୁଇ ମନ୍ତ୍ରୀ ଆଜି ଆନ୍ଦୋଳନରତ ଶିକ୍ଷକ ଅଧ୍ୟାପକଙ୍କୁ ଭେଟିବା ସହ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ଆନ୍ଦୋଳନସ୍ଥଳରେ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାରଣାରତ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଶିକ୍ଷା ଓ ଶିକ୍ଷକଙ୍କ ଦାବି ଅନୁଶୀଳନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ସରକାରଙ୍କୁ ରିପୋର୍ଟ ଦେଇସାରିଛି। ଅବସରପ୍ରାପ୍ତ ଆଇଏଏସ୍ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୬୯ ଟି ବିଷୟରେ ପ୍ରାୟ ୮୦୦ ପୃଷ୍ଠା ସମ୍ବଳିତ ରିପୋର୍ଟ ଦାଖଲ କରିଛନ୍ତି। ଏହି ରିପୋର୍ଟକୁ ସରକାର ତର୍ଜମା କରୁଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ସହ ଶିକ୍ଷକଙ୍କ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଖୁବଶୀଘ୍ର ସମସ୍ତ ଦାବି ପୂରଣ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତାଙ୍କ ସହିତ ବିଧାୟକ ଆଶ୍ରିତ ପଟ୍ଟନାୟକ ମଧ୍ୟ ଶିକ୍ଷକଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡପେ ଅସଙ୍ଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରାକରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି, ପିଲାଙ୍କୁ ଶିକ୍ଷା ଉପକରଣ, ପୋଷାକ ଓ ସାଇକେଲ୍ ପ୍ରଦାନ କରିବାକୁ ସମିତି ଦାବି ରଖିଛି।

### ପୁଲିସ ଏସ୍‌ଆଇ...

୧୩ତମ ବ୍ୟାଚ୍ ଏସ.ଆଇ ଅଧିକାରୀମାନଙ୍କ ଦୀକ୍ଷାନ୍ତ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଲାମୀ ଗ୍ରହଣ କଲେ। ହେଲେ ପ୍ରକୃତ କଥା ହେଉଛି ଯେ ଦୁଇ ବର୍ଷର ପ୍ରଶିକ୍ଷଣ ସାରି ଓଡ଼ିଶା ପୁଲିସରେ ଯୋଗ ଦେଇଥିବା ଏହି ୩୩୬ ଜଣ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିଲା। 'ନବନିଯୁକ୍ତ ସମସ୍ତ ଅଧିକାରୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି।' ନ୍ୟାୟିକ ବ୍ୟବସ୍ଥାକୁ ମଜଭୁତ କରିବା ସହ ଲୋକଙ୍କ ସେବାର ଦୃଢ଼ ସଙ୍କଳ୍ପ ନେଇ ସମସ୍ତେ କାର୍ଯ୍ୟ କରନ୍ତୁ ବୋଲି ନବୀନ ଶୁଭେଚ୍ଛାରେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି କିଛି ନ କରି ମିଛ ଶ୍ରେୟ ନେବାକୁ ବିଜେପି ସରକାର ଆଗରେ। ସରକାର ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ, ପ୍ରଶ୍ନପତ୍ର ଲିକ୍ ପାଇଁ ୨୦୨୫ରେ ବାତିଲ ହୋଇଥିବା 'କମ୍ବାଇନ୍ଡ ପୋଲିସ ସର୍ଭିସ୍ ପରୀକ୍ଷା' କେବେ ହେବ? ହଜାର ହଜାର ଯୁବକ, ଯୁବତୀଙ୍କ ପ୍ରାୟ ଏକ ବର୍ଷ ସମୟ ବିଜେପି ସରକାର ନଷ୍ଟ କରି ସାରିଲାଣି। ଡବଲ୍ ଇଞ୍ଜିନ୍ ସରକାରର ଅପାରଗତା ଓଡ଼ିଶାର ଯୁବ ସମାଜକୁ ହତାଶ କରିଛି। ଆଶାୟୀଙ୍କ ସ୍ୱପ୍ନ ଓ ଭବିଷ୍ୟତକୁ ବିଜେପି ସରକାର ଅନିଶ୍ଚିତତା ଭିତରକୁ ଠେଲି ଦେଇଛି। ଏହି ବିଳମ୍ବ ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରୁଛି। ସରକାରୀ ନିଯୁକ୍ତିରେ ନିରପେକ୍ଷତା ଓ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ଭରସାକୁ ମଧ୍ୟ ଏହା କ୍ଷତି ପହଞ୍ଚାଉଛି। ସରକାର ତୁରନ୍ତ ଏହି ପରୀକ୍ଷା ପୁନଃ ଆୟୋଜନ ନେଇ ବିଜ୍ଞପ୍ତି ପ୍ରକାଶ କରନ୍ତୁ।

### ମାର୍ଚ୍ଚ ଶେଷରେ...

ଏଥିପାଇଁ ଆବଶ୍ୟକ ବାଲାଟ ବକ୍ସ ଅର୍ଡର ଦିଆସରିଛି। ପଞ୍ଚାୟତ ନିର୍ବାଚନ ସରିବାର ୧୫ରୁ ୧ ମାସ ମଧ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୬ ହଜାର ଇଭିଏମ୍ ଆବଶ୍ୟକ ରହିଥିବା ବେଳେ ଏହା ଆସନ୍ତା ନଭେମ୍ବର ମାସ ସୁଦ୍ଧା ହସ୍ତଗତ ହେବ। ନିର୍ବାଚନ ପାଇଁ ଆସନ୍ତା ଫେବ୍ରୁଆରୀ ୧୦ ତାରିଖ ସୁଦ୍ଧା ବିଧିବଦ୍ଧ ଭାବରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କସରତ୍ ଆରମ୍ଭ ହୋଇସାରିଛି। ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଗତ ୩ ତାରିଖରେ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବାକୁ ହୋଇଛି। ସେହିପରି ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ର ଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ। ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥ୍‌ରେ ସାମିଲ ଅଛନ୍ତି। ତତ୍ ସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍‌ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ।

### ୯ ରୁ ଉତ୍ତର ଓଡ଼ିଶାରେ...

ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ ବର୍ଷାର ବିସ୍ତୃତି ବଢ଼ିବା ସହ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ଥିବା ଆକଳନ କରିଛି ପାଣିପାଗ କେନ୍ଦ୍ର। ତେବେ ୧୨ ତାରିଖ ବେଳକୁ ପାଗରେ ସାମାନ୍ୟ ପରିବର୍ତ୍ତନ ଘଟିପାରେ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

### ୩ ବର୍ଷ ହେଲା...

ନେଇଥାଏ। ମାତ୍ର ଏଠାରେ ସ୍ଥାୟୀ ବୋର୍ଡ ନ ଥିବାରୁ ଏବଂ ଭାରପ୍ରାପ୍ତ ଅଧିକାରୀମାନେ ଅନ୍ୟ ପଦରେ ଥିବାରୁ ଏସବୁ ନିଷ୍ପତ୍ତି କିପରି ନିଆଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିକ୍ଷାବିତଙ୍କ କହିବା କଥା, ବୋର୍ଡର ଅଧ୍ୟକ୍ଷ ଭାବେ ପୂର୍ବରୁ ଜଣେ ପ୍ରଫେସରଙ୍କୁ ନିଯୁକ୍ତ କରାଯାଉଥିଲା। ଶିକ୍ଷା କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ପରୀକ୍ଷା ପାଇଁ ସିଲାବସ୍ ପ୍ରସ୍ତୁତି ସାଙ୍ଗକୁ ପରୀକ୍ଷା ପରିଚାଳନାରେ ସହାୟକ ହେଉଥିଲା। ମାତ୍ର ସମ୍ପ୍ରତି ଏହି ପଦରେ ଅଧିକାରୀମାନଙ୍କୁ ଅଧିଷ୍ଠିତ କରାଯାଇଥିବାରୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ଣ୍ଣକାଳୀନ କାର୍ଯ୍ୟ ପାଇଁ ଅନ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟିତ୍ୱ ଦେବା ଦ୍ୱାରା ସେମାନେ ପର୍ଯ୍ୟାପ୍ତ ସମୟ ଦେଇପାରୁ ନାହାନ୍ତି। ଫଳରେ ପରୀକ୍ଷାର ସ୍ୱଚ୍ଛତା ଓ ଗୋପନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ପରୀକ୍ଷା ପରିଚାଳନାରେ ମନ୍ଥରତା ଦେଖାଦେଉଛି। ଅପରପକ୍ଷରେ ନିଯୁକ୍ତି ପ୍ରଦାନ କରୁଥିବା ଏହି କାର୍ଯ୍ୟାଳୟରେ ପ୍ରାୟ ସମସ୍ତ ପଦ ଖାଲି ପଡ଼ିଛି। ଜଣେ ସମ୍ପାଦକଙ୍କ ସମେତ ୨ ଜଣ ସେକ୍ସନ୍ ଅଫିସର ଓ କିଛି ଚତୁର୍ଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଅନ୍ୟ ସମସ୍ତ ପଦ ଖାଲି ପଡ଼ିଛି। ଏସବୁ ପଦ ପାଇଁ କିଛି ଅଧିକାରୀଙ୍କୁ ବିଶ୍ୱବିଦ୍ୟାଳୟରୁ ଏବଂ ଆଉ କିଛି ଅଯୋଗ୍ୟ ବିଇଡି କଲେଜ ଅଧ୍ୟାପକଙ୍କୁ ଡେପୁଟେସନ୍‌ରେ ଅଣାଯାଇଛି। ଫଳରେ ପରୀକ୍ଷାର ଗୋପନୀୟତା ନେଇ ମଧ୍ୟ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଓ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ନେଇ ସ୍ଥାୟୀ ବୋର୍ଡ ଗଠନ ଏବଂ ନିଯୁକ୍ତି କରିବାକୁ ଦାବି ହୋଇଛି।

### ଯୋଗାଣ ମନ୍ତ୍ରୀଙ୍କ...

ଅନୁଦାନ କମ୍ ମିଳିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ସମବାୟ ମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଅପେକ୍ଷା ଏଫସିଆଇ ଏ ବର୍ଷ କମ୍ ଚାଉଳ ଉଠାଇଛି। ସେମାନେ ରାଜ୍ୟରୁ ଧୀରେ ଧୀରେ ଚାଉଳ ଉଠାଉଛନ୍ତି। ଯଦି ଚାଉଳ ଫାଙ୍କା ନହେଲେ ମିଲର୍ ମାନେ ମଧ୍ୟ ଅସୁବିଧାରେ ପଡ଼ିବେ। ଏନେଇ କେନ୍ଦ୍ର ସହ ଆଲୋଚନା ଜାରି ରହିଛି। ବିଭାଗୀୟ ଅଧିକାରଙ୍କଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ କେନ୍ଦ୍ର ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ଏ ସମସ୍ୟାର ସମାଧାନ ହେବ ଏବଂ ଚାଷୀ ହଇରାଣ ହେବେନାହିଁ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅପରପକ୍ଷେ ମନ୍ତ୍ରୀଙ୍କ ବୟାନ ପରେ ସାଧାରଣରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଫସିଆଇ ଚାଉଳ ଉଠାଉନଥିବାରୁ ବୋଧ ହୁଏ ସରକାର ଏଥିପାଇଁ ଫନ୍ଦି ରଚୁଛନ୍ତି। ସେଥିପାଇଁ ଏଗ୍ରିଷ୍ଟାକ୍ ଆଇଡି ନିୟମଠାରୁ ଆରମ୍ଭ କରି ଚାଷୀଙ୍କ ଉପରେ ନାନାଦି ନିୟମ କାନୁନ୍ ଲଦି ଦିଆଯାଉଛି। ଯାହାଫଳରେ ଚାଷୀଙ୍କ ପଞ୍ଜୀକରଣ ହ୍ରାସ ପାଇବ ଏବଂ ସରକାର କମ୍ ଧାନ କିଣିବେ। ଏପରି ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଲାଣି। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ ଉଠାଇବା କଥା। ହେଲେ ଏହି ଚାଉଳ ଉଠୁ ନ ଥିବାରୁ ଏବେ ରାଜ୍ୟର ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଫଳ ସ୍ୱରୂପ ଆଗାମୀ ଖରିଫ୍ ଋତୁରେ ମିଲରମାନଙ୍କ ପାଇଁ ଧାନ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ଉଦ୍‌ବେଗ ଜନକ କହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ପରେ କିଛି ପରିମାଣରେ ଚାଉଳ ବଳୁଛି। ହେଲେ ପଶ୍ଚିମ ଓଡ଼ିଶାରେ ଉତ୍ପାଦନ ହେଉଥିବା ଧାନର ପରିମାଣରୁ ୩୦ ପ୍ରତିଶତ ପିଡିଏସ୍ ବଣ୍ଟନ ପରେ ବାକି ପ୍ରାୟ ୬୦-୭୦ ପ୍ରତିଶତ ଚାଉଳ ରହୁଛି। ଏହି ଚାଉଳ ମିଲର ଓ ସରାକରୀ ଗୋଦାମରେ ଗଚ୍ଛିତ ରହିଛି। ତେଣୁ ଏଥର ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଖରିଫ ଧାନ ଉଠାଯିବ ନାହିଁ ବୋଲି ମଧ୍ୟ ମିଲର ସଂଘ କିଛି ଦିନ ତଳେ ସରକାରଙ୍କୁ ଭେଟି ଚେତାବନୀ ଦେଇଛି। ଏହି ସ୍ଥିତି ସମୟରେ ଦୁଇ ଦୁଇ ମନ୍ତ୍ରୀଙ୍କ ଅସହାୟତା ପ୍ରକାଶ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ଏବଂ ସତର୍କର ଘଣ୍ଟି ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**AFFIDAVIT**

By this affidavit No.4705, Dtd.19.08.2026 sworn before Notary Public Sambalpur. I declare that my correct name is **SWAYAM VEER BADHAI**, S/o-Jhasaketan Badhai, R/o-Kainsir, P.O-Sankarma, P.S-Ainthapali, Dist-Sambalpur, Odisha-768006, In my Passport No-R3589000 it is wrongly written as **BADHAI SWAYAMVEER.** Both names refer to the same person. This notice is for correction of name in Passport.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1156, dated 31-08-2026, I, S SANKAR RAO, S/o - Sala Basudeb Rao, Permanent Resident of Village - Balarampalli, PO - Badakhandi, PS - Berhampur Sadar, Dist - Ganjam, Odisha, Pin - 761101, presently residing at - Ichhabatiguda, PO/PS/Dist - Nabarangpur, Odisha, Pin-764059, declare that I have changed the name of my Son from S. SAI SWASTIK to SALA SAI SWASTIK. Henceforth, he shall be known as **SALA SAI SWASTIK** for all purposes.
**Sd/- S Sankar Rao**

**AFFIDAVIT**

ଏକ ଶପଥ ପତ୍ର (Affidavit) ବଳରେ, ଯାହାକି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଯାଜପୁରଙ୍କ ସମ୍ମୁଖରେ ସତ୍ୟପାଠ କରାଯାଇଛି (ନଂ: ୧୧୪୩୫, ତାରିଖ: ୨୫/୦୮/୨୦୨୬); ମୁଁ ଜାନକୀ ରଣା, ସ୍ୱାମୀ: ସଙ୍କର୍ଷଣ ରଣା, ବୟସ ପ୍ରାୟ ୬୪ ବର୍ଷ, ସାକିନ: ବିଦ୍ୟାଧରପୁର, କମାଗଡ଼, ଯାଜପୁର ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋର ଭୋଟର ପରିଚୟ ପତ୍ର ଏବଂ ଏଲ.ଆଇ.ସି. (LIC) ବଣ୍ଡରେ ମୋର ନାମ ବନିତା ରଣା ଉଲ୍ଲେଖ ରହିଛି। ଅତଏବ, ବନିତା ରଣା ଏବଂ ଜାନକୀ ରଣା ଉଭୟ ଗୋଟିଏ ତଥା ଅଭିନ୍ନ ବ୍ୟକ୍ତି ଅଟନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Banki. I, **Rangalata Mohapatra** (new name), W/o late Gokul Mohapatra, At- Paikarasahi, Podadiha, PO: Podadiha, PS: Baghamari, Dist: Khordha, Odisha, PIN: 752061 declare that I have changed my name from **Rangabati Mohapatra** to **Rangalata Mohapatra.** Henceforth, I shall be known as **Rangalata Mohapatra** (new name) for all purposes.
**Rangalata Mohapatra**

**AFFIDAVIT**

By virtue of an affidavit before the Executive Magistrate-cum-Tahasildar, Tihidi, dated 29.07.2026, I, SATYABHAMA SETHI, W/o- Debabrata Sethi, Vill./P.O.-Dolasahi, P.S.-Tihidi, Dist.-Bhadrak declare that my name is recorded as Satyabhama Sethi in my Aadhaar Card, PAN & Voter, whereas my name has also been recorded as Puspanjali Sethi in another Aadhaar Card. I declare that Satyabhama Sethi and Puspanjali Sethi are one and the same person, i.e. myself. I further declare that my correct date of birth is 12.11.1972.
**Sd/- SATYABHAMA SETHI**

**AFFIDAVIT**

By virtue of an affidavit sworn before the Executive Magistrate, Rampur, dated- .23-07-2026., I suryakanti Meher Ro/Po/Ps- Dunguripali, Dist- Subarnpur, Odisha declare that I want for the correction of my name in Aadhaar Card from Mithila Meher to Suryakanti Meher. Henceforth, he shall be known as **Suryakanti Meher** for all purposes.

**AFFIDAVIT**

I ABDUR RAHEMAN S/O NISAR KHAN , RESIDENT AT- NIMA SAHI, SIBA BAZAR, PO- BUXI BAZAR, PS- PURI GHAT, CUTTACK - 753001, ODISHA DECLARE BY THIS AFFIDAVIT NO- 33659, DT - .05.09.2026. THAT NOW ON WARDS I SHALL BE KNOWN AS **ABDUR RAHMAN** FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1014, dated 31-08-2026, I, LALITA BHATARA, W/o - Ishwar Bhatara, Permanent Resident of Village - Bhatigam, PO - Nabarangpur, PS - Kodinga, Dist - Nabarangpur, Odisha, Pin - 764059, declare that I have changed the name of my Son from DEVDAS DHIWAR to DEVDAS BHATARA. Henceforth, he shall be known as **DEVDAS BHATARA** for all purposes.
**Sd/- Lalita Bhatara**

**AFFIDAVIT**

I NISAR AHMAD S/O ABDUL HASAN , RESIDENT AT- NIMA SAHI, SIBA BAZAR, PO- BUXI BAZAR, PS- PURI GHAT, CUTTACK - 753001, ODISHA DECLARE BY THIS AFFIDAVIT NO- 33658, DT - 05.09.2026. THAT NOW ON WARDS I SHALL BE KNOWN AS **NISAR KHAN** FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 891, dated 04.06.2026, I, DAIMATI HARIJAN, Wife of - Debendra Harijan, Permanent Resident of Village - Bhurbusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from DAMAYANTI HARIJAN to DAIMATI HARIJAN. Henceforth, I shall be known as **DAIMATI HARIJAN** for all purposes.
**Sd/- Daimati Harijan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 945, dated 13-08-2026, I, RAJAKISHOR BHATARA, S/o - Dharmu Bhatra, Permanent Resident of Village/PO - Bhatigaon, PS - Kodinga, Dist - Nabarangpur, Odisha, Pin - 764063, declare that my Daughter's name has been wrongly recorded as "LIPSA BHATRA" instead of "LIPSA BHATARA", my name has been wrongly recorded as "RAJA KISHOR BHATRA" instead of "RAJAKISHOR BHATARA" and my wife name has been wrongly recorded as "MALTI BHATRA" "MALATI BHATARA" in the Birth Registration Certificate Vide Registration No. 4007/2017, dated 26.04.2017. Henceforth, the correct name of my Daughter shall be known as "LIPSA BHATARA" D/o. RAJAKISHOR BHATARA (Father) & MALATI BHATARA (Mother) for all purposes.
**Sd/- Rajakishor Bhatara**

**AFFIDAVIT**

By virtue of an affidavit no.182 before the Executive Magistrate, Papadahandi, dated 21.08.2026, I, Baidu Bhatra, S/o Pitabas Bhatra, Village- Dishariguda, P.O./P.S.- Papadahandi, Dist.- Nabarangpur, Odisha, PIN-764071, declare that the name of my minor son's has been changed from Padalam Bhatra to Daitari Bhatra. Henceforth, he shall be known as **Daitari Bhatra** for all purposes.
**Sd/- Baidu Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Rampur, dated- 10/04/2026, I, Rije Seth, Ro/Po/Ps- Dunguripali, Dist- Subarnpur, Odisha declare that I want for the correction the name of my son in his Aadhaar Card from Yeah Seth to Yash Seth. Henceforth, he shall be known as **Yash Seth** for all purposes.


**GOVERNMENT OF ODISHA** 32001/799/2627

OFFICE OF THE SUPERINTENDING ENGINEER, UPPER INDRAVATI RIGHT CANAL DIVISION NO-I, MUKHIGUDA, KALAHANDI, ODISHA

Email:eeuircd1@gmail.com

**TENDER CANCELLATION NOTICE**

The Tender for the 15 nos. of works invited Vide e-procurement Notice No. SE, UIRCD-I-02(1-15)/2026-27 dt-11.05.2026. of O/o the Superintending Engineer, Upper Indravati Right Canal Division No. 1, Mukhiguda is hereby cancelled on administrative ground.

Superintending Engineer
U.I.R.C.D No. I, MUKHIGUDA

OIPR-32001/32022/1/26-27/0004

---

**GOVT OF ODISHA** 32001/805/2627

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI. AT/PO: PARALAKHEMUNDI, DIST: GAJAPATI.**

e-mail- eemi_gajapati@yahoo.co.in
eemigajapatiparalakhemundi@gmail.com

**e-Procurement Notice No. 2854 Date. 03/09/2026**
**BID IDENTIFICATION NO. MIDGJP- 06/2026-27**

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Improvement to MIPs under Critical Scheme/26-27.**
2. No of works: **2 Nos. (Two)**
3. Estimated cost **Rs. 58.71 to 84.68 Lakhs**.
4. Class of Contractor: **"B" class Contractor**
5. Period of completion: **6 (Six)** calendar months
6. Date and time of availability of bid documents in the portal: from **10.30 Hours of 07.09.2026 to 17.00 Hours of 17.09.2026.**
7. Last date/ time for receipt of bids in the portal: **17.00 Hours of 17.09.2026**
8. Date of opening of Technical Bid: **11.00 Hours** on **18.09.2026**.
9. Name and address of the Officer inviting Bid: Superintending Engineer**,** Minor Irrigation Division, Gajapati, At/Po- Paralakhemundi, Dist.- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Superintending Engineer
MI Division, Gajapati
Paralakhemundi

OIPR-32001/32013/1/26-27/0007

---

**GOVERNMENT OF ODISHA** 25001/1080/2627

**OFFICE OF THE SUPERINTENDING ENGINEER RURAL WORKS DIVISION, JAYAPUR**

email- eerwdjeypore@gmail.com

**Letter No.4195** **Date: 31.08.2026**

**NATIONAL COMPETITIVE BIDDING THROUGH GePNIC e_Procurement Notice**

1. Name of the work : Construction of Road Works - 35 Nos.
2. Class of contractor : "D", "C", "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Various from Rs.44.49 Lakhs to Rs.5.93 Lakhs (Approximately).
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Jayapur | EERWDJYP – Online – 08/2026-27 | 07.09.2026 at 10.00 A.M. | 18.09.2026 up to 5.00 P.M. | 17.09.2026 up to 2.00 P.M. | 19.09.2026 at 11.00 A.M. | - |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

Executive Engineer,
Rural Works Division, Jayapur.

OIPR-25001/25160/1/26-27/0008

---

**GOVERNMENT OF ODISHA** 34001/748/2627

**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**

**E-Procurement Notice**

**Bid Identification No. S.E (R&B)-MLK-12/2026-27**

No. **4755** Date. 29.08.2026

1. Name of the work : Civil Work & E.I work
2. Total No. of Works : 04 Nos.
3. Estimated cost : 0.43 to 41.18 lakhs
4. Period of completion : 01(one)- 03 (Three)months
5. Date & time of availability of bid document in the portal : From 17.00 hrs. of 07.09.2026 To 17.00 hrs. Of 21.09.2026
6. Last date / Time for receipt of bids in the Portal : 17.00 hours of 21.09.2026
7. Date of opening of Tender : 10.00 hours of 22.09.2026
8. Name and address of the Officer Inviting Bid : Superintending Engineer Malkangiri(R&B) Division

**Further details can be seen from the e-procurement portal https://tendersorissa.gov.in**

**Superintending Engineer**
**Malkangiri(R&B) Division**

OIPR-34001/34063/1/26-27/0010

---

**GOVERNMENT OF ODISHA** 32001/794/2627

**Office of the Superintending Engineer**
**Kanupur Canal Division No. - II,**
**AT / PO-Rimuli, Dist. - Keonjhar, PIN-758047.**
**e- PROCUREMENT NOTICE**
**Bid Identification No. SE, KCD No. - II – 10 / 2026-27**
Email- eekcdvn2@gmail.com

| Sl. No | Name of work | Approx. value of work. (Rs. in Lakh) | E.M.D./ Bid Security. in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Maintenance and Repair of D-Type, E-Type, F-Type quarters and boundary wall at Kanupur Irrigation Colony, Rimuli" | **21.43** | 21,440.00 | 6,000.00 | 04 (Four) Calendar months | "C" & "B" | Kanupur Canal Division No. - II, At / PO - Rimuli, Dist. - Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Canal Division No. - II. At / PO - Rimuli, Dist. - Keonjhar | SE, KCD No. - II – 10 / 2026-27 | **09.09.2026** From 10.00 Hours | **18.09.2026** Up to 17.00 Hours | **19.09.2026** | 11.00 Hours | O/o the Superintending Engineer, Kanupur Canal Division No. - II. At / PO - Rimuli, Dist. - Keonjhar |

**Superintending Engineer**
**Kanupur Canal Division No. - II,**
**Rimuli, Keonjhar, Odisha.**

OIPR-32001/32269/1/26-27/0004

---

**OFFICE OF THE NOTIFIED AREA COUNCIL, BIJEPUR**

**At/Po/Ps:- Bijepur, Dist:- Baragada (Odisha), PIN:- 768032**
**Phone No. 06685-274153, Email ID:- bijepurnac2018-od@gov.in, Website:- www.bijepurnac.in**

**Letter No. 1225** **Date 01.09.26**

**13001/1745/2627** **EXPRESSION OF INTEREST**

Sealed Quotations are invited in Plain paper in the prescribed proforma from the Registered Firm/class contractors registered with the State Government/ Central Govt./Equivalent Grade Contractor having MV/HT electrical Licenses, etc as per terms & conditions for Completion of pole Shifting work from Somya Restaurant to Welcome Gate College Chowk (Ward No-05) under Bijepur NAC proforma mention in quotation paper. The quotation paper will be available at Electric section at Bijepur NAC @ Rs.6000.00 (Rupees six thousand) only per each Schedule from Dt.02.09.2026 to 10.30 A.M to 1.00 PM of Dt.08.09.2026 & the same will be received on Dt.08.09.2026 upto 3.00 P.M. The quotation will be opened on Dt.09.09.2026 at 11.00 A.M in Presence of quotationer or their representative. The undersigned reserved the right to accept or reject or cancel any or all quotations without assigning any reason thereof. The rate should be quoted including all taxes and transportation, and working charges to executing side.

**Sd/- Executive Officer**
**Bijepur NAC**

**OIPR-13001/13123/1/26-27/0007**

ସକାଳ THE SAKALA



# ଗୁରୁ ଶିଷ୍ୟ ପବିତ୍ର ସମ୍ପର୍କର ଦିନଟିଏ ‘ଗୁରୁଦିବସ’















**ଜଗତସିଂହପୁର,୫।୯ (ସମିସ):** ‘ଗୁରୁଜନ ସମ୍ମାନଶିକ୍ଷାର ଅଭିମାନ’ର ମହନୀୟ ଭାବଧାରାକୁ ନେଇ ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରଜ୍ଞାପୀଠ, ମହିଳୋ ପରିସରରେ ଗୁରୁ ଦିବସ ଶ୍ରଦ୍ଧା, ଭକ୍ତି ଓ ଭାବାବେଗର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗୁରୁଙ୍କ ମହତ୍ତ୍ୱ, ଶିକ୍ଷାର ପ୍ରସାର ଏବଂ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ, ଜଣେ ଶିକ୍ଷକଙ୍କ ଶିକ୍ଷାଦାନର ପ୍ରଭାବ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନୁହେଁ; ତାଙ୍କ ଆଦର୍ଶ, ମୂଲ୍ୟବୋଧ ଓ ଜୀବନଦର୍ଶନ ଅନେକ ପିଢ଼ିକୁ ଆଲୋକିତ କରିଥାଏ। ଏହି ଅବସରରେ ସେବା ନିବୃତ୍ତ ଶିକ୍ଷକ ତଥା ଶିକ୍ଷାବିତ୍ ସନ୍ତ କୁମାର ମହାନ୍ତି, ପ୍ରଦୀପ୍ତ ନାଥ ଶର୍ମା, ପ୍ରଶାନ୍ତ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ତ୍ରିପାଠୀ, ରାମଚନ୍ଦ୍ର ସ୍ୱାଇଁ ଓ ସ୍ୱପ୍ନା ମଞ୍ଜରୀ ଆଚାର୍ଯ୍ୟଙ୍କୁ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଉତ୍ସର୍ଗୀକୃତ ଅବଦାନ, ନିଷ୍ଠାପରାୟଣ ସେବା ଓ ଅମୂଲ୍ୟ ଶିକ୍ଷାଦାନ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉତ୍ସବରେ ଅଧ୍ୟାପକ ସୁରେନ୍ଦ୍ର କୁମାର ରଥ, ଅନନ୍ତ ନାରାୟଣ ଚୌଧୁରୀ, ସମ୍ବିତ ରଥ, ବିଭୂତି ଭୂଷଣ ଦାସ, ଅଧ୍ୟାପିକା ପ୍ରତିମା ଦାଶ, ଅର୍ଘ୍ୟ ରୂପା ମିଶ୍ର, ଡେମୋନଷ୍ଟ୍ରେଟର୍ ସନ୍ତୋଷ କୁମାର କାନୁନଗୋ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଗୁରୁ ବନ୍ଦନା ଗାନ କରିଥିଲେ।

▶▶ **ଜଗତସିଂହପୁର:** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ବାଣୀ ବିଦ୍ୟାପୀଠ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପବିତ୍ର ଗୁରୁ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୀବନୀ ସୁଧା ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ମହାନ୍ତି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସଂଗ୍ରାମ କିଶୋର କାନୁନଗୋ, ପ୍ରଫୁଲ୍ଲ କୁମାର ରଣା, ସମାଜସେବୀ ତଥା ଶିକ୍ଷାବିତ ବିଜୟ କୁମାର ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ କାନୁନଗୋ, କ୍ଲଷ୍ଟର କୋଡିନେଟର ହରେକୃଷ୍ଣ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ପ୍ରଧାନ, ଶିକ୍ଷକ ସଚ୍ଚିଦାନନ୍ଦ ନାୟକ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

▶▶ **ଜଗତସିଂହପୁର:** ଗୁରୁ ଶିଷ୍ୟ ପବିତ୍ର ସମ୍ପର୍କର ଦିନଟିଏ ହେଉଛି ଗୁରୁଦିବସ। ଭାରତର ଦ୍ୱିତୀୟ ରାଷ୍ଟ୍ରପତି, ଦାର୍ଶନିକ ତଥା ବିଶିଷ୍ଟ ଶିକ୍ଷା ଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ପ୍ରଫୁଲ୍ଲ ପାଠାଗାରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲବ୍ଧ ପ୍ରତିଷ୍ଠିତ ସୁସାହିତ୍ୟିକା ଓ ଆଦର୍ଶ ଶିକ୍ଷୟିତ୍ରୀ ପିତାମ୍ବରୀ ଦାଶଙ୍କୁ ମୁଖ୍ୟଅତିଥି ଓ କର୍ମକର୍ତ୍ତାଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସଭାପତି ରବିନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲା ବେଳେ ବିଜୟ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବିଶ୍ୱାଳ ଯୋଗଦେଇ ଗୁରୁ ଶିଷ୍ୟର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଆଜି ଦିନର ଉଦ୍ଦେଶ୍ୟ ଓ ରାଧା କ୍ରିଷ୍ଣନଙ୍କ ଜୀବନଆଦର୍ଶ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୁତି ଭୂଷଣ ଲେଙ୍କା, ରାମଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଅଧିବକ୍ତା ଶିବପ୍ରସାଦ ମାଝୀ, ସଞ୍ଜୟ ସାମନ୍ତସିଂହାର, ପ୍ରତାପ ରାଉତରାୟ ଆଦି ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

▶▶ **ଜଗତସିଂହପୁର:** ଜଗତସିଂହପୁର ସହରର ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ଉତ୍ସବ ଏକ ଭାବିଭକ୍ତିର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀର ଭାଇଭଉଣୀଙ୍କ ଦ୍ୱାରା ଗୁରୁପୂଜନ ଉତ୍ସବ ଅୟୋଜନ କରାଯାଇଥିଲା। ଆଚାର୍ଯ୍ୟା ନିରୁପମା ପଟ୍ଟନାୟକ ଗୁରୁମା ଓ ଶିଶୁମାନେ ଗୁରୁଦିବସର ମହତ୍ତ୍ୱ ବିଷୟରେ କଥା ରଖିଥିଲେ। ସୋନାଲୀ ଗୁରୁମା ଓ ଶିଶୁମାନେ ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର ସଂଗୀତ ପରିବେଷଣ କରିଥିଲେ।

▶▶ **ନାଉଗାଁ:** ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସରେ ଗୁରୁ ପୂଜନ ଉତ୍ସବ ପାଳନ ହୋଇଯାଇଛି। ପାରମ୍ପରିକ ପ୍ରଥାନୁସାରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଭାଇ ଭଉଣୀ ତଥା ଅନ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁଦିବସ ପାଳିତ ହୋଇ ଯାଇଛି। ଗୁରୁଦିବସର ମହତ୍ତ୍ୱ ତଥା ଛାତ୍ର ଓ ଗୁରୁମାନଙ୍କ ସମାଜ ଗଠନରେ ଭୂମିକା ବିଷୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ଓ ବରିଷ୍ଠ ଆଚାର୍ଯ୍ୟ ବାବାଜୀ ଚରଣ ଦାସ, ନୃସିଂହ ଚରଣ ଦାସ, ଜ୍ୟୋତିଷଚନ୍ଦ୍ର ବେହୁରା,ରୋହିତ କୁମାର ପରିଡ଼ା,ଲକ୍ଷ୍ମଣ କୁମାର ସାହୁ,କୈଳାସଚନ୍ଦ୍ର ସାହୁ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସଂକ୍ଷିପ୍ତରେ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ।

▶▶ **ପାରାଦୀପ:** ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗଦେଇଥିଲେ। ସୁକାନ୍ତ କୁମାର ସ୍ୱାଇଁ, ଜାନକୀ ପ୍ରସନ୍ନ ସ୍ୱାଇଁ, ଭ୍ରମରବର ପ୍ରଧାନ, ଗୌରମୋହନ ବେହେରା, ବୈଷ୍ଣବ ଚରଣ ପାଇଟାଲ, ବିନୋଦିନୀ ମହାନ୍ତି ଏବଂ ମୀରାଙ୍ଗିନୀ ଦେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରାଦୀପ ରୋଟାରୀ କ୍ଲବ୍ ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ନିର୍ଦ୍ଦେଶକ ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ଡ. ପ୍ରଶାନ୍ତ କୁମାର ମହାପାତ୍ର, ବିପ୍ଳବ କୁମାର ଜେନା, ଦୀପକ କୁମାର ସାରଙ୍ଗୀ, ନିରଞ୍ଜନ ଖୁଣ୍ଟିଆ, ପ୍ରଦୀପ ବୋଷ, ରଞ୍ଜିତ ବୋମାଳି, ଧର୍ମେନ୍ଦ୍ର କୁମାର ପତି ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗ କରିଥିଲେ।

▶▶ **ବାଲିକୁଦା:** ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ଶିକ୍ଷକ ଦିବସ ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୧୫ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ “ଶିକ୍ଷକ ଗୌରବ’ ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ଶାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ବାବା ସତ୍ୟାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ବିଡିଓ ବିଦ୍ୟାଧର ଦଣ୍ଡପାଟ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର ଓ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକ ପ୍ରମୁଖ ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ଶିକ୍ଷକମାନେ ହେଲେ ମମତା କୁମାରୀ ସ୍ୱାଇଁ, ଫକୀର ଚରଣ ଓଝା, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଣତୀ ମିଶ୍ର, ସୁବାସ ଚନ୍ଦ୍ର ପ୍ରଧାନ, ଜ୍ୟୋତିର୍ମୟୀ ଖଟୁଆ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ବିସ୍ମୟ କୁମାର ମଲ୍ଲ, ପ୍ରାଞ୍ଜଳୀ ମଲ୍ଲିକ, ରତ୍ନାକର ସ୍ୱାଇଁ, ଅରୁଣ କୁମାର ମହାରଣା, ବାସୁଦେବ ସ୍ୱାଇଁ, ବିଜୟ କୁମାର ବେହେରା, ମନୋରଞ୍ଜନ ମହାନ୍ତି ଓ ସଂଘମିତ୍ରା ନାୟକ। ଏହି ସମ୍ମାନ ସମାରୋହ ଶିକ୍ଷକମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିବା ସହ ବାଲିକୁଦା ବ୍ଲକର ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶକୁ ଆହୁରି ଗତିଶୀଳ କରିବ ବୋଲି ଉପସ୍ଥିତ ଅତିଥି ଓ ଶିକ୍ଷକମାନେ ଆଶା ପ୍ରକାଶ କରିଥିଲେ।

## କଳାଦିବସ ପାଳିଲେ ବେସରକାରୀ ଅଧ୍ୟାପକ କର୍ମଚାରୀ




**ନାଉଗାଁ :** ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ପାଇଥିବା ୨୦୦୮ ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସରକାରୀ ଅନୁଦାନ ଦାବିରେ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସକୁ କଳାଦିବସ ରୂପେ ପାଳନ କରିଛନ୍ତି। ଦୀର୍ଘ ଦିନଧରି ସଙ୍ଘ ଆନ୍ଦୋଳନ ଜାରି ରଖିଥିଲେ ସୁଦ୍ଧା ରାଜ୍ୟ ସରକାର ଏପର୍ଯ୍ୟନ୍ତ କର୍ଣ୍ଣପାତ କରିନାହାନ୍ତି। ଆଗାମୀ ବିଧାନସଭା ସମୟରେ ସଙ୍ଘ ଦୁର୍ବାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ଚୋରା ମଦ ଜବତ; ୩ ଗିରଫ

**ବାଲିକୁଦା,୫।୯ (ସମିସ):** ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ବାଲିକୁଦା ଥାନା ଅଧୀନ ବିଭିନ୍ନ ସ୍ଥାନ ସମେତ ବନ୍ଦର ସାମୁଦ୍ରିକ ଥାନା ଅଧୀନ ମରିଚପୁର ଅଞ୍ଚଳରେ ଚଢ଼ଉ କରି ୯.୫୪୦ ଲିଟର ବିଦେଶୀ ମଦ ଓ ୪.୮୦୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ମରିଚପୁର ଅଞ୍ଚଳର ବାବୁ ସ୍ୱାଇଁ, ଅଳାବୋଳ ଅଞ୍ଚଳର ରଚନା ଦାସ ଏବଂ ଓଳାସ ଅଞ୍ଚଳର ସୁମନ୍ତ ନାୟକଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ବାଲିକୁଦା ଥାନା ଅଧୀନ ଅଞ୍ଚଳ ସମେତ ବନ୍ଦର ସାମୁଦ୍ରିକ ଥାନା ଅଧୀନ ମରିଚପୁର ଅଞ୍ଚଳରେ ଚୋରା ମଦ ସହ ବ୍ରାଉନସୁଗର ଓ ଗଞ୍ଜେଇ ଭଳି ନିଶାଦ୍ରବ୍ୟର ବେଆଇନ କାରବାର ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇ ନିଶା କାରବାର ଉପରେ କଡ଼ା ନଜର ରଖିବା ଏବଂ ଚୋରା ବେପାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଏହାପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମର ଏହି ଚଢ଼ଉକୁ ନେଇ ସ୍ଥାନୀୟ ମହଲରେ ଆଶା ସୃଷ୍ଟି ହୋଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିକୁଦା,୫।୯ (ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଅପଣ୍ଡରା ପଞ୍ଚାୟତ ଅପଣ୍ଡରା ନିକଟସ୍ଥ ମୁଗୁରା ନାଳୀ କଡ଼ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ତଣ୍ଡିକୁଳ ପଞ୍ଚାୟତ ତିହୁଡ଼ି ଗ୍ରାମର କୃଷ୍ଣ ସାହୁଙ୍କ ପୁଅ ତପନ ସାହୁ (୩୨)। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭.୨୦ ମିନିଟ ସମୟରେ ସ୍ଥାନୀୟ ଲୋକେ ତପନଙ୍କୁ ଟାକୁଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ତପନ ଗତ ୬ ଦିନ ହେବ କଟକରୁ ଅପଣ୍ଡରା ଚାଲୁଥିବା “ଶ୍ରେୟା’ ନାମକ ବସରେ ହେଲ୍ପର ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬.୨୦ ମିନିଟରେ ବସଟି ଅପଣ୍ଡରାରେ ପହଞ୍ଚିବା ପରେ ତପନ ବସ୍‌କୁ ସଫା କରି ବନ୍ଦ କରିଥିଲେ। ଏହାପରେ ଶୌଚ ହେବା ପାଇଁ ନଦୀ କୂଳକୁ ଯାଉଥିବା କହି ସେଠାରୁ ଚାଲିଯାଇଥିବା ଡ୍ରାଇଭର ପୁଲିସକୁ କହିଛନ୍ତି। ପରେ ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟର ନିକଟସ୍ଥ ଭଡ଼ା ଘରକୁ ବିଶ୍ରାମ ପାଇଁ ଯାଇଥିବା ବେଳେ ତପନଙ୍କ ଝୁଲନ୍ତା ମୃତଦେହ ସମ୍ପର୍କରେ ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ତପନଙ୍କ ପିତା କୃଷ୍ଣ ସାହୁଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ପ୍ରାୟ ଏକ ବର୍ଷ ହେବ ଘରକୁ ଯାଉନଥିଲେ। ଘରେ ପାଟିତୁଣ୍ଡ ପରେ ସେ ଘର ଛାଡ଼ି ଚାଲିଯାଇଥିଲେ। ନିଶା ସେବନକୁ ନେଇ ଘରେ ପ୍ରାୟତଃ ଝଗଡ଼ା ହେଉଥିବା ଏବଂ ଏହାକୁ ବିରୋଧ କରିବାରୁ ସେ ରାଗି ଘରୁ ଚାଲିଯାଇଥିବା ପିତା କହିଛନ୍ତି। ଏହାପରେ ସେ ଘରକୁ ଟଙ୍କା ଦେଉନଥିବା ସହ ପରିବାର ସହ ଯୋଗାଯୋଗ ମଧ୍ୟ ରଖୁନଥିଲେ ବୋଲି ସୂଚନା ମିଳିଛି। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ଗଛରୁ ତଳକୁ ଖସାଇ ଅଗ୍ନିଶମ ବିଭାଗ ଗାଡ଼ି ଯୋଗେ ବାଲିକୁଦା ମେଡିକାଲକୁ ପଠାଇଥିଲା। ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପ୍ରଦାନ ପରେ ଆଜି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ପୁଲିସ ତଦନ୍ତ ଜାରି ରଖିଛି।

## ପଣ୍ଡିତ ଉପେନ୍ଦ୍ରନାଥ ମିଶ୍ରଙ୍କ ସ୍ମୃତିସଭା

**କୁଜଙ୍ଗ,୫।୯ (ସମିସ):** ସଂସ୍କୃତ ଗବେଷକ ଓ ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ରଙ୍କ ଦ୍ୱାଦଶାହରେଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମକାଳୀନ ଶିକ୍ଷକ ସାଥୀ ବରିଷ୍ଠ ଶିକ୍ଷାବିତ ନିଶାକର ମୁଦୁଲି ଓ ବାବୁରାମ ଚୌଧୁରୀ ମଞ୍ଚରେ ଉପସ୍ଥିତ ଥାଇ ପଣ୍ଡିତ ମିଶ୍ରଙ୍କ ଜୀବନାଦର୍ଶ ଓ ସାଧନା ସଫଳତା କଥା କହିଥିଲେ। ପୂର୍ବତନ ସାଂସଦ ଡ. କୁଳମଣି ସାମଲ, ପୁରସ୍କାରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ସେନାପତି, ସାହିତ୍ୟିକ ସରୋଜ ପଟ୍ଟନାୟକ, ଡ. ଗଙ୍ଗାଧର ସାମନ୍ତରାୟ, ପାଲା ଗାୟକ ଅଭିମନ୍ୟୁ ନାୟକ, ଡାକ୍ତର କାହ୍ନୁଚରଣ ସ୍ୱାଇଁ, ଡ. ପ୍ରତାପ ମହାପାତ୍ର, ଡ. ସଞ୍ଜୀବ କୁମାର ମୁଦୁଲି, ଡ଼. ରଘୁନାଥ ସାହୁ, ନଗେନ୍ଦ୍ର ନାଥ ସ୍ୱାଇଁ, ରବୀନ୍ଦ୍ର ନାୟକ, ଶ୍ରମିକ ନେତା ମନିନ୍ଦ୍ର ଗୁରୁ, ସରୋଜ ବେହେରା, ବିଜୟ ଖଟାଇ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ ଉତ୍ସବ ସଞ୍ଚାଳନ କରିଥିଲେ। ରୁନିବାଳା ମଲ୍ଲିକ, ସରୋଜିନୀ ମିଶ୍ର, ଜୟନ୍ତୀ ଦାସ, ନବୀନ କୁମାର ପ୍ରଧାନ, ସୁବାସ ସାମନ୍ତରାୟ ଓ ଗୀତା ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ସତ୍ୟଶଙ୍କର ମିଶ୍ର ପଣ୍ଡିତ ଉପେନ୍ଦ୍ର ମିଶ୍ରଙ୍କ ଛାତ୍ରଛାତ୍ରୀ ଓ ପରିବାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରଣମ୍ୟ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ରଙ୍କ ଶୀର୍ଷକ ଏକ ସ୍ମୃତି ପୁସ୍ତିକା ୧୯୮୮ ମାଟ୍ରିକ ବ୍ୟାଚ ବିବି ହାଇସ୍କୁଲ ପକ୍ଷରୁ ଉନ୍ମୋଚିତ ହୋଇଥିଲା। ନବକୁମାର ସାହୁ ଓ ସମାଜସେବୀ ବୈଷ୍ଣବ ଚରଣ ଦାସଙ୍କ ସମେତ ଶତାଧିକ ଛାତ୍ରଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ସହ ସମ୍ମାନିତ କରାଯାଇ ଥିଲା।

## ଆର୍ଯ୍ୟ ସମାଜର ଶ୍ରାବଣୀ ଉପାକର୍ମ



**ଜଗତସିଂହପୁର,୫।୯ (ସମିସ):** ଆର୍ଯ୍ୟ ସମାଜ ଜଗତସିଂହପୁର ତରଫରୁ ଶ୍ରାବଣୀ ଉପାକର୍ମ ପାଳନ ଉପଲକ୍ଷେ ଗତ ୨୭ ତାରିଖ ରକ୍ଷାବନ୍ଧନ ଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ନବଦିବସ ବ୍ୟାପୀ ବିଭିନ୍ନ ସ୍ଥାନରେ ବୈଦିକ ଦେବ ଯଜ୍ଞ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଆର୍ଯ୍ୟ ସମାଜର କାର୍ଯ୍ୟାଳୟ ହାଟ ବଜାର ସ୍ଥିତ ଜୟହିନ୍ଦ ଭବନଠାରେ ସୋମନାଥ ମହାରଣା ଓ ଉଦ୍‌ଯାପନୀ ଦିବସ ଜନ୍ମାଷ୍ଟମୀ ଦିନ ଆଇଟିଆଇ. ତରଡ଼ାପଡା ଠାରେ ରଶ୍ମୀରଞ୍ଜନ ମିଶ୍ର ଯଜମାନ ହୋଇଥିଲେ। ଅନ୍ୟ ଦିବସରେ ନରୁଆ ଠାରେ ଡ. ଅନ୍ନପୂର୍ଣ୍ଣା ନନ୍ଦ, ତେନ୍ତୁଳିପଦା ଠାରେ ରାଧାମୋହନ ପରିଜା, ଶାସନପଡା ଠାରେ ଦୁଃଶାସନ ଦାସ, କବିରପାଟଣା ଠାରେ ବୀରବର ବାରିକ, ଜୟବଡ଼ ଠାରେ ବିଜୟ କୁମାର ରଥ, ସମଙ୍ଗ ଶିଶୁମନ୍ଦିର ଠାରେ ଗୋଲେଖ ମହାରଣା, ରାଢ଼ଙ୍ଗ ଠାରେ ସୁନୀଲ ସ୍ୱାଇଁ ଯଜମାନ ହୋଇଥିଲେ। ବୈଦିକ ଋଷି ପରମ୍ପରା, ସନାତନ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଏହି ଶ୍ରାବଣୀ ଉପାକର୍ମ ଉଦ୍ଦିଷ୍ଟ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ରଞ୍ଜନ ବିଦ୍ୟାର୍ଥୀ, ଉପ ସଭାପତି ନାରାୟଣ ମହାରଣା, ସଂପଦକ ଚନ୍ଦ୍ରଜିତ ପରିଜା, ସହ ସମ୍ପାଦକ ସୁଚିତ୍ରା ମହାରଣା, କୋଷାଧ୍ୟକ୍ଷ ସନାତନ ବେହେରା, ସଦସ୍ୟ ସୁଶ୍ରୀ ଆଞ୍ଜୁଷା, ନବଘନ ମୁଦୁଲି, ଇଂ କିଶୋର ଚନ୍ଦ୍ର ସାହୁ, ପ୍ରେମାନନ୍ଦ ସେଠୀ ଆଦି ଶତାଧିକ ଆର୍ଯ୍ୟ ସଜ୍ଜନ ଯୋଗଦାନ କରିଥିଲେ। ପଣ୍ଡିତ ସମୀର ରଞ୍ଜନ ଦାଶ ଯଜ୍ଞ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଏହିଭଳି ବୈଦିକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସମ୍ପାଦକ ପରିଜା ପ୍ରକାଶ କରିଛନ୍ତି।

## ଦୁଇ ବ୍ରାଉନସୁଗର ବେପାରୀ ଗିରଫ

**ପାରାଦୀପ, ୫।୯ (ସମିସ):** ପାରାଦୀପ ଆଦର୍ଶ ଥାନା ଅଧୀନ ଶାରଳା ମନ୍ଦିର ନିକଟ ରେଲୱେ ଏଣ୍ଟ୍ରି ଗେଟ ପାଖରୁ ଦୁଇ ଜଣ ବ୍ରାଉନ ସୁଗାର ବେପାରିକୁ ଆଦର୍ଶ ଥାନା ପୁଲିସ ଗିରଫ କରିଛି। ୨ ଅଭିଯୁକ୍ତ ହେଲେ ଅଠରବାଙ୍କୀ ଲାକପଡା ଅଞ୍ଚଳରେ ରହୁଥିବା ରାଜୁ ବିଶ୍ୱାସ ଓ ତାରିଣୀଗଡା ଅଞ୍ଚଳରେ ରହୁଥିବା କ୍ରିଷ୍ଣା ହାଲଦର। ତାଙ୍କ ନିକଟରୁ ୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ବବିତା ଦେହୁରୀ ସୂଚନା ଦେଇଛନ୍ତି। ଉକ୍ତ ବଡ ପଡିଆ ଅଞ୍ଚଳରେ ଏବେ ବ୍ରାଉନସୁଗର ବେପାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ପୁଲିସ ନଜର ଦେବା ସହିତ ପାଟ୍ରୋଲିଂ ବ୍ୟବସ୍ଥାକୁ କଡା କଡ଼ି କରିବାକୁ ଦାବି ହେଉଛି।

## ସ୍ୱାରୋ ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ



**ଜଗତସିଂହପୁର,୫।୯ (ସମିସ):** ସ୍ୱାରୋ ପ୍ଲେ ସ୍କୁଲରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ବହୁତ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। କୁନି ପିଲାମାନେ ରାଧା, କୃଷ୍ଣ, ସୁଦାମା, ଗୋପୀ ଓ ବସୁଦେବ ବେଶରେ ଆସି ସମସ୍ତଙ୍କ ମନ ମୋହି ନେଇଥିଲେ। ଏହି ଅବସରରେ ପିଲାମାନେ ବଂଶୀରେ ଝୁଲୁଥିବା ମାଖନ ହାଣ୍ଡିକୁ ମୁଥ ମାରି ନିଜ ହାଜିରା ଦେଇଥିଲେ। ପିଲାମାନଙ୍କୁ “ହରେ ରାମ ହରେ ରାମ, ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ” ମନ୍ତ୍ର ଶିଖାଯାଇଥିଲା। ବରିଷ୍ଠ କେଜି ପିଲାମାନଙ୍କ ଦ୍ୱାରା କୃଷ୍ଣ-ସୁଦାମା ଭେଟ ନାଟକ ଅଭିନୀତ ହୋଇଥିଲା। ଯେଉଁଥିରେ ସୌମ୍ୟାଦିତ୍ୟ ସୁଦାମା ଏବଂ ଶିବାଂଶ କୃଷ୍ଣ ଭୂମିକାରେ ଅଭିନୟ କରିଥିଲେ।

## ଯାଦବ ସଂଘ ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ


**ବାଲିକୁଦା,୫।୯ (ସମିସ):** ବାଲିକୁଦା ବ୍ଲକର ବରମୁଣ୍ଡଳୀ ପଞ୍ଚାୟତ ପତରପଡ଼ା ଦୋଳ ଗୋଠ ପ୍ରାଙ୍ଗଣରେ ଯାଦବ ସାଂସ୍କୃତିକ ସଂଘ, ପତରପଡ଼ା ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଲଉଡ଼ି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅହୋରାତ୍ର ପୂଜାପାଠ କରାଯାଇଥିଲା। ପିଠାଧୀଶ ବାବା କୃଷ୍ଣଚନ୍ଦ୍ର ଦାସ ଓ ବରମୁଣ୍ଡଳୀ ପଞ୍ଚାୟତ ସମସ୍ତ ଯାଦବ ଭାଇଙ୍କ ଆୟୋଜନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। କୁସୁପୁର, ଚତରାମୁଣ୍ଡାଇ, ବ୍ରାହ୍ମଣଡ଼ିହ ଲଉଡି ଦଳ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଗିଂୟାଶୁ ମହାନ୍ତି ଓ ସମସ୍ତ ଲଉଡ଼ି ଦଳକୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବ୍ଲକ ଯାଦବ ମହାସଂଘର କାର୍ଯ୍ୟକାରୀ ସଭାପତି ବୃନ୍ଦାବନ ଶୁକୁଳା, ସମ୍ପାଦକ ରମେଶ ଚନ୍ଦ୍ର ବହିରା, କୋଷାଧ୍ୟକ୍ଷ ବସନ୍ତ ପୋଲେଇ, ଉପଦେଷ୍ଟା ମହେଶ୍ୱର ଦାସ, ସକ୍ରିୟ ସଭ୍ୟ ରମେଶ ମାହାର, ନକୁଳ ଦାସ, ଦେବେନ୍ଦ୍ର ଦାସ, ପ୍ରଦୀପ୍ତ ଦାସ, ଜୋନ୍ ସମ୍ପାଦକ ସୁବାସ ବେହେରା ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ମଙ୍ଗୁଳି ଗାୟା, ବିଭୁତି ଗାୟା, ରବୀନ୍ଦ୍ର ବାହାଲିଆ, ନରି ଦାସ, ବୁଲାକି ବାହାଲିଆ, ବ୍ରଜବନ୍ଧୁ ଗାୟା, ସୁଧୀର ଗାୟା, ନେତ୍ରାନନ୍ଦ ଦାସ, ମନୋଜ ଦାସ, ସୁରଥ ଗାୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନଗର ଓ ବ୍ଲକ୍ କଂଗ୍ରେସର ନୂତନ କମିଟି ଗଠିତ

**ଜଗତସିଂହପୁର,୫।୯ (ସମିସ)**

ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ଅନୁମୋଦନ କ୍ରମେ ଜଗତସିଂହପୁର ନଗର ଓ ବ୍ଲକ କଂଗ୍ରେସ କମିଟିର ନୂତନ କମିଟି ଘୋଷଣା କରାଯାଇଛି। ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏହି ନୂଆ କମିଟି ଗଠନ କରାଯାଇଛି। ନଗର କମିଟର କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ କୁମାର ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପସଭାପତି ଭାବେ ପ୍ରମୋଦ କୁମାର ମହାପାତ୍ର, ତ୍ରିପୁରେଶ୍ୱର ମଲ୍ଲିକ, ଅଭୟ କୁମାର ସାରଙ୍ଗୀ, ଏସ୍‌କେ ସଫାତ, ଅତୁଲ୍ୟ କୁମାର ବିଶ୍ୱାଳ, ପ୍ରଣବ ମହାପାତ୍ର, ରବି ନାରାୟଣ ସାହୁ ଓ ସନ୍ଦୀପ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଗୁରୁ ପ୍ରସାଦ ସାରଙ୍ଗୀ, ଜାହୁର ଖାନ, ଶାରଦା ପ୍ରସାଦ ଦାସ, ରାଜେନ୍ଦ୍ର କୁମାର ସ୍ୱାଇଁ, ଆର୍ତ୍ତତ୍ରାଣ ଭୋଇ, ଅମିତ କୁମାର ଖୁଣ୍ଟିଆ, ରଞ୍ଜୁ ଭୋଇ ଏବଂ ପୁଷ୍ପାଞ୍ଜଳି ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବିଶ୍ୱାଳ, ଶିବ ପ୍ରସାଦ ଜେନା, ଅଶୋକ କୁମାର ଦାସ, ଆଶିଷ କୁମାର ମହାନ୍ତି, ସଞ୍ଜୟ କୁମାର ସାହୁ, ଏସ୍‌କେ ୟୁସୁଫ, ଅମରେନ୍ଦ୍ର ଦାସ, ତୁଳା ଦାସ ଏବଂ ଶରତ ଚନ୍ଦ୍ର ସାମଲଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଜଗତସିଂହପୁର ବ୍ଲକ କଂଗ୍ରେସ କମିଟିର ଉପସଭାପତି ଭାବେ ପ୍ରତାପ ପାଲଓ୍ୱାର, ନଳିନୀକାନ୍ତ ସ୍ୱାଇଁ, ଅମୀୟ କୁମାର ରଥ ଏବଂ ହାଫିଜୁର ରେହମାନ ଏବଂ କୋଷାଧ୍ୟକ୍ଷ ଭାବେ ଅନୁପ କୁମାର ମହାନ୍ତି ନିଯୁକ୍ତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ କାହ୍ନୁଚରଣ ରାଉତ, ସ୍ମୃତି ରଞ୍ଜନ ମହାନ୍ତି, ବିଜୟ କୁମାର ପାଲଓ୍ୱାର, ସିବାଶିଷ ତ୍ରିପାଠୀ, ପିତବାସ ରାଉତ, ନୀଳକଣ୍ଠ ଭୋଇ, ସୁବ୍ରତ କୁମାର ପଣ୍ଡା, ରମାକାନ୍ତ ସାହୁ, ଶିବ ପ୍ରସାଦ ରାୟ, କୃଷ୍ଣଚନ୍ଦ୍ର ମହାରଣା, ଉମେଶ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀନାରାୟଣ ମହାନ୍ତି ଓ ମନୋରଞ୍ଜନ ପୂହାଣ ସ୍ଥାନ ପାଇଛନ୍ତି। ସମ୍ପାଦକ ଭାବେ ଅନୁପମା ଦାସ, ପ୍ରିୟଦର୍ଶନ ତ୍ରିପାଠୀ, କବିତା ମିଶ୍ର, ବୈକୁଣ୍ଠ ରାୟ, ଧନଞ୍ଜୟ ମହାନ୍ତି, କୃଷ୍ଣଚନ୍ଦ୍ର ବାସ୍ତିଆ, ମନୋଜ ପ୍ରଧାନ, ସଞ୍ଜୟ କୁମାର ନାଥ ଓ ଅବଦୁଲ ମାଜିଦ ନିଯୁକ୍ତ ହୋଇଛନ୍ତି। ଏଥିସହିତ ଜୋନ-୧ ସଭାପତି ଭାବେ ରାଜକିଶୋର ସାହୁ, ଜୋନ-୨ ସଭାପତି ସଞ୍ଜିତ କୁମାର ପତି, ଜୋନ-୩ ସଭାପତି ଧନଞ୍ଜୟ ପୃଷ୍ଟି ଏବଂ ଜୋନ-୪ ସଭାପତି ଭାବେ ବିଭୁ ପ୍ରସାଦ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି।

## ରୟାଲ କିଡ୍ସ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ



**ଜଗତସିଂହପୁର,୫।୯ (ସମିସ):** ଜଗତସିଂହପୁର ସହରର ପ୍ରମୁଖ ଶିକ୍ଷାନୁଷ୍ଠାନ ରୟାଲ କିଡ୍ସ ଇଂଲିଶ ମିଡିୟମ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଶ୍ଳୋକ, ନୃତ୍ୟ ପ୍ରଦର୍ଶନ କରିବା ସହିତ ରାଧାକୃଷ୍ଣ ଆଧାରିତ ଅଭିନୟ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଅଧ୍ୟକ୍ଷା ଅନିତା ଦାଶ, ଶିକ୍ଷୟତ୍ରୀ ସୌମ୍ୟାଶ୍ରୀ ପଟ୍ଟନାୟକ, ମନୋରମା ରାଉତ, ଦମୟନ୍ତି ଜେନା, ବୀଣାପାଣି ଆଚାର୍ଯ୍ୟ, ମଧୁସ୍ମିତା ପଣ୍ଡା, ଶୁଭ୍ର ସ୍ୱରୂପା ରାଉତ ଏବଂ କେୟାର ଟେକର ଛବିଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳିତ



ଢେଙ୍କାନାଳ,୫।୯(ସମିସ)

ସ୍ଥାନୀୟ ପିଏମ୍‌ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ପୂର୍ବ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ସହ ଗୁରୁବନ୍ଦନା ଗାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କୃସିଦା ବେଗମ୍ ଏବଂ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଊର୍ମିଳା କରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଢେଙ୍କାନାଳ:** ଭାରତରତ୍ନ ଡ. ଆମ୍ବେଦକର ମେମୋରିଆଲ୍ ସୋସାଇଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମହିଷାପାଟସ୍ଥିତ ଆମ୍ବେଦକର ଭବନରେ ଗୁରୁଦିବସ ପାଳନ କରାଯାଇଛି। ବରିଷ୍ଠ ଆଇନଜୀବୀ ସମାଜସେବୀ ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସିତୁ ମହାପାତ୍ର, ଜିଲ୍ଲାପରିଷଦ ସଦସ୍ୟ ତଥା ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଅଶୋକ କୁମାର ପରିଡ଼ା, ଦଳିତ ମହାସଂଘ ସଭାପତି ପ୍ରହଲ୍ଲାଦ ନାୟକ, ସମ୍ପାଦକ ବନମାଳୀ ମଲ୍ଲିକ, ଧ୍ରୁବାନନ୍ଦ ନାୟକ, ପଙ୍କଜ ଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ଏବଂ ଭାରତରତ୍ନ ଡ. ଆମ୍ବେଦକରଙ୍କ ଜୀବନ ଉପରେ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଯୋରନ୍ଦା:** ମହିମା ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଜିତେନ୍ଦ୍ରିୟ ଶତପଥୀ, ଅଧ୍ୟାପକ ଶରତ ଚନ୍ଦ୍ର ସ୍ୱାଇଁ, କାମାକ୍ଷା ବେହେରା, ରଞ୍ଜନ ମହାପାତ୍ର, ଡ. ଶକୁନ୍ତଳା ଭୂୟାଁ, ଗୀତାଞ୍ଜଳି ମହାରଣା, ଛାତ୍ରୀ ସାଗରିକା ପୁହାଣ, ଛାତ୍ର ଅକ୍ଷୟ ବେହେରା, ଜ୍ଞାନରଞ୍ଜନ ମହାରଣା ପ୍ରମୁଖ ଗୁରୁଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ଫୁଲଚନ୍ଦନ ଦେଇ ଗୁରୁ ବନ୍ଦନା କରିଥିଲେ। +୨ ଜାତୀୟ ସେବା ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଆଇ ଶିବଶଙ୍କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ଥାଙ୍କ ୟୁ ଜିନ୍ଦେଗି' ଛୋଟ ଭିଡିଓ କ୍ଲିପ୍‌କୁ ସ୍ମାର୍ଟ ବୋର୍ଡ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷ ସ୍ୱାଇଁ ଓ ଢେଙ୍କାନାଳ ହର୍ଟିକଲଚର ଇଞ୍ଜିନିୟର ଆଶୁତୋଷ ବେହେରା ପାଠାଗାର ପରିସରରେ ଏକ ପ୍ରାଚୀରପତ୍ର ଉଦଘାଟନ କରିଥିଲେ। ଛାତ୍ରୀ ସୁଚିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୌମ୍ୟକାନ୍ତ ସାହୁ, କାଳନ୍ଦି ଚରଣ ପଣ୍ଡା ସହଯୋଗ କରିଥିଲେ।



**ଖଜୁରିଆକଟା:** ହିନ୍ଦୋଳ ଉପଖଣ୍ଡ ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାନ ହିନ୍ଦୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ବେହେରା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ଦେହୁରୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତି ଧଳ ଓ ରଶ୍ମିତା ସାହୁ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଲିପିକା ନାଏକ, ମମତା ବେହେରା, ବର୍ଷା ବେହେରା ଐଶ୍ୱର୍ଯ୍ୟା ଦାଶ ପ୍ରମୁଖ ଗୁରୁଦିବସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ରମେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



## ସୈନିକ ପରିବାରଙ୍କୁ ଥାନାରେ ମିଳୁନି ନ୍ୟାୟ



ଭୁବନ,୫।୯(ସମିସ): ଦେଶ ସୁରକ୍ଷା ପାଇଁ ସୀମାରେ ଜଗି ରହିଥିବା ଜଣେ ସୈନିକଙ୍କ ପରିବାରକୁ ବି ଥାନାରୁ ମିଳୁନି ନ୍ୟାୟ। ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମର ଜିତେନ୍ଦ୍ର ଦାସ ସେନାବାହିନୀରେ ଚାକିରି କରନ୍ତି। ଘରେ ତାଙ୍କ ପତ୍ନୀ ମୋନାଲିସା ଦାସଙ୍କ ସମେତ ବାପା ମାଆ ରୁହନ୍ତି। ମହୁଲପାଳ ଗ୍ରାମରେ ଖାତା ନମ୍ବର ୩୮୯/୨୬୪ ପ୍ଲଟ ୩୦୦୬/୪୯୦୫ ଘରବାଡ଼ି କିସମ ମାତ୍ର ୦.୦୭ ଡିସିମିଲିକୁ ନେଇ ଗତ ଜାନୁଆରୀ ୨୦ରେ ସରକାରୀ ଭାବେ ମାପଚୁପ ହୋଇଥିଲା। ପଡ଼ୋଶୀମାନେ ଉପସ୍ଥିତ ଥାଇ ମାପ ହୋଇଥିଲା। ପରେ ଏହାକୁ ନେଇ ପଡ଼ୋଶୀ ମନୋଜ ବଳ ମାନସ ବଳ, ରଞ୍ଜନ ସାହୁ, ଲିଲି ସାହୁ, ଗୁଲୁ ବଳ ମୋନାଲିସାଙ୍କ ସହ ଗଣ୍ଡଗୋଳ କରିଥିଲେ। ତାଙ୍କ ଶାଶୂ ଓ ଶଶୁରଙ୍କୁ ମାଡ଼ ମାରିଥିଲେ। ଘର ସାମନାରେ ପଥର କାନ୍ଥ ଦେଉଥିବା ବେଳେ ଥାନାକୁ ଗୁହାରି କଲେ ବି କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି ମୋନାଲିସା। ଏ ସମ୍ପର୍କରେ ଥାନାଧିକାରୀ ରେଣୁବାଳା ସାହୁ କୁହନ୍ତି, ଅନ୍ୟ ଡ୍ୟୁଟିରେ ଅଛି, ଥାନାକୁ ଗଲେ ବୁଝିବି।

## ରାଜ୍ୟ ବିଜେଡି ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ସମ୍ବର୍ଦ୍ଧିତ




କାମାକ୍ଷାନଗର,୫।୯(ସମିସ): କାମାକ୍ଷାନଗର ବିଜେଡି ତରଫରୁ ରାଜ୍ୟ ବିଜେଡି ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ମହେଶ ସାହୁଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମ ପ୍ରେକ୍ଷାଳୟରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି କ୍ରମେ ମହେଶ ରାଜ୍ୟ ବିଜେଡି ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ମନୋନୀତ ହେବାପରେ ଏହା ତାଙ୍କ ପ୍ରଥମ କାମାକ୍ଷାନଗର ଗସ୍ତ। ଏହି ଅବସରରେ କାମାକ୍ଷାନଗର ଏନଏସି ବିଜେଡି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଜିଲ୍ଲା ବିଜେଡି ଉପସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସମେତ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବହୁ ସରପଞ୍ଚ, ସମିତିସଭ୍ୟ, କାମାକ୍ଷାନଗର ଏନଏସିର ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଭିନ୍ନ ୱାର୍ଡର କାଉନସିଲର ଓ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଦଳକୁ ସୁସଂଗଠିତ କରି ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ଏନଏସି ନିର୍ବାଚନରେ ସଫଳତା ହାସଲ କରିବା ନିମନ୍ତେ ସେ କର୍ମୀ ଓ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ନୂତନ ଭାବେ ବିଜେଡିର କାମାକ୍ଷାନଗର ଏନଏସି ପାଇଁ ଦାୟିତ୍ୱ ପାଇଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍' ଅଭିଯାନକୁ ଜାତିସଂଘର ସ୍ୱୀକୃତି

ଢେଙ୍କାନାଳ/କିଶୋରନଗର,୫।୯(ସମିସ): ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ବାଲ୍ୟ ବିବାହ ବିରୋଧରେ ତୃଣମୂଳ ସ୍ତରରେ 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍' ଅଭିଯାନ ଜାରି ରହିଛି। ଏହାକୁ ମିଳିତ ଜାତିସଙ୍ଘ ପକ୍ଷରୁ ସ୍ୱୀକୃତି ମିଳିଛି। ବିଶ୍ୱ ଯୁବକେନ୍ଦ୍ର ଜାତିସଂଘର ଏହି ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରିଛି। ଜାତିସଂଘ ନଭେମ୍ବର ୨୭କୁ 'ବାଲ୍ୟ ବିବାହ, ଅପ୍ରାପ୍ତ ବୟସରେ ବିବାହ ଓ ବାଧ୍ୟତାମୂଳକ ବିବାହର ଉଚ୍ଛେଦ ପାଇଁ ଆନ୍ତର୍ଜାତୀୟ ଦିବସ' ଭାବେ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ଗୁରୁଦିବସ ଅବସରରେ ଓଡ଼ାପଡ଼ା ବ୍ଲକ ଅଫିସ କନଫରେନ୍ସ ହଲରେ ଆୟୋଜିତ ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଏବିଇଓ ପୋଲୋସ୍ତ୍ୟ ସାହୁ, ଭବାନୀ ଶଙ୍କର, ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ସହାୟକ ରୋଶନ କୁମାର ନନ୍ଦ, ଶିଶୁ ବିକାଶ ଅଧିକାରୀ ନିବେଦିତା ତ୍ରିପାଠୀ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ସରପଞ୍ଚ ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଶ୍ୱ ଯୁବକେନ୍ଦ୍ରର କର୍ମୀ ମନସ୍ମିତା ନାୟକ, ସୁମିତ୍ରା ସ୍ୱାଇଁ, କୁମୁଦିନୀ ସ୍ୱାଇଁ, ବିଦ୍ୟୁଲତା ଭଞ୍ଜ ଯୋଗଦେଇ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଓ ଅନିୟମିତ ଓ ପାଠପଢ଼ା ଛାଡ଼ିଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ନାମଲେଖା ବିଷୟରେ ଆଲୋଚନା କରିଥିଲେ।




ଶିଶୁମାନଙ୍କ ସମସ୍ୟା ଯେପରି ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ବିରୋଧରେ ଛେଣ୍ଡିପଦା ଥାନା ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଅତିରିକ୍ତ ଥାନା ଅଧିକାରୀ ଜଣାଇବା ସହ କିଶୋରୀ ବାଳିକାମାନଙ୍କୁ ସାଇବର୍ ସୁରକ୍ଷା ବିଷୟରେ ମଧ୍ୟ ଅବଗତ କରାଇଥିଲେ। ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଏହି ଘୋଷଣା ଭାରତ ସରକାର ଓ ପ୍ରଶାସନ ସହ ମିଶି ସାରା ଦେଶରେ ଶିଶୁ ବିବାହ ବିରୋଧରେ କାର୍ଯ୍ୟ କରୁଥିବା ଭାରତର ସର୍ବବୃହତ୍ ଏନଜିଓ ନେଟୱର୍କ 'ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍'ର ଅସାଧାରଣ ପ୍ରୟାସକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି। ବିଶ୍ୱ ଯୁବକେନ୍ଦ୍ର, ଜେଆରସିର ସହଯୋଗୀ ସଂଗଠନ ଭାବେ ଦୀର୍ଘଦିନ ଧରି ଶିଶୁ ବିବାହ ବିରୋଧରେ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ଦିବସ ଘୋଷଣା ପାଇଁ ଦାବି ଓ ଅଭିଯାନରେ ସାମିଲ ହୋଇଆସିଛି। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର କହିଥିଲେ, ଭାରତରୁ ଉଠିଥିବା ସ୍ୱର ଆଜି ବିଶ୍ୱସ୍ତରୀୟ ସଂକଳ୍ପରେ ପରିଣତ ହୋଇଛି। ଆମ ପ୍ରୟାସ ବିଶ୍ୱ ସ୍ତରରେ ସ୍ୱୀକୃତି ପାଇଥିବାରୁ ଏହା ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଭାରତ ପାଇଁ ମଧ୍ୟ ଗର୍ବର ବିଷୟ ଯେ ଶିଶୁ ବିବାହ ଉଚ୍ଛେଦ ପାଇଁ ଉତ୍ସର୍ଗୀକୃତ ବିଶ୍ୱ ଦିବସ ନିମନ୍ତେ ଜାତିସଂଘ ନଭେମ୍ବର ୨୭କୁ ଚୟନ କରିଛି। ୨୦୨୪ ମସିହାରେ ଏହିଦିନ ଭାରତ ସରକାର ଜେଆରସିର ସହଯୋଗୀ ସଂଗଠନଗୁଡ଼ିକ ସହ ମିଶି 'ବାଲ ବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ଏହା କେବଳ ଉତ୍ସବ ପାଳନ କରି ଅଟକିଯିବାର ସମୟ ନୁହେଁ। ଏବେ ପ୍ରକୃତ ଚ୍ୟାଲେଞ୍ଜ ହେଉଛି ଏହି ବିଶ୍ୱସ୍ତରୀୟ ପ୍ରତିବଦ୍ଧତାକୁ ତୃଣମୂଳସ୍ତରରେ କାର୍ଯ୍ୟରେ ପରିଣତ କରିବା। ଆମ ଜିଲ୍ଲାର କୌଣସି ଗାଁରେ ଯେପର୍ଯ୍ୟନ୍ତ ଜଣେ ଶିଶୁ ମଧ୍ୟ ଶିଶୁ ବିବାହର ଭୟରେ ରହିଛି, ସେପର୍ଯ୍ୟନ୍ତ ଆମ ଲଢ଼େଇ ଅସମ୍ପୂର୍ଣ୍ଣ ରହିବ। କେବଳ ଆଇନ ଦ୍ୱାରା ଶିଶୁ ବିବାହକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ନାହିଁ। ତେଣୁ ସ୍କୁଲ, ପଞ୍ଚାୟତ ଓ ଗାଁଗୁଡ଼ିକରେ ବ୍ୟାପକ ସଚେତନତା ଅଭିଯାନ ଚଳାଇଛୁ। ଲୋକଙ୍କୁ ଶିଶୁ ବିବାହ ବିରୋଧରେ ଶପଥ ନେବାକୁ ପ୍ରୋତ୍ସାହିତ କରିଛୁ ବୋଲି ସେ କହିଥିଲେ।


ସେହିପରି ଛେଣ୍ଡିପଦା ବ୍ଲକ ମିଶନ ଶକ୍ତି ହଲରେ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, କିଶୋରୀ ବାଳିକା ଓ ତାଙ୍କ ଅଭିଭାବକ, ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ସେଠୀ, ଛେଣ୍ଡିପଦା ଥାନା ଅଧିକାରୀ ଦୀପ୍ତିମୟୀ ବିଶ୍ୱାଳ, ଆଇନଜୀବୀ ଲକ୍ଷ୍ମୀଧର ପ୍ରଧାନ, ଏବିଇଓ ବନିତା ବେହେରା, ବ୍ଲକ୍ ଫେଡେରେସନ ସମ୍ପାଦିକା ସୌଦାମିନୀ ଗଡ଼ନାୟକ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ମଧ୍ୟ ଏକ ବୈଠକ ଆୟୋଜନ କରାଯାଇ ଆଲୋଚନା କରାଯାଇଛି।

## ପୋଖରୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

କାମାକ୍ଷାନଗର,୫।୯(ସମିସ): ମହାବିରୋଡ୍ ଥାନା ଗୋବରି ଗାଁରେ ପୋଖରୀରେ ବୁଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ବିଧାନ ସାହୁଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ସସ୍ମିତା ସାହୁ (୧୨)। ସେ ପୋଖରୀକୁ ଗାଧୋଇବା ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପକ୍ଷରୁ ଫାୟାର ଅଫିସର ସଚିନ ପ୍ରଧାନଙ୍କ ନେତୃତ୍ୱରେ ଉମେଶ ବେହେରା, ଅଗ୍ନିଯୋଦ୍ଧା ରାକେଶ ବିଶ୍ୱାଳ, ଲିପୁନ ସାହୁ, ଲିପୁ ପୃଷ୍ଟି, ବିଶ୍ୱନାଥ ମହାନ୍ତି ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କାଶୀନାଥ ହାଁସଦା କହିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ● ମାଟି ଉପରେ ପଡୁଛି କଂକ୍ରିଟ
## ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଢେଙ୍କାନାଳ,୫।୯(ସମିସ): କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତରେ ନିମ୍ନମାନର କଂକ୍ରିଟ ରାସ୍ତା କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମରୁଆବିଲି ପଞ୍ଚାୟତ କେନ୍ଦୁପଡ଼ା ଗାଁ ମୁଣ୍ଡରୁ କେନ୍ଦୁପଡ଼ା ମହାନ୍ତ ସାହିକୁ ସଂଯୋଗ କରୁଥିବା ମାଟି ରାସ୍ତାର କଂକ୍ରିଟକରଣ କରାଯାଉଛି। ତେବେ ଉକ୍ତ ମାଟି ରାସ୍ତା ଉପରେ ଠିକାଦାର ବିନା ମେଣ୍ଟାଲରେ କେବଳ ମାଟି ଉପରେ ଢଳେଇ କାର୍ଯ୍ୟ କରୁଛନ୍ତି। ସେହିପରି ବିନା ସୂଚନା ଫଳକରେ କାମ କରାଯାଉଥିଲା। ଅଭିଯୋଗ ପରେ ଠିକାଦାର ତରବରିଆ ଭାବେ ଫଳକ ନିର୍ମାଣ କରିଥିଲେ। ତୁରନ୍ତ ଏହାର ତଦନ୍ତ କରି ଉପଯୁକ୍ତ ମାନର ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ରାସ୍ତା ମରାମତି ଦାବିରେ ରାସ୍ତାରୋକ



ଖଜୁରିଆକଟା,୫।୯(ସମିସ): ଓଡ଼ାପଡ଼ା ବ୍ଲକ ଗୁଡ଼ିଆକାଟେଣୀରୁ ବାଲିମି ପର୍ଯ୍ୟନ୍ତ ରାସ୍ତା ମରାମତି ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗୁଡ଼ିଆକାଟେଣି ଛକରେ ରାସ୍ତାରୋକ କରାଯାଇଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଦୀର୍ଘଦିନ ହେଲା ଖାଲଖମାରେ ଭର୍ତ୍ତିହୋଇ ନଷ୍ଟ ହୋଇଯାଇଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ମରାମତି କରା ନ ଗଲେ ରାସ୍ତାରୋକ ଆନ୍ଦୋଳନ କରାଯିବାକୁ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ ପ୍ରଶାସନ ଓ ପୁଲିସକୁ ଲିଖିତ ଭାବେ ଅବଗତ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶନିବାର ଛବିରାଜଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଗୁଡ଼ିଆକାଟେଣୀ ଛକରେ ବ୍ୟାନର ଟାଣି ରାସ୍ତାରେ ବସି ଆନ୍ଦୋଳନ କରିଥିଲେ। ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ







ଭୁବନ,୫।୯(ସମିସ)

ଭୁବନ ଏନ୍‌ଏସି ଅରାସାହି ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ ପାଳିତ ହୋଇଛି। ସଭାପତି ଗଙ୍ଗାଧର ନାୟକ, ସମ୍ପାଦକ ସଞ୍ଜୀବ କୁମାର ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କୃଷ୍ଣ, ରାଧା, ବଳରାମ, ସୁଦାମା, ବସୁଦେବ ବେଶରେ ସଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ।

**ଗଁନ୍ଦିଆ:** ଗଁନ୍ଦିଆ ବ୍ଲକ କଙ୍କା ଗ୍ରାମରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ମୁଖ୍ୟ ପୁରୋଧା ହୃଦାନନ୍ଦ ପତି ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ବିରଞ୍ଚି ନାରାୟଣ ଇନ୍ଦ୍ରଜିତ ସିଂହ ଓ ପ୍ରସନ୍ନ କୁମାର ଇନ୍ଦ୍ରଜିତ ସିଂହ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆଖପାଖ ବଲ୍ଲଭ, ମୁକୁନ୍ଦପୁର, ବାଇଁଶିଆ, ଖଙ୍କର, କାଠପାଳ, ଆମ୍ବବାହାଳି, କରମୂଳ ଗ୍ରାମର ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। ବିକ୍ରମ, ସୁଧାଂଶୁ, ଅନିଲ, ବବୁଲୁ, ଧନୁ, ନବା, ଅଂଶୁ, ସାଗର ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ ସଭାପତି ମେଘନାଦ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

**ଢେଙ୍କାନାଳ:** ଢେଙ୍କାନାଳ ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ନନ୍ଦ ଉତ୍ସବ ପାଳିତ ହୋଇଛି। ଦୀର୍ଘ ବର୍ଷ ଗ୍ରାମରେ ଠାକୁରଙ୍କ ଜନ୍ମ ଉତ୍ସବ ସହିତ ନନ୍ଦରାଜା ଓ ରାଣୀ ନନ୍ଦ,କୃଷ୍ଣ ସୁଦାମା ଓ ରାଧା ବେସ ସଜିତ ହୋଇ ଠାକୁରଙ୍କ ଆସ୍ଥାନ ପୂଜା ବିଧି ସମାପ୍ତ କରି ଗ୍ରାମ ପରିକ୍ରମା କରାଯାଇଥାଏ। ନାମ ସଂକୀର୍ତ୍ତନ ଗ୍ରାମ ପରିକ୍ରମା କରୁଥିବା ସମୟରେ ନିଜ ଘର ଅଗଣାରେ ଠାକୁରଙ୍କୁ ଶ୍ରଦ୍ଧାଳୁମାନେ ବଦାପନା କରିଥିଲେ। ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଧରଣୀ ବ୍ରହ୍ମ, ପ୍ରାଣବନ୍ଧୁ ବ୍ରହ୍ମ, ଅଶୋକ ବ୍ରହ୍ମା ବିପିନ ବରାଳ, ଡାକ୍ତର ବ୍ରହ୍ମା, ଧର୍ମାନନ୍ଦ ବରାଳ, ମହେନ୍ଦ୍ର ପ୍ରଧାନ, ଶଶଧର ବରାଳ ସହଯୋଗ କରିଥିଲେ। ପ୍ରଦୀପ ଦାସ ପୂଜାପାଠ କରିଥଲେ।

**ଢେଙ୍କାନାଳ:** ସଦର ବ୍ଲକ ଖମାର ମଝିସାହିରେ ନନ୍ଦ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଗ୍ରାମରେ ନନ୍ଦ ଉତ୍ସବ ପାଳିତ ହୋଇଆସୁଛି। ଏହି ଉତ୍ସବରେ ନନ୍ଦରାଜା, ରାଣୀ, କୃଷ୍ଣ, ସୁଦାମା ଓ ରାଧା ବେଶରେ ସଜ୍ଜିତ କଳାକାରମାନେ ପୂଜାର୍ଚ୍ଚନା କରିବା ପରେ ଗ୍ରାମାବାସୀମାନେ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମବାସୀମାନେ ନିଜ ଘର ଅଗଣାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରି ବନ୍ଦାପନା କରିଥିଲେ। ହରିବୋଲ ଓ ହୁଳହୁଳି ଧ୍ୱନିରେ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଶେଷରେ ସାମୁହିକ ପ୍ରସାଦ ସେବନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

**ଢେଙ୍କାନାଳ:** ସଦର ବ୍ଲକ୍ କାଙ୍କଡ଼ପାଳ ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ଜନ୍ମାଷ୍ଟମି ପରଦିନ କମିଟି ପକ୍ଷରୁ ନନ୍ଦୋତ୍ସବ ପାଳନ କରାଯାଇଥିଲା। ଏଥିରେ ନନ୍ଦରାଜା ଭାବେ ପ୍ରକାଶ ଦାସ ଓ ନନ୍ଦ ରାଣୀ ବେଶରେ ସୁଶାନ୍ତ ସାହୁ ଏବଂ କୃଷ୍ଣ, ବଳରାମ ଓ ସୁଦାମା, ଦାମ, ସୁବଳ, ଚନ୍ଦ୍ରସେଣା ଆଦି ବେଶରେ ଯୁବକମାନେ ସାହି ପରିକ୍ରମା କରିଥିଲେ। ଏହି ପରିକ୍ରମାରେ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତନ ବେଶ୍ ମନମୁଗ୍ଧ ହୋଇଥିଲା। ସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରସ୍ତମ ଦାସ ପ୍ରମୁଖ କାରର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗ୍ରାମର ମଙ୍ଗଳ ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା।

**ଢେଙ୍କାନାଳ:** ବାଜିଚୌକସ୍ଥିତ ସୀତାରାମ ଆଶ୍ରମରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ଗତକାଲି ଆଶ୍ରମ ପ୍ରାଙ୍ଗଣରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀକୃଷ୍ଣଙ୍କ ଜନ୍ମ ପାଳନ କରିଥିଲେ। ଆଶ୍ରମରେ ହରିବଂଶ ପାଠ କରାଯାଇ ପୂଜା ବିଧି କରାଯାଇଥିଲା। ଆଜି ଅପରାହ୍ନରେ କମିଟି ପକ୍ଷରୁ ନନ୍ଦୋତ୍ସବ ପାଳନ କରାଯାଇଥିଲା। ଏଥିରେ ନନ୍ଦରାଜା ବେଶରେ ଆଶିଷ ପରିଡା ଓ ରାଣୀ ବେଶରେ ଅପର୍ତି ବେହେରା, ବଳରାମ ବେଶରେ ଆରବ କୁମାର ରାଉତ, କୃଷ୍ଣ ବେଶରେ ରାମ, ବାଳକୃଷ୍ଣ ବେଶରେ ଚିରାଗ, ସଖା ବେଶରେ ସୋହେଲ୍ ପ୍ରମୁଖ ସଂକୀର୍ତନ ସହ ସହର ପରିକ୍ରମା କରିଥିଲେ। ଏଥିରେ ସଭାପତି ମନି ସାହୁ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ରାଉତ, ସଦସ୍ୟ ଉଦୟ ନାଥ ରାଉତ, ପଦନ ସାହୁ, ସୁଭେନ୍ଦୁ ବେହେରା, ପ୍ରିତମ୍ ମଶ୍ର, ବିମ୍ବା ରାଉତ, ଧ୍ରୁବ ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିରର ପୂଜକ ଅକ୍ଷୟ କୁମାର ସାହୁ ସମସ୍ତ ପୂଜାକୁ ସମ୍ପାଦନ କରିଥିଲେ।

## ରାଜ୍ୟ ବିଜେପିର ଦୁଇ ଦିନିଆ କାର୍ଯ୍ୟକାରିଣୀରେ ମାନସମନ୍ଥନ

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତୃଣମୂଳ ସଂଗଠନ ଉପରେ ଫୋକସ୍

କଟକ,୫।୯(ସମିସ): ଆଗକୁ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଦୃଷ୍ଟିରୁ ସରକାର ଏବଂ ଦଳ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଗତ ଦୁଇ ବର୍ଷ ମଧ୍ୟରେ ଜନହିତକର କାର୍ଯ୍ୟର ବିବରଣୀ ଲୋକଙ୍କ ପାଖରେ କିପରି ପହଞ୍ଚାଯାଇ ପାରିବ ସେନେଇ ରାଜ୍ୟ ବିଜେପିର ଦୁଇଦିନିଆ କାର୍ଯ୍ୟକାରିଣୀ ମାନସ ମନ୍ଥନ ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀକୁ ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରିଛନ୍ତି। ଏଥିରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନିଲ ବଂଶଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ଓ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ, ପଦକ୍ଷେପ ସଂପର୍କରେ ଆଜିର ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। କାର୍ଯ୍ୟକାରିଣୀର ପ୍ରାରମ୍ଭିକ ଦୁଇଟି ଅଧିବେଶନରେ ଦଳୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ତ୍ରୁଟିର ନିରାକରଣ ପାଇଁ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ୩ ମାସ ପାଇଁ ଦଳର ନୂଆ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇ ତାହା ବୈଠକରେ ଅନୁମୋଦନ କରାଯିବ। ସେହିପରି ଆସନ୍ତା ୨୨ରୁ ହେବାକୁ ଥିବା ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ସରକାରୀ ସଫଳତା ଓ ଜନପ୍ରତିନିଧିଙ୍କ ଆଶା-ଆକାଂକ୍ଷା ବାବଦରେ ସାଂସଦ ଓ ବିଧାୟକଙ୍କଠାରୁ ପରାମର୍ଶ ଏବଂ ମତାମତ ନିଆଯାଇଛି। ସଂଗଠନ-ସରକାର, ସାଂସଦ-ବିଧାୟକ ଏବଂ ବିଧାୟକ-ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ଉଦ୍ୟମ କରାଯାଉଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ହେବାର ଥିବାରୁ ତୃଣମୂଳ ସ୍ତରରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି କାର୍ଯ୍ୟକାରିଣୀ ବୈଠକ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଭଲ କାମ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକାରିଣୀର ପ୍ରଥମ ଦିନରେ ୧୫ରୁ ଅଧିକ ସାଂସଦ, ୫୦ରୁ ଅଧିକ ବିଧାୟକ ଓ ରାଜ୍ୟ ମନ୍ତ୍ରୀମଣ୍ଡଳର ପ୍ରାୟ ସମସ୍ତ ମନ୍ତ୍ରୀ ସାମିଲ ହୋଇଛନ୍ତି। ସେହିପରି ୪ ଶହ କାର୍ଯ୍ୟକାରିଣୀ ସଦସ୍ୟ ବୈଠକର ଦୁଇଟି ଅଧିବେଶନରେ ଯୋଗ ଦେଇଛନ୍ତି। ଆସନ୍ତାକାଲି ଦଳର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ ଯୋଗ ଦେବେ। ପ୍ରଥମ ଅଧିବେଶନରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହେବ। ସେହିପରି ରବିବାର ଆଉ କିଛି କେନ୍ଦ୍ରମନ୍ତ୍ରୀ, ସାଂସଦ ଓ କେନ୍ଦ୍ର ନେତୃବୃନ୍ଦ ବୈଠକରେ ଯୋଗଦେବେ ବୋଲି ସୂଚନା ମିଳିଛି।

# ପ୍ରକାଶ ପାଣ୍ଡାନ୍‌ଙ୍କ ଅଫିସ୍ ଘର ଭାଙ୍ଗିଲା ବନ ବିଭାଗ




## ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ନିର୍ମିତ

ରାଉରକେଲା,୫।୯(ସମିସ): ରାଉରକେଲାର ଦୀପ୍ତି ହୋଟେଲ ପଛପଟେ ଥିବା ଦୁର୍ଗାପୁର ହିଲ୍ ସଂରକ୍ଷିତ ଜଙ୍ଗଲରେ ଶନିବାର ବନ ବିଭାଗ ପକ୍ଷରୁ ଉଚ୍ଛେଦ ଅଭିଯାନ କରାଯାଇଥିଲା। ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ମଧ୍ୟରେ ବେଆଇନ ଭାବେ ନିର୍ମିତ ଏକ ଘରକୁ ଭାଙ୍ଗି ଦିଆଯାଇଛି।ତେବେ ଏହି ଘରଟି କିଏ ନିର୍ମାଣ କରିଥିଲେ, ସେନେଇ ବନ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ଦିଆଯାଇନାହିଁ।

ତେବେ, ରାଉରକେଲା ସର୍କିଟ୍ ହାଉସ୍‌ରୁ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ ହୋଇଥିବା ପ୍ରକାଶ ପାଣ୍ଡାନ୍ ଏହି ସ୍ଥାନରେ ଉକ୍ତ ଘରଟି ନିର୍ମାଣ କରିଥିବା ଏବଂ ଏହାକୁ ବିଜେପି ମଣ୍ଡଳ ଅଫିସ୍ ଭାବେ ବ୍ୟବହାର କରୁଥିବା ଜଣାପଡ଼ିଛି। ତେବେ ଏନେଇ ବନ ବିଭାଗ ପକ୍ଷରୁ କୌଣସି ନିଶ୍ଚିତି କରାଯାଇନାହିଁ।

ଅପରପକ୍ଷେ କଲୋନୀ ନିକଟ ଉକ୍ତ ସଂରକ୍ଷିତ ଜଙ୍ଗଲ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ପ୍ରକାଶଙ୍କ ବିଜେପି କାର୍ଯ୍ୟାଳୟ ସହିତ ସାଂସଦ ପ୍ରତିନିଧିଙ୍କ କାର୍ଯ୍ୟାଳୟକୁ ପାନପୋଷ ରେଞ୍ଜ ଅଫିସର ତଦନ୍ତ ରିପୋର୍ଟ ପ୍ରଦାନ ପରେ ଗତ ୨୮ ତାରିଖ ଦିନ ରାଉରକେଲା ଡିଏଫଓ ରବିକାନ୍ତ ମୀନାଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ବନ ବିଭାଗ ସିଲ କରିଥିଲା। ସୂଚନାଯୋଗ୍ୟ ଯେ, ପ୍ରକାଶଙ୍କ ଦ୍ୱାରା ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ବିଷୟରେ ଅଭିଯୋଗ ପାଇବା ପରେ ବନ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ବେଆଇନ ନିର୍ମାଣ କାର୍ଯ୍ୟ ସହିତ ସମ୍ପୃକ୍ତ ସମ୍ପତ୍ତି ନିର୍ମାଣ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀକୁ ଓଡ଼ିଶା ବନ ଅଧିନିୟମ ଅନୁଯାୟୀ ବନ ବିଭାଗ ଜବତ କରିଥିଲା। ଏସମ୍ପର୍କରେ କିଛି ଆପତ୍ତି ଥିଲେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ତଥ୍ୟ ଦାଖଲ ପାଇଁ ମଧ୍ୟ ନୋଟିସ ଜାରି କରାଯାଇଥିଲା। କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଅନୁମତି ନେଇ ବିଜେପି ମଣ୍ଡଳ ଅଫିସ ଓ ସାଂସଦ ପ୍ରତିନିଧିଙ୍କ ଅଫିସ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପ୍ରକାଶ ଅଫିସ ନିର୍ମାଣ କରିଥିବା ବନ ବିଭାଗ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ କରାଯାଇ ଅଫିସକୁ ସିଲ କରାଯାଇଥିଲା।

**ଯୁବକଙ୍କ ଗୁରୁତର ଅଭିଯୋଗ**

# ପୂର୍ବତନ ବିଧାୟକଙ୍କ ବିରୋଧରେ ଭିଡିଓ କରିବାକୁ ଚାପ

ପୁରୀ,୫।୯(ସମିସ): ପୂର୍ବତନ ବିଧାୟକଙ୍କ ବିରୋଧରେ ଭିଡିଓ କରି ସୋସିଆଲ ମିଡିଆରେ ପ୍ରଚାର କରିବାକୁ ଚାପ ପକାଇବା ସହ ମାଡ଼ ମାରିବା, ମାରଣାସ୍ତ୍ର ଦେଖାଇ ଧମକ ଦେବା ଏବଂ ପରେ ଜଣେ ବିଧାୟକଙ୍କ ସମ୍ମୁଖକୁ ନେଇ ଅପପ୍ରଚାରମୂଳକ ବକ୍ତବ୍ୟ ଦେବାକୁ ବାଧ୍ୟ କରାଯାଇଥିବା ଜଣେ ଯୁବକ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଜ୍ଞାନରଞ୍ଜନ ସାହୁଙ୍କ ଘର କଣାସ ବ୍ଲକ୍ ଅଞ୍ଚଳର ମୂଳବସନ୍ତ ଗାଁ ବୋଲି ଜଣାପଡ଼ିଛି।

ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ତାଙ୍କୁ ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ବିରୋଧରେ ଅପପ୍ରଚାର ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିବାକୁ ଧମକ ଦିଆଯାଇଥିଲା। ଏଥିସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ମାଡ଼ ମାରିଥିବା ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଆହତ ଅବସ୍ଥାରେ ଘରେ ପହଞ୍ଚିଥିଲେ ବି ଭୟଭୀତ ହୋଇ ଏ ସମ୍ପର୍କରେ ପରିବାରକୁ ଜଣାଇ ନ ଥିଲେ। ଏହା ପରଦିନ ଅର୍ଥାତ୍ ୩ ତାରିଖରେ ଜଣେ ସମ୍ପର୍କୀୟ ଭାଇଙ୍କ ସହ ବେଣାଗାଁ କଲେଜକୁ ସାର୍ଟିଫିକେଟ୍ ଆଣିବାକୁ ଯାଇଥିବାବେଳେ କିଛି ଯୁବକ ପୂର୍ବ ଘଟଣାକୁ କେନ୍ଦ୍ର କରି ପୁଣି ତାଙ୍କୁ ଧମକ ଦେଇଥିଲେ। ତାଙ୍କୁ ଏକ କଳା ରଙ୍ଗର ବୁଲେଟ୍‌ରେ ବସାଇ ନିଛାଟିଆ ଜଙ୍ଗଲକୁ ନେଇ ମାଡ଼ ମାରିବା ପରେ ତାଙ୍କୁ ଜଣେ ବିଧାୟକଙ୍କ ନିକଟରେ ହାଜର ହେବାକୁ କୁହାଯାଇଥିବା ସେ ଦାବି କରିଛନ୍ତି। ଏହାପରେ ପୁରୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିକଟକୁ ନେଇ ତାଙ୍କୁ ଜୋର୍‌ଜବରଦସ୍ତି ମଦ ପିଆଯାଇଥିବା ଏବଂ ପରେ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମ୍ମୁଖରେ ନେଇ କ୍ଷମା ମାଗିବାକୁ ବାଧ୍ୟ କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗକାରୀ ଆହୁରି କହିଛନ୍ତି ଯେ, ତାଙ୍କୁ କିଛି ଟଙ୍କାର ପ୍ରଲୋଭନ ଦେଖାଇ ବିଜେଡି ଓ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ବିରୋଧରେ ଏଆଇ ମାଧ୍ୟମରେ ଅଶ୍ଳୀଳ ଭିଡିଓ ଓ ବକ୍ତବ୍ୟ ଦେବାକୁ ଚାପ ପକାଯାଇଥିଲା। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବା, ଘରକୁ ବୋମା ପକାଇ ଉଡ଼ାଇଦେବା ଏବଂ ଭଉଣୀଙ୍କୁ ଉଠାଇ ନେବା ଭଳି ଧମକ ମିଳିଥିବା ମଧ୍ୟ ତାଙ୍କ ଅଭିଯୋଗରେ ଉଲ୍ଲେଖ ରହିଛି। ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ଏହି ଘଟଣା ଚାଲିଥିବା ଏବଂ ପରେ ତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଚାଲିଯାଇଥିବା ସେ କହିଛନ୍ତି।

ଏହି ଘଟଣାକୁ ନେଇ ଜ୍ଞାନରଞ୍ଜନ ଏସ୍‌ପିଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣାର ସତ୍ୟତା, ଅଭିଯୋଗରେ ଉଲ୍ଲେଖିତ ବ୍ୟକ୍ତିମାନଙ୍କ ଭୂମିକା ଏବଂ ଅନ୍ୟାନ୍ୟ ଦିଗ ନେଇ ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିବ ବୋଲି କୁହାଯାଉଛି। ଅଭିଯୋଗ ସଂକ୍ରାନ୍ତରେ ସତ୍ୟବାଦୀ ବିଧାୟକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଜାତୀୟ / ଅନ୍ତର୍ଜାତୀୟ

### କଂଗ୍ରେସ ପ୍ରଭାରୀ ସ୍ତରରେ ଅଦଳବଦଳ ସଚିନ ପାଇଲଟଙ୍କୁ ପଂଜାବ ଦାୟିତ୍ୱ

ନୂଆଦିଲ୍ଲୀ, ୫।୯: କଂଗ୍ରେସ ପକ୍ଷରୁ ଆଜି ରାଜ୍ୟ ପ୍ରଭାରୀ ସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ସଂପାଦକ ସଚିନ ପାଇଲଟଙ୍କୁ ଭୂପେଶ ବାଘେଲଙ୍କ ସ୍ଥାନରେ ପଞ୍ଜାବ ଦାୟିତ୍ୱ ଦିଆଯାଇଥିବା ବେଳେ ଭାଗେଲଙ୍କୁ ଆସାମ ଦାୟିତ୍ୱ ଦିଆଯାଇଛି। ଆସନ୍ତା ବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଦଳ ଭିତରେ କନ୍ଦଳ ଲାଗି ରହିଛି। ଏହାକୁ ପ୍ରଶମିତ କରିବା ଲାଗି ପାଇଲଟଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ରଣଦୀପ ସୂର୍ଯ୍ୟେୱାଲାଙ୍କୁ ସାଧାରଣ ସଂପାଦକ (ଗୁଜରାଟ ଦାୟିତ୍ୱ) ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୁଖଦେଓ ଭଗତଙ୍କୁ ଛତିଶଗଡ଼ର ପ୍ରଭାରୀ କରାଯାଇଛି। ସିରିଭେଲା ପ୍ରସାଦଙ୍କୁ ମହାରାଷ୍ଟ୍ର ଏବଂ ପିଭି ମୋହନଙ୍କୁ ଆନ୍ଧ୍ର ପ୍ରଦେଶର ପ୍ରଭାରୀ ନିଯୁକ୍ତ କରାଯାଇଛି। ମୁକୁଲ ୱାସନିକ ଏଆଇସିସି ସାଧାରଣ ସଂପାଦକ ରହିବେ।

### ଦୀନେଶ ଶର୍ମା ହେବେ ଆଣ୍ଡାମାନ ନିକୋବର ଉପରାଜ୍ୟପାଳ

ନୂଆଦିଲ୍ଲୀ, ୫।୯: ଉତ୍ତରପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଡ. ଦୀନେଶ ଶର୍ମା ଆଣ୍ଡାମାନ ନିକୋବରର ଉପରାଜ୍ୟପାଳ ଭାବେ ନିଯୁକ୍ତ ହେବେ। ସାଂସଦ ଭାବେ ଶ୍ରୀ ଶର୍ମାଙ୍କ କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେବ। ତାଙ୍କୁ ତୁରନ୍ତ ଦାୟିତ୍ୱ ମୁକ୍ତ କରିବା ପାଇଁ ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ଜାରି କରାଯାଇଛି।

- ଅସ୍ତ୍ରଶସ୍ତ୍ର ଅଭାବ ସମ୍ପର୍କରେ ଖବର ଲିକ୍‌କୁ ନେଇ ଟ୍ରମ୍ପ ଚିନ୍ତିତ

### ୫୦ ଆମେରିକୀୟ ସେନା ଅଧିକାରୀଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

ୱାସିଂଟନ,୫।୯(ଏଜେନ୍ସି): ଇରାନ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକାର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ହ୍ରାସ ସମ୍ପର୍କିତ ଗୁପ୍ତ ତଥ୍ୟ ପ୍ରଘଟ ହେବା ନେଇ ପେଣ୍ଟାଗନ୍ ଯାଞ୍ଚ କଡ଼ାକଡ଼ି କରିଛି। ଏହି ତଥ୍ୟ ଲିକ୍‌ର ମୂଳ ଉତ୍ସ ଖୋଜିବା ପାଇଁ ଆମେରିକା ତତ୍ପର ହୋଇଛି। ସେନାର ମୁଖ୍ୟ ଯୋଜନା ଓ ପରାମର୍ଶଦାତା ସଂସ୍ଥା ଜଏଣ୍ଟ ଷ୍ଟାଫ୍‌ର ପ୍ରାୟ ୫୦ ଜଣ ସଦସ୍ୟ ଏବଂ କେତେକ ବରିଷ୍ଠ ସାମରିକ ତଥା ବେସାମରିକ ଅଧିକାରୀଙ୍କ ପଲିଗ୍ରାଫ୍ (ମିଛ ଧରା ପରୀକ୍ଷା) କରାଯାଉଛି। ରିପୋର୍ଟ ଅନୁଯାୟୀ, ଇରାନ ସହ ଯୁଦ୍ଧ ଯୋଗୁଁ ଆମେରିକାର ମିସାଇଲ୍ ଏବଂ ପାଟ୍ରିଅଟ୍ ଏୟାର୍ ଡିଫେନ୍ସ ଇଣ୍ଟରସେପ୍ଟର ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଭଣ୍ଡାର ହ୍ରାସ ପାଇବା ନେଇ ଖବର ପ୍ରକାଶ ପାଇଥିଲା। ଦେଶର ସାମରିକ ଗୁପ୍ତ ତଥ୍ୟ କିପରି ଗଣମାଧ୍ୟମ ପାଖରେ ପହଞ୍ଚିଲା ତାହା ଜାଣିବା ପାଇଁ ପେଣ୍ଟାଗନର ଏହି ପରୀକ୍ଷା କରୁଛି।

ତେବେ ଏତେ ବଡ଼ ସ୍ତରରେ ସାମରିକ ଅଧିକାରୀଙ୍କ ପଲିଗ୍ରାଫ୍ ଟେଷ୍ଟ ଅତ୍ୟନ୍ତ କଷ୍ଟକର ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ମାତ୍ର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍‌ର ଚେୟାରମ୍ୟାନ୍ ଜେନେରାଲ୍ ଡାନ କେନ୍‌ଙ୍କୁ ଏହି ପରୀକ୍ଷାରୁ ବାଦ୍ ଦିଆଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତଥ୍ୟ ଲିକ୍ ନେଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଦାୟୀ ବ୍ୟକ୍ତିଙ୍କୁ ଦୀର୍ଘକାଳୀନ ଜେଲ୍ ଦଣ୍ଡର ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଆମେରିକା ନିକଟରେ ପ୍ରଚୁର ପରିମାଣର ଅସ୍ତ୍ରଶସ୍ତ୍ର ଅଛି ବୋଲି ଟ୍ରମ୍ପ ଦାବି କରିବା ସହ କେତେକ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରର ସ୍ୱଳ୍ପତା ଥିବା ସ୍ୱୀକାର କରିଛନ୍ତି। ଏହି ଘଟଣାରେ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି ଯେ, ତଥ୍ୟ ଲିକ୍‌ର ତଦନ୍ତ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ହୋଇଛି। ପେଣ୍ଟାଗନର ମୁଖପାତ୍ର ସିଆନ୍ ପାର୍ନେଲ୍ ସୂଚନା ଲିକ୍ ହେବା ଘଟଣାକୁ ଗମ୍ଭୀର ଜାତୀୟ ସୁରକ୍ଷା ମାମଲା ବୋଲି କହିଛନ୍ତି।

### ଜୋହରୀ ମୋଲା ହେଲେ ବିଶ୍ୱସୁନ୍ଦରୀ




ନୂଆଦିଲ୍ଲୀ, ୫।୯: ଡୋମିନିକାନ୍ ରିପବ୍ଲିକ୍‌ର ଜୋହରୀ ମୋଲା ୨୦୨୬ର ବିଶ୍ୱସୁନ୍ଦରୀ ହୋଇଛନ୍ତି। ଭିଏତ୍‌ନାମରେ ଅନୁଷ୍ଠିତ ପ୍ରତିଯୋଗିତାରେ ତାଙ୍କୁ ଆଜି ବିଶ୍ୱସୁନ୍ଦରୀ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ୧୧୦ଟି ଦେଶର ସୁନ୍ଦରୀ ଭାଗ ନେଇଥିଲେ।

### ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

କେନ୍ଦ୍ରାପଡ଼ା,୫।୯(ସମିସ): କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଅନୁପମା ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶନିବାର କଣ୍ଟ୍ରାକ୍ଟରଙ୍କ ବକେୟା ବିଲ୍ ପାସ୍ କରାଇବା ନେଇ ଟଙ୍କା ସଂଗ୍ରହ ହେଉଥିବା ସମ୍ପର୍କରେ ତଥ୍ୟ ମିଳିବା ପରେ ଭିଜିଲାନ୍ସ ଟିମ୍ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। କାର୍ଯ୍ୟାଳୟରୁ ନୟନ ବିହାରସ୍ଥ ବାସଭବନକୁ ଅଫିସ୍ ଗାଡ଼ିରେ ଯାଉଥିବାବେଳେ ମାର୍ଶାଘାଇ ଛକ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ୩,୧୫,୦୦୦ ଟଙ୍କା ନଗଦ ମିଳିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# 'ଜାତୀୟ ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ ୨୦୨୬'




- ପୁରସ୍କୃତ ହେଲେ ଶ୍ରେଷ୍ଠ ସିନେମା ଓ କଳାକାର
- ଓଡ଼ିଆ ବିଭାଗରେ 'ଅନ୍ତର୍ଦୃଷ୍ଟି' ଏବଂ 'ଲିକ୍' କୁ ପୁରସ୍କୃତ

ଭୁବନେଶ୍ୱର,୫।୯(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏମଏମଆଇଟି ଅଡିଟୋରିୟମରେ ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ସିନେମା ମାଧ୍ୟମରେ ଦିବ୍ୟାଙ୍ଗଜନଙ୍କ ପ୍ରତିଭା, ଇଚ୍ଛାଶକ୍ତି ଓ ଅସାଧାରଣ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଏହି ଉତ୍ସବରେ ଚଳଚ୍ଚିତ୍ର ନିର୍ମାତା, ଅଧିକାରୀ, କଳାକାର ଓ ସାମାଜିକ କାର୍ଯ୍ୟକର୍ତ୍ତାମାନେ ଏକାଠି ହୋଇଥିଲେ। ଦିବ୍ୟାଙ୍ଗଜନଙ୍କ ସଫଳତା, ଆତ୍ମବିଶ୍ୱାସ ଓ ସମାଜ ପ୍ରତି ସେମାନଙ୍କର ସକାରାତ୍ମକ ଯୋଗଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ଆଗକୁ ବଢ଼ିବାର କାହାଣୀଗୁଡ଼ିକୁ ପ୍ରଦର୍ଶିତ କରି ସମାଜର ପୁରୁଣା ମାନସିକତାକୁ ବଦଳାଇବା ଏବଂ ଦିବ୍ୟାଙ୍ଗତା ପଛରେ ଥିବା ପ୍ରକୃତ ସାମର୍ଥ୍ୟକୁ ଚିହ୍ନିବା ପାଇଁ ଏହି ମହୋତ୍ସବ ପ୍ରୟାସ କରିଛି। ଏହି ମହୋତ୍ସବ ପାଇଁ ସାରା ଦେଶରୁ ମୋଟ୍ ୬୨ଟି ସିନେମା ଆବେଦନ ହୋଇଥିବା ବେଳେ ଯେଉଁଥିରେ ୨୦ଟି ଜାତୀୟ ସ୍ତରର ଓ ୪୨ଟି ଆଞ୍ଚଳିକ ଭାଷାର ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ ଥିଲା। ଆର୍.ଆର୍.ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ଦ୍ୱାରା ଦୁଇଟି ପର୍ଯ୍ୟାୟର ଯାଞ୍ଚ ପରେ ୩୮ଟି ଚଳଚ୍ଚିତ୍ର ଚୂଡ଼ାନ୍ତ ପ୍ରଦର୍ଶନ ପାଇଁ ନିର୍ବାଚିତ ହୋଇଥିବା ବେଳେ ପ୍ରତ୍ୟେକ ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ରଖାଯାଇଥିଲା। ଦୃଷ୍ଟିହୀନ ଓ ବାଧିର ଦର୍ଶକଙ୍କ ସୁବିଧା ପାଇଁ ସିନେମାଗୁଡ଼ିକରେ ଅଡିଓ ଡିସ୍କ୍ରିପସନ୍ ଏବଂ ସାଙ୍କେତିକ ଭାଷାର ବ୍ୟବସ୍ଥା କରାଯାଇଥିଲା। ଯୁଗଳ ଦେବତାଙ୍କ ଅଧକ୍ଷତାରେ ଗଠିତ ଜୁରୀ କମିଟିରେ ତ୍ରିପୁରା ମିଶ୍ର ଏବଂ ଜିତେନ୍ଦ୍ର ବିଶ୍ୱାଳ ବିଚାରକ ଭାବେ ବିଜେତାମାନଙ୍କୁ ଚୟନ କରିଥିଲେ। ଜାତୀୟ ବିଭାଗରେ 'ଟ୍ୟୁନ୍ ଅଫ୍ ଲାଇଫ୍' ଏବଂ 'ମେଡାଲ'କୁ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ପ୍ରପ୍ ବ୍ୟବହାର, ଶ୍ରେଷ୍ଠ ଚିତ୍ର ଗ୍ରହଣ ଆଦି କ୍ଷେତ୍ରରେ ପୁରସ୍କୃତ କରାଯାଇଥିଲା। ତେବେ ଏଥିରେ ଓଡ଼ିଆ ବିଭାଗରେ 'ଅନ୍ତର୍ଦୃଷ୍ଟି' ଏବଂ 'ଲିକ୍' କୁ ଯୌଥ ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ସମ୍ମାନିତ କରାଯାଇଛି। ଲିକ୍ ଚଳଚ୍ଚିତ୍ର ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରଗ୍ରହଣ ସହ ଶ୍ରେଷ୍ଠ ଅଭିନେତା ବିକ୍ରମ କେଶରୀ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ (ଦୀପିକା ତ୍ରିପାଠୀ) ପୁରସ୍କାର ହାସଲ କରିଛନ୍ତି। ଏହାବାଦ ଅନ୍ତଃସ୍ୱରକୁ ସଚେତନତା ପାଇଁ ସ୍ୱତନ୍ତ୍ର ପୁରସ୍କାର ଏବଂ 'ଚନ୍ଦ୍ରାରୋହଣ' ଓ 'ଦି ହ୍ୱିଲ୍' କୁ ପ୍ୟାନେଲ୍ ଏକ୍ସପର୍ଟ କମିଟି ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ମେୟର ସୁଲୋଚନା ଦାସ, ଏସଏସଇପିଡି ବିଭାଗର ସ୍ୱତନ୍ତ୍ର ସଚିବ ରଜନୀ ଜାନୀ, ଓଡ଼ିଶା ଭିନ୍ନକ୍ଷମ ଆୟୋଗର କମିଶନର ବ୍ରତତୀ ହରିଚନ୍ଦନ, କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଅଭିନେତ୍ରୀ ଶୀତଲ ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୩.୦୯.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ରଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ରଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆସ୍କା ରୋଡ ଶାଖା, ବିଷ୍ଣୁ ନଗର ସ୍କୋୟାର, ଆସ୍କା ରୋଡ, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, ମୋ: ୭୮୯୪୫୨୯୨୭୨** | | |
| ୧. | **ବିମଳ ପ୍ରସାଦ ମହାନ୍ତି,** ମାର୍ଫତ୍: ସୁଚିତ୍ରା କୁମାରୀ ନାହାକ, କାଳୀ ମନ୍ଦିର ନିକଟ, ବ୍ରଜ ନଗର ୩ୟ ଲେନ୍, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୦୦୦୧ / **୨୯୩୧୧୬୬୩୦୦୦୦୧୫୯** | ୨.୪୦ | ୩.୧୬ |
| ୨. | **ବିମଳ ପ୍ରସାଦ ମହାନ୍ତି,** ମାର୍ଫତ୍: ସୁଚିତ୍ରା କୁମାରୀ ନାହାକ, କାଳୀ ମନ୍ଦିର ନିକଟ, ବ୍ରଜ ନଗର ୩ୟ ଲେନ୍, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୦୦୦୧ / **୨୯୩୧୧୬୬୩୦୦୦୦୩୬୦** | ୪.୦୦ | ୬.୭୦ |
| | **ବଡଗଡ ଶାଖା, ମେନ୍ ରୋଡ୍, ବଡଗଡ, ସା/ପୋ/ଥାନା: ବଡଗଡ, ଜିଲ୍ଲା: ଗଞ୍ଜାମ-୭୬୧୧୦୯, ମୋ: ୯୧୭୮୫୪୧୮୧୫** | | |
| ୧. | **ମନୋରଞ୍ଜନ ସାହୁ,** ପିତା: ସୁବାଷ ସାହୁ, ସା: ବୋରଦା, ବଡଗଡ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୯ / **୦୭୪୧୧୬୬୩୦୦୦୧୬୭୬** | ୧୫.୦୦ | ୧୭.୯୦ |
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ୍, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ: ୮୪୧୮୦୦୩୬୨୬** | | |
| ୧. | **ବସନ୍ତ ନାଏକ,** ପିତା: ଦିବାକର ନାଏକ, ସା: ପ୍ରତାପୁର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୯ / **୧୮୫୨୧୬୬୩୦୦୦୧୪୪୬** | ୮.୨୦ | ୧୪.୦୦ |
| ୨. | **ବସନ୍ତ ନାଏକ,** ପିତା: ଦିବାକର ନାଏକ, ସା: ପ୍ରତାପୁର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୯ / **୧୮୫୨୧୬୬୩୦୦୦୨୫୧୬** | ୭.୦୦ | ୧୦.୦୦ |
| ୩. | **ସିଲା ସାହୁ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ସାହୁ, ସା: ଚଡିଆପଲ୍ଲୀ, ପୋ: ଆମ୍ବପୁଆ, ଭାୟା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୯ / **୧୮୫୨୧୬୬୩୦୦୦୧୩୮୨** | ୯.୪୦ | ୨୧.୧୦ |
| ୪. | **ସିଲା ସାହୁ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ସାହୁ, ସା: ଚଡିଆପଲ୍ଲୀ, ପୋ: ଆମ୍ବପୁଆ, ଭାୟା: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୯ / **୧୮୫୨୧୬୬୩୦୦୦୨୯୯୫** | ୨୩.୦୦ | ୩୮.୬୦ |
| | **କୋର୍ଟପେଟା ଶାଖା, ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ମୋ.: ୯୯୦୩୮୨୦୧୦୨** | | |
| ୧. | **ଧର୍ମେନ୍ଦ୍ର ପାଢ଼ୀ,** ସା: ଆଙ୍କୁଶପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୧ / **୦୦୮୫୧୬୬୩୦୦୦୦୪୭୮** | ୪.୦୦ | ୪.୬୧ |
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୮୯୦୨୭୧୭୯୫୫** | | |
| ୧. | **ସଞ୍ଜୟ ପ୍ରଧାନ,** ପିତା: ଖଲିଆ ପ୍ରଧାନ, ସା: କିର୍ତ୍ତୀପୁର, ପୋ.: ଲଉଡିଗାଁ, ୨ୟ ଲେନ୍, ହଳଦିଆପଦର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୨୧ / **୧୯୮୮୧୬୫୩୦୦୦୦୭୩୦** | ୨୧.୫୦ | ୩୧.୭୭ |
| | **ଜଗନ୍ନାଥପୁର ଶାଖା, ଏନଏଚ୍-୧୬, ଜଗନ୍ନାଥପୁର ଜଙ୍କସନ୍, ଜଗନ୍ନାଥପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୭, ମୋ.: ୯୦୪୦୨୬୨୪୨୧** | | |
| ୧. | **ଜେ ଜଗନ୍ନାଥ ରେଡି,** ସା: ରଘୁନାଥପୁର ଜଙ୍କସନ୍, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ: ଓଡ଼ିଶା, ପିନ୍ - ୭୬୦୦୦୭ / **୧୦୮୮୧୬୫୪୦୦୦୦୨୯୭** | ୨୬.୨୦ | ୨୯.୪୦ |
| ୨. | **ଶିବ ଶଙ୍କର ଜେନା,** ସା: ବଡକୁଶସ୍ଥଳି, ନରେନ୍ଦ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୦୦୦୭ / **୧୦୮୮୧୬୬୩୦୦୦୦୩୩୦** | ୧୬.୦୦ | ୧୮.୯୦ |
| | **କଳିଙ୍ଗ ରୋଡ ଆସ୍କା ଶାଖା, ମେନ୍ ରୋଡ, ଆସ୍କା, ଜିଲ୍ଲା: ଗଞ୍ଜାମ-୭୬୧୧୧୦, ମୋ.: ୯୦୯୦୯୫୬୮୪୮** | | |
| ୧. | **ବାପୁଜୀ ପରିଡା,** ପିତା: ଭୋବିନି ପରିଡା, ସା: ଡ଼ଉଗାଁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୧ / **୧୯୮୧୨୬୫୪୦୦୦୬୪୫୭** | ୧୭.୨୦ | ୨୨.୪୦ |
| ୨. | **ପରିକ୍ଷିତ ସ୍ୱାଇଁ,** ସା: ଚେରମାରିଆ, ପୋ: ନଳବଣ୍ଟା, ଥାନା: ଆସ୍କା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୦ / **୧୯୮୧୨୬୫୪୦୦୦୫୪୬୭** | ୭.୭୦ | ୧୦.୯୦ |
| | **କଙ୍କୋରଡା ଶାଖା, ମେଡିକାଲ ସ୍କୋୟାର ନିକଟ, ମେନ୍ ରୋଡ୍, କଙ୍କୋରଡା, ଜିଲ୍ଲା: ଗଞ୍ଜାମ-୭୬୧୧୪୪, ମୋ.: ୯୯୩୮୪୯୯୬୪୬** | | |
| ୧. | **କୁନି ନାୟକ,** ସା: ବାଇଶିପଳ, କୁରୁଳା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୪୪ / **୩୩୦୭୨୬୬୩୦୦୦୦୬୮୨** | ୧୩.୦୦ | ୧୬.୨୦ |
| ୨. | **ସନ୍ୟାସୀ ନାୟକ,** ସା: କରଖଣ୍ଡ, ହିଞ୍ଜିଳି, କଙ୍କୋରଡା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୪୪ / **୩୩୦୭୨୬୫୪୦୦୦୩୧୭୦** | ୧୩.୫୦ | ୧୫.୦୦ |
| | **ମୁଣ୍ଡମରାଇ ଶାଖା, ମେନ୍ ରୋଡ, ମୁଣ୍ଡମରାଇ, ଜିଲ୍ଲା: ଗଞ୍ଜାମ-୭୬୧୧୧୪, ମୋ.: ୯୯୩୭୪୬୧୫୬୬** | | |
| ୧. | **ଅଲେଖ ସେଠୀ,** ସା: ନୁଆ ସାହି, ମୁଣ୍ଡମରାଇ, ଧରାକୋଟ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୭ / **୦୮୫୨୧୬୫୪୦୦୦୦୯୬୦** | ୧୩.୦୦ | ୧୯.୦୦ |
| | **ନିମିନା ଶାଖା, ସା/ପୋ: ନିମିନା, ଘୁମୁସର, ଆସ୍କା, ଜିଲ୍ଲା: ଗଞ୍ଜାମ-୭୬୧୧୨୨, ମୋ.: ୭୯୭୮୯୨୧୯୫୭** | | |
| ୧. | **କୁମାରୀ ସେଠୀ,** ସ୍ୱାମୀ: ଶତ୍ରୁଘନ ସେଠୀ, ସା/ପୋ: ନିମିନା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୨୨ / **୦୮୭୫୧୬୫୩୦୦୦୨୧୩୬** | ୯.୦୦ | ୧୩.୦୦ |
| ୨. | **ପ୍ରମୋଦ କୁମାର ସାହୁ,** ପିତା: ବିଜୟ କୁମାର ସାହୁ, ସା: ଖଣ୍ଡରାବଳି, ନିମିନା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୫ / **୦୮୭୫୧୬୫୩୦୦୦୧୭୯୬** | ୧୩.୧୦ | ୨୦.୪୦ |
| ୩. | **ରୁନୁ ଗୌଡ,** ସ୍ୱାମୀ: ବସନ୍ତ ଗୌଡ, ସା: କମାଗଡ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୨୨ / **୦୮୭୫୧୬୫୩୦୦୦୧୯୧୬** | ୮.୦୦ | ୯.୪୦ |
| | **ପୋଲସରା ଶାଖା, ତହସିଲ ଅଫିସ୍ ନିକଟ, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | **ଦିଲ୍ଲୀ ନାହାକ,** ପିତା: ଉଦୟ ନାହାକ, ସା: ଧୋୟାକଣା, ପୋ: ବାଲିଛାଇ, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୫ / **୦୪୫୩୧୬୬୩୦୦୦୧୨୭୬** | ୨୦.୦୦ | ୩୫.୭୦ |
| | **ସରଧାପୁର ଶାଖା, ସା/ପୋ: ବାଉଁଶଗାଡିଆ, ଭାୟା: ଶରଣକୁଳ, ଜିଲ୍ଲା: ନୟାଗଡ -୭୫୨୦୬୮, ମୋ.: ୬୨୯୬୬୧୦୬୮୫** | | |
| ୧. | **ସୁବାସିନି ସାହୁ,** ସା: ଭାଡିକିଳା, ବାଉଁଶଗାଡିଆ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୮୦ / **୦୯୫୬୧୬୫୪୦୦୦୦୮୯୩** | ୧୧.୮୩ | ୧୩.୧୫ |
| | **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୮୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ - ୭୫୨୦୬୯, ମୋ.: ୮୨୦୦୪୬୩୬୮୯** | | |
| ୧. | **ବିକାଶ ଶର୍ମା,** ପିତା: ରାଧାଶ୍ୟାମ ଶର୍ମା, ସା: ଶ୍ରୀ ଶ୍ୟାମ ଖଣ୍ଡପଡା ରୋଡ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୨୪ / **୩୪୮୩୨୬୫୪୦୦୦୧୭୬୦** | ୪୬.୦୦ | ୬୨.୬୦ |
| ୨. | **ଲିଲି ସ୍ୱାଇଁ,** ସ୍ୱାମୀ: ବୁଲୁ ସ୍ୱାଇଁ, ସା: ଢ଼େଙ୍କଣା, ପୋ: ମାଳିସାହି, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୭୦ / **୩୪୮୩୨୬୫୪୦୦୦୧୭୩୮** | ୨୪.୦୦ | ୩୯.୦୦ |
| | **ହନୁମାନ ବଜାର ଶାଖା, ପାକଳବାରି ଷ୍ଟ୍ରିଟ୍, ସାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୨, ମୋ.: ୯୮୬୧୮୫୮୧୦୦** | | |
| ୧. | **ସୁଦୀପ୍ତ ରଞ୍ଜନ ମିଶ୍ର,** ପିତା: ଜଗନ ମୋହନ ମିଶ୍ର, ସା: ଲୋଚାପଡା, ମିନି ବ୍ୟାଙ୍କ ଲେନ୍, ଗୋବିନ୍ଦ ବିହାର, ଜିଲ୍ଲା: ଗଞ୍ଜାମ - ୭୬୦୦୦୧ / **୦୦୪୨୧୬୬୩୦୦୦୦୩୦୬** | ୯.୯୦ | ୧୧.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେଓ୍ୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୯.୨୦୨୬** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଟେଲିଭିଜନ ପ୍ରିମିୟର

# ସାର୍



ଗୁରୁ ଏବଂ ଶିଷ୍ୟର ଅତୁଟ ସମ୍ପର୍କ ତଥା ଏକ ସତ୍ୟ ଘଟଣା ଉପରେ ଆଧାରିତ ଓଡ଼ିଆ ଛବି 'ସାର୍'ର ଆଜି ଟେଲିଭିଜନ ପ୍ରିମିୟର ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ହେବ। ଗତବର୍ଷ ନଭେମ୍ବର ୧୪ ତାରିଖରେ ବଡ଼ ପରଦାରେ ରିଲିଜ୍ ହୋଇଥିବା ଏହି ସିନେମାଟି ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଆଦର୍ଶ ଶିକ୍ଷକ ଅଗନି ମହାନ୍ତି ଏବଂ ତାଙ୍କ ଛାତ୍ରମାନଙ୍କ ମଧ୍ୟରେ ଥିବା ନିସ୍ୱାର୍ଥପର ସମ୍ପର୍କର କାହାଣୀ ଦର୍ଶାଯାଇଛି। ନିଜ ଛାତ୍ର ରମେଶଙ୍କୁ ଏକ ମିଥ୍ୟା ଜମି ଦୁର୍ନୀତି ମାମଲାରୁ ରକ୍ଷା କରିବା ତଥା ତାଙ୍କର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଜଣେ ଗରିବ ଶିକ୍ଷକଙ୍କ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଲଢ଼େଇକୁ ଏଥିରେ ଅତି ଜୀବନ୍ତ ଭାବେ ଚିତ୍ରଣ କରାଯାଇଛି। ଡ. କମଳ ଲୋଚନ ସାହୁଙ୍କ ପ୍ରଯୋଜିତ ତଥା କେଶବ ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ହୃଦୟସ୍ପର୍ଶୀ ଚଳଚ୍ଚିତ୍ରରେ ସମରେଶ ରାଉତରାୟ, ଅଭିଷେକ ରଥ, ଅର୍ଲିନ୍ ଅଙ୍କିତା, ଦୀପନ୍ୱିତ ଦାସମହାପାତ୍ର ଓ ଅଶ୍ରୁମୋଚନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ଅଭିଷେକଙ୍କ ବିପକ୍ଷରେ ପ୍ରଥମଥର ନଜର ଆସିଛନ୍ତି ଅର୍ଲିନ୍ ଅଙ୍କିତା। ଡ. କମଳ ଲୋଚନ ସାହୁ ଏହି ସିନେମାର କାହାଣୀ ଓ ସଂଳାପ ନିଜେ ଲେଖିଥିବା ବେଳେ ଆରୋହୀ ଅଜିତା ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ■





# ମନମୋହିବ 'ମହାପ୍ରଭୁ ଜଗନ୍ନାଥ'



'ଏଲି ଆନିମେସନ୍ ପ୍ରାଇଭେଟ୍ ଲିମିଟେଡ୍' ପ୍ରସ୍ତୁତ 'ମହାପ୍ରଭୁ ଜଗନ୍ନାଥ' ଆନିମେସନ୍ ଫିଲ୍ମ ରିଲିଜ୍ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଲୌକିକ କାହାଣୀ ଓ କଳି ଯୁଗକୁ ଅଧାର କରି ନିର୍ମିତ ଏହି ଆନିମେସନ୍ ଫିଲ୍ମ। ଶକ୍ତିଶାଳୀ ଅସୁର ଅହମ୍ ଭକ୍ତମାନଙ୍କୁ ଏବଂ ଦିବ୍ୟ ସତ୍ତାମାନଙ୍କୁ ଏକ ରହସ୍ୟମୟ ପାରଦ ଜଗତରେ ବନ୍ଦୀ କରି ରଖେ। ଅହମ୍‌ର ଧାରଣା ଯେ ତାକୁ କେହି ପରାଜିତ କରିପାରିବେ ନାହିଁ। ପାରଦ ଜଗତରେ ବନ୍ଦୀ ହୋଇଥିବା ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳରାମ ଓ ଗରୁଡ଼ଙ୍କ ସହିତ ଅହମ୍ ଥିବା ସ୍ଥାନକୁ ଯାତ୍ରା କରନ୍ତି। ଅସ୍ତ୍ର ଓ ବିନାଶ ପରିବର୍ତ୍ତେ ଜ୍ଞାନ ସହିତ ତାକୁ ସାମ୍ନା କରନ୍ତି। ଶିଶୁମାନଙ୍କ ପାଇଁ ନିର୍ମିତ ଏହି ଅନିମେସନ୍ ବେଶ୍ ଆକର୍ଷଣୀୟ ହୋଇଛି। ଏହାର କାହାଣୀ ଓ ଚିତ୍ରନାଟ୍ୟ ପଲ୍ଲବୀ ଶର୍ମା ରଚନା କରିଛନ୍ତି। କାହାଣୀ, ସ୍ୱର ଓ ଆନିମେସନ୍ ଶିଶୁ ମନଲାଖି ହୋଇଛି। ପ୍ରାଚୀ ସେଭ୍ ସାଥୀ ଜଗନ୍ନାଥଙ୍କ, ସୋନାଲ କୌଶଳ ବଳରାମଙ୍କ ଓ ଆଦିତ୍ୟରାଜ ଶର୍ମା ଅହମ ଅସୁରର ସ୍ୱର ପ୍ରଦାନ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀପଦ ୱାରଖେଡ଼କର। ସେହିପରି ଅଭିରାଲ କୁମାର ଓ ଅଜିତ ଶ୍ରୀବାସ୍ତବଙ୍କ ସଂଗୀତ, ଅତୁଳ କୁମାର ବର୍ମାଙ୍କ ଗୀତ ଓ ଅଭିରାମ କୁମାରଙ୍କ ଅନ୍ତରାଳ ସଂଗୀତ ହୃଦୟସ୍ପର୍ଶୀ ହୋଇଛି। ଦେବ ପ୍ରସାଦ ସାହୁ ଏବଂ ରଞ୍ଜନ କୁମାର ଶୁକ୍ଳାଙ୍କ ସଂପାଦନାରେ ଏହି ଆନିମେସନ୍ ଫିଲ୍ମ ବେଶ୍ ଆକର୍ଷଣୀୟ ହୋଇଛି। 'ମହାପ୍ରଭୁ ଜଗନ୍ନାଥ' ଆନିମେସନ୍ ଫିଲ୍ମରେ ଅସତ୍ୟ ଉପରେ ସତ୍ୟ, ଅହଂକାର ଉପରେ ଭକ୍ତିର ବିଜୟର ଏକ ସୁନ୍ଦର ବାର୍ତ୍ତା ରହିଛି। ଏହା ହେଉଛି ପ୍ରଥମ ହାଇ ବଜେଟ୍ ଆନିମେଟେଡ୍ ଫିଲ୍ମ। ଓଡ଼ିଆ, ହିନ୍ଦୀ, ତେଲୁଗୁ ଭାଷାରେ ଏହା ନିର୍ମିତ ହୋଇଛି। ତେବେ ରିଲିଜ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ କାଳ୍ପନିକ କାହାଣୀ ଆଧାରରେ ନିର୍ମିତ ଏହି ଆନିମେସନ୍ ଫିଲ୍ମକୁ ନେଇ ବିବାଦ ଉଠିଥିଲା। ସୂଚନା ଅନୁସାରେ, ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ବିବାଦ ଉପୁଜିଥିଲା। ତେବେ ହାଇକୋର୍ଟ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ସ୍ଥଗିତ ରଖି କହିଥିଲେ ଯେ, ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଉପରେ ଉଠାଯାଇଥିବା ଆପତ୍ତି ପାଇଁ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପୂର୍ବରୁ ବିସ୍ତୃତ ନ୍ୟାୟିକ ଯାଞ୍ଚ ଆବଶ୍ୟକ। ଏହା ପରେ ଚଳଚ୍ଚିତ୍ର ପ୍ରଯୋଜକ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୨୯ ତାରିଖରେ ବିଚାରପତି ବି.ଭି. ନାଗରତ୍ନ ଏବଂ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠ ଚଳଚ୍ଚିତ୍ରର ମୁକ୍ତିଲାଭକୁ ଅନୁମତି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ମନା କରିଦେଇଥିଲେ। ଖଣ୍ଡପୀଠ ମତ ଦେଇଥିଲେ ଯେ, ଆନିମେସନ୍ ହେଉଛି ପିଲାମାନଙ୍କ ପାଇଁ ସୃଷ୍ଟି ହୋଇଥିବା କଳାର ଏକ ନୂତନ ରୂପ ଏବଂ ଏପରି ଆବେଦନ ଯୋଗୁଁ ଏହାକୁ ହ୍ରାସ କରାଯାଇପାରିବ ନାହିଁ। ସବୁ ବାଦବିବାଦ ଊର୍ଦ୍ଧ୍ୱରେ ବର୍ତ୍ତମାନ 'ମହାପ୍ରଭୁ ଜଗନ୍ନାଥ' ଆନିମେସନ୍ ଫିଲ୍ମ ଦେଖିବାକୁ ଦର୍ଶକଙ୍କ ଭିତରେ ଆଗ୍ରହ ପ୍ରକାଶ ପାଉଛି। ■

# 'ଦଣ୍ଡକାଳୀ'ର 'କାଳୀ' କିଏ?

କିଏ ସାଜିଛନ୍ତି କାଳୀ, କାହା ଦେହରେ ପ୍ରବେଶ କରୁଛନ୍ତି ମା' କାଳୀ? ସୂର୍ଯ୍ୟମୟୀ, ଏଲି, ଉଷସୀ ନା ତୃପ୍ତି ମୀରାମ୍ବିକା? କିଏ ଅନ୍ୟର ପ୍ରତିଶୋଧ ନେଉଛନ୍ତି? ଜାଣିବା ପାଇଁ ଏହାର ରିଲିଜ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ପବିତ୍ର ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'। ଏହା ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ସିନେମାର ବିଭିନ୍ନ ଚରିତ୍ରରେ ବହୁ ଲୋକପ୍ରିୟ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଟା କର, ଏଲି ପାଢ଼ୀ, ଚୌଧୁରୀ ଜୟ ପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧ୍ରୁନଙ୍କୁ ଦେଖିବାକୁ ମିଳିବ। 'ରାଜଶ୍ରୀ ସିନେ କ୍ରାଫ୍ଟ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। 'ଦଣ୍ଡକାଳୀ' ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରୁଛନ୍ତି। ■





ସା କ୍ଷା ତ କା ର

# 'ରୋମାଣ୍ଟିକ୍ ଗୀତ ମୋତେ ଅଧିକ ପରିଚିତି ଦେଇଛି'

**ସୋହିନୀ ମିଶ୍ର, କଣ୍ଠଶିଳ୍ପୀ**

**ଓଡ଼ିଶା ସଂଗୀତ ଜଗତରେ ଏକ ଲୋକପ୍ରିୟ ନାଁ ସୋହିନୀ ମିଶ୍ର। ଶାସ୍ତ୍ରୀୟ ସଂଗୀତ ହେଉ କି ଭଜନ ଅବା ରୋମାଣ୍ଟିକ୍ ଗୀତ - ସବୁ ପ୍ରକାର ଗୀତ ଗାଇବାରେ ସେ ବେଶ୍ ପାରଙ୍ଗମ। ତାଙ୍କ ସୁଲଳିତ କଣ୍ଠର ଯାଦୁ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରର ମଞ୍ଚରେ ସେ ମଧ୍ୟ ନିଜ ପ୍ରତିଭାର କମାଲ ପ୍ରଦର୍ଶନ କରିଛନ୍ତି। ଜଣେ ଯୁବ କଣ୍ଠଶିଳ୍ପୀ ଭାବେ ସେ ଅଗଣିତ ଶ୍ରୋତାମାନଙ୍କ ହୃଦୟକୁ ଜିଣି ପାରିଛନ୍ତି। ସଂଗୀତ ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଯୁବ କଣ୍ଠଶିଳ୍ପୀ ସୋହିନୀ ମିଶ୍ରଙ୍କ ସଂଗୀତ ଯାତ୍ରା ସଂପର୍କରେ ଜାଣିବା, ତାଙ୍କରି ମୁହଁରୁ...।**

**ନାଚ୍ ନାଚ୍ ବଜେଇ ଗିନି... ଡ୍ୟାନ୍ ନମ୍ବର ଗୀତଟି ଏବେ ଟ୍ରେଣ୍ଡ କରୁଛି। କ'ଣ କହିବେ?**

● ସୋହିନୀ ମିଶ୍ର ୟୁଟ୍ୟୁବ୍ ଚ୍ୟାନେଲ ଓରିଜିନାଲ ପ୍ରେଜେଣ୍ଟସର 'ନାଚ୍ ନାଚ୍...' ଡ୍ୟାନ୍ସ ହିଟ୍ ଗୀତଟି ଗଣେଶ ପୂଜା ପାଇଁ ଆସିଛି। ଏହାପରଠୁ ପାର୍ବଣ ଋତୁ ଆରମ୍ଭ ହୋଇଥାଏ। ଆଗକୁ ପାର୍ବଣରେ ମେଲୋଡି, ଡିଜେରେ ବି ଏହି ଗୀତଟିର ଲୋକପ୍ରିୟତା ରହିବ। ଏଥିରେ ମ୍ୟୁଜିକ୍ ଦେଇଛନ୍ତି ସମ୍ବିତ କୁମାର ମହାନ୍ତି। ଗୀତଟିକୁ ଡ. ନିର୍ମଳ ନାୟକ ଲେଖିଛନ୍ତି। ସେହିପରି ସୋମେଶ ଶତପଥି ମିକ୍ସିଂ ଇଞ୍ଜିନିୟର ଥିବାବେଳେ ଅଭିଷେକ ପାଣିଗ୍ରାହୀ ମ୍ୟୁଜିକ ଆରେଞ୍ଜର ଅଛନ୍ତି। ସ୍ମୃତି ଆର୍ ନିର୍ଦ୍ଦେଶନାରେ ଥିବାବେଳେ ଅମିର ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଅଭିନୟରେ ନେହା ନାଗେଶ୍ୱରୀ ଓ ନବାଗତ ରାଜ୍ ଅଛନ୍ତି। ସ୍ୱୟମ୍ ଓ ମୁଁ ମିଶିକୁ ଗାଇଛୁ।

**ସ୍ୱୟମ୍‌ଙ୍କ ସହ ଆପଣଙ୍କର ଅନେକ ଗୀତ ହିଟ୍ ହୋଇଛି। କିନ୍ତୁ ଏହା ତାଙ୍କ ସହିତ ପ୍ରଥମ ଡ୍ୟାନ୍ସ ନମ୍ବର ଗୀତ। କ'ଣ କହିବେ?**

● ସ୍ୱୟମ୍‌ଙ୍କ ସହିତ ମୁଁ ଏକାଧିକ ଗୀତ ଗାଇଛି। 'ତୁ ନୂଆ ସାୟରୀ', 'ମାଗିବି ଖାଲି ତତେ', 'ଓରେ ମେହରୁବାନ' ଭଳି ଆହୁରି ଏକାଧିକ ଗୀତ ସ୍ୱୟମ୍ ଓ ମୁଁ ମିଶିକୁ ଗାଇଛୁ। ସବୁ ହିଟ୍ ହୋଇଛି। ହେଲେ 'ନାଚ୍ ନାଚ୍ ବଜେଇ ଗିନି...' ଗୀତଟି ତାଙ୍କ ସହ ମୋର ପ୍ରଥମ ଡ୍ୟାନ୍ସ ନମ୍ବର ଗୀତ। ଏହି ଗୀତଟିକୁ ବି ଶ୍ରୋତାଙ୍କ ଭଲପାଇବା ମିଳିଲା। ଖୁସି ଲାଗୁଛି। ପାର୍ବଣକୁ ଦୃଷ୍ଟିରେ ରଖି ଡ୍ୟାନ୍ସ ନମ୍ବର ଗୀତଟି କରାଯାଇଛି। ନିହାତି ଦର୍ଶକେ ଖୁବ୍ ଉପଭୋଗ କରିବେ।

**ଆପଣଙ୍କ ସଂଗୀତ ଯାତ୍ରା କିଭଳି ଆରମ୍ଭ ହୋଇଥିଲା?**

● ଛୋଟବେଳୁ ମୁଁ ଗୀତ ଗାଇବା ଆରମ୍ଭ କରିଛି। କାରଣ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଥିଲେ ମୋ' ବାପା ଓ ମା'। ସେବେଠୁ ମୋ' ପାରିପାର୍ଶ୍ୱିକ ପରିବେଶ ସଂଗୀତମୟ ହୋଇରହିଲା। ପୁଣି ଭଲ ଭଲ ଗାୟକଗାୟିକାଙ୍କ ଗୀତ ଶୁଣିବାକୁ ପାଇଛି। ହରିହରନଜୀ, ଲତାଜୀଙ୍କ ଗୀତ, ଗୁଲାମ ଅଲିଜୀଙ୍କ ଗଜଲ୍ ଶୁଣେ। ଏହିସବୁ ଗୀତ ଶୁଣି ଶୁଣି ମୋର ଛୋଟ ସମୟ ଏମିତି ଭାବେ ବିତିଛି। ସେମାନଙ୍କୁ ଶୁଣୁଥିଲି ଓ କୋଉଠି ନା କୋଉଠି ମୋ ଭିତରେ ବଡ଼ ହେଲେ କଣ୍ଠଶିଳ୍ପୀ ହେବାର ଆଶା ଥିଲା। ଆରମ୍ଭରୁ ଆକାଶବାଣୀର 'ଶିଶୁ ସଂସାର' ଅଡିସନ୍ ଦେଇ ମନୋନୀତ ହୋଇଥିଲି। ସେହିଦିନଠାରୁ ମୋ ସଂଗୀତ କ୍ୟାରିୟର ଆରମ୍ଭ ହୋଇଥିଲା।

**ଦୀର୍ଘ ଦିନ ହେବ ସଂଗୀତ ଜଗତରେ ରହିଲେଣି। ଏହି କ୍ଷେତ୍ରରେ ବର୍ତ୍ତମାନ କ'ଣ ସବୁ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି?**

● ପ୍ରଚ୍ଛଦ କଣ୍ଠଶିଳ୍ପୀ ଭାବେ ଇଣ୍ଡଷ୍ଟ୍ରିରେ ମୋର ୨୦୦୯ ମସିହାରୁ ସଂଗୀତ ଯାତ୍ରା ଆରମ୍ଭ ହୋଇଛି। ବହୁତ ସକାରାତ୍ମକ ପରିବର୍ତ୍ତନ ଆସିଥିବା ଦେଖୁଛି। ଓଡ଼ିଆ ଇଣ୍ଡଷ୍ଟ୍ରି ବହୁତ ଉପରକୁ ଯାଉଛି। ତେବେ ମୁଁ ଓଡ଼ିଶାରେ ସଂଗୀତ କ୍ୟାରିୟର ଆରମ୍ଭ କରିବା ବେଳେ ସେହି ସ୍ତରରେ ସୁଯୋଗ ଦେଖିପାରୁ ନ ଥିଲି। ସେଥିପାଇଁ ଇଣ୍ଡିଆନ୍ ଆଇଡଲ ଟ୍ରାଏ କଲି। ଜାତୀୟ ମଞ୍ଚରେ ନିଜକୁ ଅଧିକ ବିକଶିତ କରିବା ତଥା ବହୁତ କିଛି ଜାଣିବାକୁ ଚାହିଁଲି। ଯେତେବେଳେ ୨୦୧୨ରେ ଇଣ୍ଡିଆନ୍ ଆଇଡଲରୁ ଫେରିଲି, ଏଠାରେ ଷ୍ଟେଜ୍ ଶୋ' ସେହିଭଳି ହେଉ ନ ଥିଲା। ଷ୍ଟେଜ୍ ତଥା ପେମେଣ୍ଟଠାରୁ ଆରମ୍ଭ କରି ଭଲ ଗୀତ ବି ସେମିତି ମିଳୁ ନ ଥିଲା। ସେଥିପାଇଁ ବମ୍ବେ ପଳାଇଲି। ହେଲେ ହକି ବିଶ୍ୱକପ୍ ପରେ ଓଡ଼ିଶାର ନାଁ ଓ ଓଡ଼ିଶା ମ୍ୟୁଜିକ୍ ଇଣ୍ଡଷ୍ଟ୍ରି ବି ପରିଚିତ ଲାଭ କଲା। ତେଣୁ ଏବେ ସଂଗୀତକୁ ଚାହିଁଲେ ଜଣେ ପ୍ରଫେସନ କରିପାରିବାର ସେହି ପରିବର୍ତ୍ତନ ମୁଁ ଏବେ ଲକ୍ଷ୍ୟ କରୁଛି।

**ଶାସ୍ତ୍ରୀୟ ସଂଗୀତ, ରୋମାଣ୍ଟିକ୍ ଓ ଭଜନ ସବୁ ପ୍ରକାର ଗୀତ ଗାଆନ୍ତି। ତେବେ କେଉଁ ପ୍ରକାର ଗୀତ ଗାଇବାରେ ଆପଣ ଅଧିକ ଆତ୍ମନ୍ତୋଷ ପାଇଥାଆନ୍ତି।**

● ରୋମାଣ୍ଟିକ୍, ଭଜନ, ସମ୍ପୂର୍ଣ୍ଣ କ୍ଲାସିକାଲ ଆଦି ବିଭିନ୍ନ ଶୈଳୀର ଗୀତ ଗାଏ। ହେଲେ ରୋମାଣ୍ଟିକ୍ ଗୀତ ମୋତେ ଅଧିକ ପରିଚିତ ଦେଇଛି। ଧୀରେ ଧୀରେ ମୋତେ ଲାଗୁଛି ମୋ ପାଇଁ ଲୋକଙ୍କ ଦୃଷ୍ଟିକୋଣ ବଦଳୁଛି। ଏବେ ବହୁତ ପ୍ରକାରର ଗୀତ ଗାଇବାକୁ ପ୍ରୟାସ କରୁଛି। ତେବେ ସମ୍ପୂର୍ଣ୍ଣ କ୍ଲାସିକାଲ ଗୀତ ଗାଇଲେ ମୁଁ ଆତ୍ମସନ୍ତୋଷ ଲାଭ କରେ।

**ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କୁ କ'ଣ ବାର୍ତ୍ତା ଦେବେ?**

● ପ୍ରଥମେ ମୂଳଦୁଆକୁ ସୁଦୃଢ଼ କରିବା ଦରକାର। ଓଡ଼ିଶାରେ ପ୍ରାୟ ଲୋକଙ୍କ ଚିନ୍ତାଧାରା ରହିଛି ସଂଗୀତ ସହଜରେ ହୋଇଯିବ। ସେମିତି ଭାବିବା ସମ୍ପୂର୍ଣ୍ଣ ଭୁଲ୍। ମୁଁ ସମସ୍ତଙ୍କୁ କହି ରଖିବାକୁ ଚାହୁଁଛି, ଏବେ ପ୍ରତିଯୋଗିତା ବହୁତ ବଢ଼ିଯାଇଛି। ଯେତେ ଶିଖିବେ ନିଜର ଜ୍ଞାନ ଓ ସୃଜନଶୀଳତା ସେତେ ବେଶି ବଢ଼ିବ। ସେହିପରି ବର୍ତ୍ତମାନ ସମୟ ହେଉଛି ସୃଜନଶୀଳତାର। ଏହାବାଦ୍ କେବଳ ସଂଗୀତରେ ନୁହେଁ, ବରଂ ନିଜକୁ ସବୁବେଳେ ପ୍ରତିଟି କ୍ଷେତ୍ରରେ ଅପଡେଟ୍ ରଖିବା ଦରକାର। ଜୀବନରେ ସଚ୍ଚୋଟତାର ସହ ଆଗକୁ ବଢ଼ିବା ଦରକାର। ■



# ମ୍ୟୁଜିକ୍ ଭିଡିଓ 'କିମିଆ ତୁ କରିଦେଲୁ'



ସଙ୍ଗୀତ, ପ୍ରେମ ଏବଂ ନୂଆ ସମ୍ପର୍କକୁ ନେଇ ନିର୍ମିତ ନୂଆ ଓଡ଼ିଆ ମ୍ୟୁଜିକ୍ ଭିଡିଓ 'କିମିଆ ତୁ କରିଦେଲୁ'ର ଅଫିସିଆଲ୍ ଭିଡିଓ ମୁକ୍ତିଲାଭ କରିଛି। ବି.ଏସ୍. ମହାକାଳ ପ୍ରଡକସନ୍ ପକ୍ଷରୁ ଏହି ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରାଯାଇଛି। ପ୍ରେମ, ରୋମାନ୍ସ ଓ ମଧୁର ସଙ୍ଗୀତର ଭାବନାକୁ ନେଇ ତିଆରି ହୋଇଥିବା ଏହି ଭିଡିଓରେ ହ୍ୟାରୀ ପି.ୱାଇ. ଓ ସୁପ୍ରିୟା ମହାରଣାଙ୍କ ଯୋଡ଼ି ଦର୍ଶକଙ୍କ ମନ ଜିଣିବ ବୋଲି ଆଶା ରହିଛି। ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି ଜଗବନ୍ଧୁ ବେହେରା। ଭିଡିଓର ସଙ୍ଗୀତ ଓ ଚିତ୍ରାୟଣରେ ପ୍ରେମର ଭିନ୍ନ ଭିନ୍ନ ଭାବନାକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ଯାହା ଯୁବପିଢ଼ିଙ୍କୁ ବେଶ୍ ପସନ୍ଦ ଆସିବ। ଆଧୁନିକଧାରାର ସଙ୍ଗୀତ ସହ ଆକର୍ଷଣୀୟ ଭିଜୁଆଲ୍ ଏହି ମ୍ୟୁଜିକ୍ ଭିଡିଓର ବିଶେଷ ଆକର୍ଷଣ ପାଲଟିଛି। 'କିମିଆ ତୁ କରିଦେଲୁ' ମାଧ୍ୟମରେ ସଙ୍ଗୀତପ୍ରେମୀ ଓ ଯୁବପିଢ଼ିଙ୍କୁ ଏକ ନୂଆ ପ୍ରେମଭରା ଅନୁଭୂତି ଦେବାକୁ ନିର୍ମାତାଙ୍କ ପ୍ରୟାସ ରହିଛି। ଏହି ଭଳି ସୁନ୍ଦର ମ୍ୟୁଜିକ୍ ଭିଡିଓ ଦେଖିବାକୁ ବିଏସ୍ ମହାକାଳ ସାନ୍ତାଳି, ଦ ନେକ୍ସଟ, ମହାକାଳ ବିଟିଏସ୍, ବିଏସ୍ ଟ୍ୟୁନ୍ ସହ ଯୋଡ଼ି ହୋଇପାରିବେ। ■

ପରଦା ପଛର କାହାଣୀ



# ଫିଲ୍ମ ସଫଳତା ପାଇଁ ମଦ-ଆମିଷ ତ୍ୟାଗ

ବଲିଉଡ୍‌ର ଶୋ-ମ୍ୟାନ୍ ଅଭିନେତା ରାଜ କପୁର୍‌ଙ୍କୁ ନେଇ ଅନେକ ରୋଚକୀୟ କାହାଣୀ ରହିଛି। କେବଳ ଭାରତରେ ନୁହେଁ, ବିଦେଶରେ ବି ତାଙ୍କର ଅନେକ ପ୍ରଶଂସକ ଅଛନ୍ତି। ସେହିପରି ସେ ମଦ୍ୟପାନ କରିବାକୁ ପସନ୍ଦ କରୁଥିବା କଥା ସମସ୍ତେ ଜାଣନ୍ତି। ତେବେ ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା 'ସତ୍ୟମ୍ ଶିବମ୍ ସୁନ୍ଦରମ୍' ଫିଲ୍ମ ପାଇଁ ସେ ମଦ୍ୟପାନ ଛାଡ଼ିଥିଲେ। କୁହାଯାଏ, ଫିଲ୍ମ ରିଲିଜ୍ ପୂର୍ବରୁ ସେ ଅନ୍ଧବିଶ୍ୱାସକୁ ମାନି ନେଉଥିଲେ। ସେଥିପାଇଁ ଫିଲ୍ମର ସଫଳତା ପାଇଁ ସେ ଏହାର ରିଲିଜ୍ ପୂର୍ବରୁ ମଦ୍ୟପାନ ଛାଡ଼ିଥିଲେ। କେବଳ ସେତିକି ନୁହେଁ, ଆମିଷ ଖାଇବା ମଧ୍ୟ ସେ ବନ୍ଦ କରିଦେଇଥିଲେ। ଅବଶ୍ୟ ସେ ଥିଲେ ଏହି ସିନେମାର ଉଭୟ ନିର୍ମାତା ଓ ନିର୍ଦ୍ଦେଶକ। ଅନ୍ୟପଟେ ଏହି ସିନେମାଟିକୁ ଭଲ ଦର୍ଶକୀୟ ଆଦୃତି ମିଳିଥିଲା। ■

# ଚାଇନା ମାଷ୍ଟର୍ସ ଫାଇନାଲରେ ସାତ୍ୱିକ-ଚିରାଗ

ଚାଙ୍ଗଝୋଉ, ୫।୯ (ଏଜେନ୍ସି): ତାରକା ଭାରତୀୟ ବ୍ୟାଡମିଣ୍ଟନ ଯୋଡ଼ି ସାତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚରେ ସାତ୍ୱିକ-ଚିରାଗ ୨୧-୧୬, ୧୮-୨୧, ୨୧-୧୧ ଗେମରେ ମାଲେସିଆର ନୁର୍ ଆଜରିୟାନ ଓ ତାନ୍ ୱି କିଓଙ୍ଗ’ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଫଳରେ ଏହି ଭାରତୀୟ ଯୋଡ଼ି ତୃତୀୟଥର ଚାଇନା ମାଷ୍ଟର୍ସ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଚଳିତ ବର୍ଷ ପ୍ରାରମ୍ଭରେ ସିଙ୍ଗାପୁର ଓପନ ଚାମ୍ପିଅନ ହେବାପରେ ସାତ୍ୱିକ-ଚିରାଗଙ୍କ ଏହା ପ୍ରଥମ ଫାଇନାଲ। ଅପରପକ୍ଷରେ ମାଲେସିଆ ଯୋଡ଼ିଙ୍କ ବିପକ୍ଷରେ ସାତ୍ୱିକ-ଚିରାଗଙ୍କ ଏହା ତୃତୀୟ ମୁକାବିଲାରୁ ତୃତୀୟ ବିଜୟ ଥିଲା। ଅନ୍ୟତମ ମାଲେସିଆ ଯୋଡ଼ି ତି କାଇ ଉନ୍ ଓ ୟାପ୍ ରୟ କିଙ୍ଗ ଓ ଚାଇନାର ହେ ଜି ତିଙ୍ଗ ଓ ରେନ୍ ଜିଆଙ୍ଗ ଯୋଡ଼ିଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ରବିବାର ଫାଇନାଲରେ ସାତ୍ୱିକ-ଚିରାଗ ଯୋଡ଼ିଙ୍କୁ ଭେଟିବେ।

# ଭାରତ-ରୁଷ ମହିଳା ଫୁଟବଲ ଅକ୍ଟୋବରରେ

କୋଲକାତା, ୫।୯ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ ଦଳର ବ୍ୟସ୍ତବହୁଳ କାର୍ଯ୍ୟକ୍ରମରେ ଏବେ ରୁଷ ସହ ମୁକାବିଲା ଯୋଡି ହୋଇଯାଇଛି। ଉଭୟ ଦେଶ ମଧ୍ୟରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ଆସନ୍ତା ଅକ୍ଟୋବର ୫ରୁ ୧୩ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଦୁଇଟି ସମ୍ଭବତଃ କୋଲକାତାରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ଫଳରେ ୨୦୧୧ ମହିଳା ବିଶ୍ୱକପ୍ ଚାମ୍ପିଅନ ଜାପାନ ପରେ ରୁଷ ଦ୍ୱିତୀୟ ଉଚ୍ଚ ମାନ୍ୟତାପ୍ରାପ୍ତ ଦଳ ଭାବେ ଭାରତ ସହ ଖେଳିବ। ଫିଫା ମାନ୍ୟତାରେ ଏବେ ଭାରତର ର୍ୟାଙ୍କିଙ୍ଗ୍ ୬୯ ଥିଲାବେଳେ ରୁଷର ମାନ୍ୟତା ୨୭ ରହିଛି। ଏହି ଦୁଇ ଦେଶ ସହ ଖେଳିବା ବ୍ୟତୀତ ଭାରତ ଅଷ୍ଟ୍ରେଲିଆରେ ଖେଳାଳିଯିବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ଓ କେନିଆରେ ଫିଫା ସିରିଜ୍ ଖେଳିବ। ଫିଫା ସିରିଜ୍‌ରେ ମାଲଦ୍ୱିପକୁ ହରାଇ ଭାରତ ତୃତୀୟ ସ୍ଥାନରେ ରହିବା ସହ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ସାଫ ଟାଇଟଲ ଜିତିବା ପରେ କ୍ରିସପିନ୍ ଛେତ୍ରୀଙ୍କ ପ୍ରଶିକ୍ଷଣରେ ଏବେ ଦୁଇଟି ହାଇପ୍ରୋଫାଇଲ ମ୍ୟାଚ୍ ଓ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଭାଗ ନେବ।

# ଅକ୍ଟୋବର ୧୦ରୁ ଇଣ୍ଡିଆନ୍ ସୁପର ଲିଗ୍

ମୁମ୍ବଇ, ୫।୯ (ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍‌ର ନୂଆ ଋତୁ ଅକ୍ଟୋବର ୧୦ରୁ ଆରମ୍ଭ ହେବ। ଏଥର ଲିଗ୍ ଏକ ନୂଆ କ୍ଲବ୍-ନେତୃତ୍ୱାଧୀନ ଅଧ୍ୟାୟରେ ପ୍ରବେଶ କରୁଛି। ୨୦୨୬-୨୭ ଋତୁ ମେ ୨୦୨୭ ପର୍ଯ୍ୟନ୍ତ ଚାଲିବ। ଆଠ ମାସ ଧରି ଚାଲିବାକୁ ଥିବା ଏହି ଲିଗ୍‌ରେ ମୋଟ ୧୬୩ଟି ମ୍ୟାଚ୍ ଖେଳାଯିବ। ଏଥର ଲିଗ୍ ପାରମ୍ପରିକ ଘରୋଇ ଓ ବାହାର ମ୍ୟାଚ୍ ପଦ୍ଧତିରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ପଏଣ୍ଟ ତାଲିକାର ଶୀର୍ଷରେ ଥିବା ଦଳକୁ ଶିଲ୍ଡ ବିଜେତା ଭାବେ ଘୋଷଣା କରାଯିବ। ଏହି ଦଳକୁ ଲିଗ୍‌ର ଅଧିକୃତ ଚାମ୍ପିଅନ୍ ଭାବେ ମାନ୍ୟତା ମିଳିବା ସହ ଏସୀୟ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ମଧ୍ୟ ମିଳିବ। ଅନ୍ୟପକ୍ଷରେ, ଏଥର ପୁଣି ପ୍ଲେ-ଅଫ୍ ବ୍ୟବସ୍ଥା ଫେରିଛି। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୬ଟି ଦଳ ପ୍ଲେ-ଅଫ୍‌ରେ ଅବତୀର୍ଣ୍ଣ ହେବେ। ଏହି ପର୍ଯ୍ୟାୟରୁ ଇଣ୍ଡିଆନ୍ ସୁପର ଲିଗ୍ କପ୍ ବିଜେତା ନିର୍ଣ୍ଣୟ ହେବ। ବର୍ତ୍ତମାନ ୧୩ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଚର୍ଚ୍ଚିଲ୍ ବ୍ରଦର୍ସର ଅଂଶଗ୍ରହଣ ନିୟାମକ ଅନୁମୋଦନ ଉପରେ ନିର୍ଭର କରୁଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ, ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି, ଚେନ୍ନାଇୟିନ୍ ଏଫ୍‌ସି, ଚର୍ଚ୍ଚିଲ୍ ବ୍ରଦର୍ସ ଏଫ୍‌ସି, ଇଷ୍ଟ ବେଙ୍ଗଲ୍ ଏଫ୍‌ସି, ଏଫ୍‌ସି ଗୋଆ, ଇଣ୍ଟର କାଶୀ, କେରଳ ବ୍ଲାଷ୍ଟର୍ସ, ମୋହନ ବାଗାନ ସୁପର ଜାଏଣ୍ଟ, ମୁମ୍ବାଇ ସିଟି ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍, ପଞ୍ଜାବ ଏଫ୍‌ସି ଓ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀ।




## ଏସିଆ କପ୍ ମହିଳା କ୍ରିକେଟ୍; ପାକିସ୍ତାନର ଲଜ୍ଜାଜନକ ପରାଜୟ

# ହ୍ୟାଟ୍ରିକ ବିଜୟ ସହ ଶୀର୍ଷରେ ଭାରତ

ଦୁବାଇ, ୫।୯ (ଏଜେନ୍ସି)

ଚଳିତ ଏସିଆ କପ୍ ମହିଳା କ୍ରିକେଟ୍‌ରେ ଭାରତ ହ୍ୟାଟ୍ରିକ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ୍ ମ୍ୟାଚରେ ଭାରତ ୭ ୱିକେଟରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ଫଳରେ ପୂର୍ବରୁ ଥାଇଲାଣ୍ଡ (୯୪ ରନ) ଓ ହଂକଂ (୧୩୭ ରନ)କୁ ପରାସ୍ତ କରିଥିବା ହରମନପ୍ରୀତ୍ କୌରଙ୍କ ଦଳ ହ୍ୟାଟ୍ରିକ ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍-ଏ’ର ଶୀର୍ଷକୁ ଉଠିଛି। ସେପ୍ଟେମ୍ବର ୧୦ରେ ଭାରତ ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ବି’ର ଦ୍ୱିତୀୟ ସ୍ଥାନରେ ରହିଥିବା ଦଳକୁ ଭେଟିବ। ଅପରପକ୍ଷରେ ପାକିସ୍ତାନ ସୋମବାର ନିଜର ଶେଷ ଗ୍ରୁପ୍ ମ୍ୟାଚରେ ହଂକଂକୁ ହରାଇଲେ ସେମିଫାଇନାଲ ଖେଳିବ।

ଶନିବାର ରାତିରେ ଅନୁଷ୍ଠିତ ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ଦୟନୀୟ ପ୍ରଦର୍ଶନ କରିଥିଲା। ଟି-୨୦ ଇତିହାସରେ ଏଠାରେ ୨୦୦ତମ ମ୍ୟାଚ୍ ଖେଳୁଥିବା ପାକିସ୍ତାନ ମହିଳା ଦଳ ୧୮.୧ ଓଭରରେ ମାତ୍ର ୫୫ ରନ କରି ଅଲଆଉଟ୍ ହୋଇଯାଇଥିଲା। ପାକିସ୍ତାନ ପାଇଁ ମୁନୀବ ଅଲି (୧୩) ଓ ସୱାଲ ଜୁଲଫିକର (୧୪) ଓପନିଂ ୱିକେଟ ଯୋଡ଼ିରେ ୨୭ ରନ ସଂଗ୍ରହ କରିଥିଲେ। ଏହି ଦୁଇ ଖେଳାଳି ଆଉଟ ହେବାପରେ ପାକିସ୍ତାନ ଆଉ ୨୮ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ଟି-୨୦ କ୍ରିକେଟ୍ ଇତିହାସରେ ପାକିସ୍ତାନ ମହିଳା ଦଳର ଏହା ସର୍ବନିମ୍ନ ସ୍କୋର ହୋଇଛି। ଏଥିପୂର୍ବରୁ ୨୦୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନ ୫୬ ରନରେ ସୀମିତ ରହିଥିଲା। ଭାରତ ପକ୍ଷରୁ ଚାରି ସ୍ପିନର ଶ୍ରୀ ଚରଣୀ (୪-୦-୭-୩), ପ୍ରେମା ରାୱତ (୪-୦-୯-୩), ଦୀପ୍ତି ଶର୍ମା (୩.୧-୦-୫-୨) ଓ ଶେଫାଳି ବର୍ମା (୩-୦-୧୦-୧) ମିଳିତ ଭାବେ ୧୦ଟି ଯାକ ୱିକେଟ ବାଣ୍ଟି ନେଇଥିଲେ। ଜବାବରେ ଭାରତ ୮.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟିକା ହରମନପ୍ରୀତ୍ କୌର ୧୮ ଓ ଦୀପ୍ତି ୧୨ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ୧୨, ସ୍ମୃତି ମନ୍ଧାନା ୯ ଓ ପ୍ରତୀକା ରାୱଲ ୪ ରନରେ ଆଉଟ୍ ହୋଇଥିଲେ। ଶେଫାଳି (୨୨ ବର୍ଷ ୨୨୦ ଦିନ) ଏହି ଅବସରରେ ଟି-୨୦ରେ ସର୍ବନିମ୍ନ ବ୍ୟାଟର୍ ଭାବେ ୩୦୦୦ ରନ ପୂରଣ କରିଛନ୍ତି।




**ୟୁଏଇର ପ୍ରଥମ ବିଜୟ**: ଗ୍ରୁପ୍-ବି’ରେ ଗତକାଲି ଏଠାରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ୬ ୱିକେଟରେ ଇଣ୍ଡୋନେସିଆକୁ ପରାସ୍ତ କରିଛି।

ଏହା ଫଳରେ ଚଳିତ ଏସିଆ କପ୍‌ରେ ୟୁଏଇ ପ୍ରଥମ ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଦୁଇ ଦୁର୍ବଳ ଦଳ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଣ୍ଡୋନେସିଆ ୧୯.୪ ଓଭରରେ ୭୧ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ତଥା ୱିକେଟରକ୍ଷକ ନି ସାକାରିନି ସର୍ବାଧିକ ୩୯ ଓ ଦେଶୀ ୱଲାଣ୍ଡରି ୧୦ ରନ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ୟୁଏଇ ପକ୍ଷରୁ ସୁରକ୍ଷା କୋଟ୍ଟେ ୩ଟି, ଅଧିନାୟିକା ଇଶା ଓଜା, ହୋନା ହଟଚନ୍ଦାନି ଓ ବୈଷ୍ଣବୀ ମହେଶ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୟୁଏଇ ୧୩.୧ ଓଭରେରେ ମାତ୍ର ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା।

ଇଶା ଓଜା ସର୍ବାଧିକ ୩୦, ରିନିତା ରାଜିଥ ୨୨ ରନ୍‌ର ଯୋଗଦାନ ଦେଇଥିଲେ। ଇଣ୍ଡୋନେସିଆର ସୋଫିଆ ଭେଲିଚ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ୧୧ରନ୍‌ରେ ୨ଟି ୱିକେଟ ନେବା ସହ ୩୦ ରନ୍ କରିଥିବା ୟୁଏଇ ଅଧିନାୟିକା ଇଶାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ | ପୂର୍ବାଞ୍ଚଳ- ଦକ୍ଷିଣାଞ୍ଚଳ ଟାଇଟଲ୍ ଲଢ଼େଇ

ଚେନ୍ନଇ, ୫।୯ (ଏଜେନ୍ସି): ଚଳିତ ଦୁଲୀପ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଇଶାନ କିଶାନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ସହିତ ତିଲକ ବର୍ମାଙ୍କ ଦକ୍ଷିଣାଞ୍ଚଳ ଏଥର ଟାଇଟଲ୍ ପାଇଁ ଲଢ଼େଇ କରିବେ। ଚେନ୍ନଇର ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ବେଙ୍ଗାଲୁରୁରେ ଖେଳାଯାଇଥିବା ସେମିଫାଇନାଲରେ ପୂର୍ବାଞ୍ଚଳ ୪ ୱିକେଟରେ ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳକୁ ପରାସ୍ତ କରିଥିଲା। ସେହିଭଳି ଦକ୍ଷିଣାଞ୍ଚଳ ୭ ୱିକେଟରେ ଉତ୍ତରାଞ୍ଚଳକୁ ହରାଇ ଫାଇନାଲରେ ପହଞ୍ଚିଛି। ଦୁଇ ଦଳରେ ଏକାଧିକ ଅନ୍ତର୍ଜାତୀୟ ତାରକା ଖେଳାଳି ରହିଥିବାରୁ ଫାଇନାଲ ନିଶ୍ଚିତ ଭାବରେ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ତେବେ ଦକ୍ଷିଣାଞ୍ଚଳର ତାରକା ବ୍ୟାଟର ଲୋକେଶ ରାହୁଲ ଫାଇନାଲ ମ୍ୟାଚରେ ଖେଳିବେ ନାହିଁ ବୋଲି ଅଧିନାୟକ ତିଲକ ସ୍ପଷ୍ଟ କରିଛନ୍ତି। ଯାହା ଟାଇଟଲ୍ ଆଶାୟୀ ଦକ୍ଷିଣାଞ୍ଚଳ ପାଇଁ ବଡ଼ ଝଟକା ସଦୃଶ ହୋଇଛି। ତେବେ ମହମ୍ମଦ ସିରାଜ ଓ ଇନଫର୍ମ ବ୍ୟାଟର୍ ଦେବଦତ୍ତ ପାଡ଼ିକଲ ଫାଇନାଲ ମ୍ୟାଚ୍ ଲାଗି ଦଳରେ ସାମିଲ ହେବା ଦକ୍ଷିଣାଞ୍ଚଳକୁ ଆହୁରି ଶକ୍ତିଶାଳୀ କରିଛି। ନିକଟରେ ଶ୍ରୀଲଙ୍କା ଗସ୍ତରେ ପାଡ଼ିକଲ କ୍ରମାଗତ ଦୁଇଟି ଶତକ ମାରି ଦମ୍‌ଦାର ଫର୍ମରେ ରହିଛନ୍ତି।



ଅପରପକ୍ଷରେ ପୂର୍ବାଞ୍ଚଳ ଦଳରେ ଇଶାନଙ୍କ ସମେତ ଉପ-ଅଧିନାୟକ ବୈଭବ ସୂର୍ଯ୍ୟବଂଶୀ, ଅଭିମନ୍ୟୁ ଈଶ୍ୱରନ, ସୁଦୀପ ଘରାମୀ, ମହମ୍ମଦ ସାମି, ଶାହବାଜ ଅହମ୍ମଦଙ୍କ ଭଳି ଦକ୍ଷ ଖେଳାଳି ରହିଛନ୍ତି। ତେଣୁ ପୂର୍ବାଞ୍ଚଳ ମଧ୍ୟ ଫାଇନାଲରେ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛି। ଦଳରେ ସ୍ଥାନ ପାଇଥିଲେ ମଧ୍ୟ କ୍ୱାର୍ଟର ଓ ସେମିଫାଇନାଲରେ ଖେଳିବାର ସୁଯୋଗ ପାଇ ନ ଥିବା ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ସେନାପତି ଫାଇନାଲରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଆଶାରେ ରହିଛନ୍ତି।

# ଭାରତର ବିଜୟ ଅଭିଯାନ

ମୋକି, ୫।୯ (ଏଜେନ୍ସି): ଚାଇନାରେ ଚାଲିଥିବା ଏସିଆ କପ୍ ଜୁନିଅର ହକିରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପୁଲ୍-ଏ’ରେ ସ୍ଥାନ ପାଇଥିବା ଭାରତୀୟ ପୁରୁଷ ଦଳ ୧୪-୦ ଗୋଲରେ ଅପେକ୍ଷାକୃତ ଦୁର୍ବଳ ଇଣ୍ଡୋନେସିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ପ୍ରଭଦୀପ୍ ସିଂହ ସର୍ବାଧିକ ୫ଟି ଗୋଲ୍ ଦେଇଥିଲେ। ସେହିଭଳି ଅଧିନାୟକ ତଥା ଓଡ଼ିଆ ଖେଳାଳି ଅନମୋଲ ଏକ୍କା ୪ଟି ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜୟ ସହ ଭାରତ ୩ ପଏଣ୍ଟ ହାସଲ କରିଛି। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ରବିବାର ଜାପାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ମହିଳା ବିଭାଗରେ ଭାରତ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇଦେଇଛି। ପୂର୍ଣ୍ଣିମା ଯାଦବ, ସାନିକା ଚନ୍ଦ୍ରକାନ୍ତ ମାନେ, ପୂଜା ସାହୁ ଓ ମଧୁ ସିଦାର ଭାରତ ପକ୍ଷରୁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତୀୟ ମହିଳା ଦଳ ରବିବାର ଦ୍ୱିତୀୟ ମ୍ୟାଚରେ ମାଲେସିଆକୁ ଭେଟିବ। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ମହିଳା ଦଳ କ୍ରମାଗତ ଦୁଇଟି ସଂସ୍କରଣ ହେବ ଟାଇଟଲ୍ ଜିତି ଆସୁଛି। ତେଣୁ ଏଥର ଦଳ ନିକଟରେ ହ୍ୟାଟ୍ରିକ ସୁଯୋଗ ରହିଛି।

# କଳିଙ୍ଗରେ ଫ୍ରିଷ୍ଟାଇଲ ଓପନ୍ ସ୍କେଟିଂ ଉଦ୍‌ଘାଟିତ

ଭୁବନେଶ୍ୱର, ୫।୯ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଇନଲାଇନ ଫ୍ରିଷ୍ଟାଇଲ ଓପନ୍ ନ୍ୟାସନାଲ ସ୍କେଟିଂ ର୍ୟାଙ୍କିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଚାରିଦିବସୀୟ ପ୍ରତିଯୋଗିତାରେ ୧୦ ଅନ୍ତର୍ଜାତୀୟ ଖେଳାଳିଙ୍କ ସମେତ ସାରା ଦେଶରୁ ପ୍ରାୟ ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ଆୟୋଜକ ଓଡ଼ିଶା ସମେତ ତେଲଙ୍ଗାନା, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ବିହାରର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଯାହା ଭାରତରେ ଇନଲାଇନ୍ ଫ୍ରିଷ୍ଟାଇଲ୍ ସ୍କେଟିଂର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି। ସେହିଭଳି ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ଅନାହିତା ମିଶ୍ର, ବିଭାଂଶୁ ପାଣିଗ୍ରାହୀ ଓ ମାଇରା ମୋରେ ଭାଗନେଇ ସେମାନଙ୍କ କ୍ରୀଡ଼ାକୌଶଳ ପ୍ରଦର୍ଶନ କରିଛନ୍ତି। କଟକର ଅନାହିତା ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ଜିତି ପୂର୍ବରୁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିସାରିଛନ୍ତି। ତାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।




ଏହି ଚାମ୍ପିଅନସିପକୁ ଓଡ଼ିଶାର କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଭକ୍ତ ବଲ୍ଲଭ ଦାସ, ଉପସଭାପତି ନବରଞ୍ଜନ ପଟ୍ଟନାୟକ, ଏବଂ ଓଡ଼ିଶା ସ୍କେଟିଂ ଆସୋସିଏସନର ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚାମ୍ପିଅନସିପ୍‌ରୁ ଆଗାମୀ ବିଶ୍ୱ ସ୍କେଟ ଗେମ୍ସ-୨୦୨୬ ଲାଗି ଖେଳାଳି ଚୟନ କରାଯିବ। ତେଣୁ ଚାମ୍ପିଅନସିପ୍‌ର ଗୁରୁତ୍ୱ ବଢ଼ିଯାଇଛି।

## ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନ | ବାଳିକା ଫାଇନାଲରେ ନିମିଶା-ସ୍ୱାତୀ

ଭୁବନେଶ୍ୱର, ୫।୯ (ସମିସ): ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ସବ୍‌ଜୁନିଅର ଇଷ୍ଟଜୋନ୍ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଜୁନିଅର ବା ବାଳିକା ବିଭାଗ ସିଙ୍ଗଲ୍ସରେ ଦୁଇ ଓଡ଼ିଆ ଖେଳାଳି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲରେ ନିମିଶା ଓଝାଙ୍କ ସହ ସ୍ୱାତୀ ନାୟକଙ୍କର ମୁକାବିଲା ହେବ। ଆଜି ଖେଳାଯାଇଥିବା ସେମିଫାଇନାଲରେ ଉତ୍ତରପ୍ରଦେଶର ରୁଦ୍ରାକ୍ଷୀ ରାଣାଙ୍କୁ ୨-୦ରେ ହରାଇ ନିମିଶା ଓ ବିହାରର ଶ୍ରୀଜାଙ୍କୁ ୨-୦ ସେଟ୍‌ରେ ହରାଇ ସ୍ୱାତୀ ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ବ୍ୟତୀତ ପୁରୁଷ ବିଭାଗ ସିଙ୍ଗଲ୍ସରେ ଦିବ୍ୟମ କେଜରିୱାଲ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ଉତ୍ତରାଖଣ୍ଡର ଅଂଶ ନେଗୀଙ୍କ ସହ ଦିବ୍ୟମଙ୍କର ମୁକାବିଲା ହେବ। ସେହିପରି ମହିଳା ସିଙ୍ଗଲ୍ସରେ ଝାଡଖଣ୍ଡର ମନୀଷା ତିର୍କୀଙ୍କ ସହ ପଶ୍ଚିମବଙ୍ଗର ଇସିତା ବିଶ୍ୱାସଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ସେମିରେ ଓଡ଼ିଶାର ତୁମି ବାଗ୍‌ଚି ଇସିତାଙ୍କଠାରୁ ହାରିଯାଇଥିଲେ।




ଡବଲ୍‌ସ ଓ ମିକ୍ସଡ ଡବଲ୍ସରେ ମଧ୍ୟ ଓଡ଼ିଶାର ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସର ସିନିଅର ବିଭାଗରେ ହର୍ଷିତା ରାଉତ ଓ ଜଗଦୀଶ କଲଗା, ଜୁନିଅର ବିଭାଗରେ ଅମ୍ବିକା ମିଶ୍ର ଓ ସୌମ୍ୟଜିତ ସାହୁଙ୍କ ଯୋଡି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସିନିଅର ବିଭାଗରେ ଝାଡଖଣ୍ଡର ପ୍ରିୟାଂଶୁ ତିର୍କି ଓ ଅନନ୍ୟା ସିଂ, ଜୁନିଅର ବିଭାଗରେ ଉତ୍ତରପ୍ରଦେଶର ରିଧିମା ସିଂ ଓ ଅଭିଷେକ ଖୁସ୍‌ୱାଙ୍କ ଯୋଡି ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

## ● ହିମାଚଳ ବିପକ୍ଷ ସିଏଚେମ୍ ଟ୍ରଫି କ୍ରିକେଟ

# ସୌମ୍ୟରଞ୍ଜନଙ୍କୁ ୪ ୱିକେଟ

ଭୁବନେଶ୍ୱର, ୫।୯ (ସମିସ): ପୁଡୁଚେରୀରେ ଚାଲିଥିବା ସିଏଚେମ୍ ଟ୍ରଫି ସିନିଅର କ୍ରିକେଟରେ ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ୩ ଦିନିଆ ମୁକାବିଲା ଆରମ୍ଭ ହୋଇଛି। ଏହି ମୁକାବିଲାର ପ୍ରଥମ ଦିନରେ ହିମାଚଳ ପ୍ରଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ଶନିବାର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ହିମାଚଳ ପ୍ରଦେଶ ପ୍ରଥମ ଇନିଂସରେ ୮୨ ଓଭର ଖେଳି ୨୩୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ରାଘବ ବାଲି ସର୍ବାଧିକ ୬୨ ପୃଥ୍ୱୀ ରାଜ ୫୩ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ସର୍ବାଧିକ ୪ଟି ଓ ବାଦଲ ବିଶ୍ୱାଳ ୨ଟି ୱିକେଟ ପାଇଥିଲେ।




## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ-୨୦୨୬

# ପ୍ରି-କ୍ୱାର୍ଟରରେ ଆଲ୍‌କାରାଜ, ମେଦ୍‌ଭେଦେଭ୍

ନ୍ୟୁୟର୍କ, ୫।୯ (ଏଜେନ୍ସି)

ପୁରୁଷ ବିଭାଗର ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲକାରାଜ ଓ ମହିଳା ବିଭାଗର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ୨୦୨୬ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ନଂ-୭ ରୁଷିଆର ଡାନିଲ ମେଦଭେଦେଭ୍, ନଂ-୮ ସିଡ୍ ବେନ୍ ଶେଲଟନ, ନଂ-୧୧ ସିଡ୍ ଫ୍ରାନସେସ୍କୋ ଟିଆଫୋଏ, ନଂ-୨୦ ଟମି ପଲ୍ ଓ ଅଣସିଡେଡ ଖେଳାଳି ଗ୍ରୀସ୍‌ର ଷ୍ଟିଫାନସ ସିତସିପାସ। ମହିଳା ବିଭାଗରେ ନଂ-୩ ସିଡ୍ ତଥା ଅରବପତିଙ୍କ ଝିଅ ଜେସିକା ପେଗୁଲା, ନଂ-୬ ସିଡ୍ ଲିଣ୍ଡା ନୋଭୋସ୍କା, ଏଲିନା ନାଭାରୋ ପ୍ରମୁଖ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଆଜି ତୃତୀୟ ରାଉଣ୍ଡର ଅବଶିଷ୍ଟ ମୁକାବିଲା ପରେ ପ୍ରି-କ୍ୱାର୍ଟରରେ କିଏ କାହା ସହ ଖେଳିବେ ତାହା ଆପାତତଃ ସ୍ଥିର ହେବ।




**୨ ବର୍ଷ ପରେ କ୍ୱାର୍ଟରରେ ସିତ୍‌ସିପାସ୍**

ପୁରୁଷ ବିଭାଗ ସିଙ୍ଗଲ୍ସରେ ଗ୍ରୀସ୍‌ର ଷ୍ଟିଫାନସ ସିତସିପାସ ଦୀର୍ଘ ୨ ବର୍ଷ ପରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତକାଲି ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲାରେ ସେ ୧୮ତମ ସିଡ୍ ଜିରି ଲେହେକାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ସେହିପରି ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲକାରାଜ ୩-୦ ସେଟ୍‌ରେ ଚୀନ୍‌ର ଉ ୟିବିଙ୍ଗ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ସହ ୧୫ତମ ସିଡ୍ ଆଲେକ୍‌ଜାଣ୍ଡର ବୁବ୍‌ଲିକଙ୍କୁ ହରାଇ ଟମି ପଲ, ଆର୍ଥର ରିଣ୍ଡେରନେକ୍‌ଙ୍କୁ ହରାଇ ୭ମ ସିଡ୍ ଡାନିଲ ମେଦଭେଦେଭ, କାନାଡାର ଡେନିସ ଶାପୋଭାଲୋଭ୍‌ଙ୍କୁ ହରାଇ ୮ମ ସିଡ୍ ବେନ ଶେଲଟନ, ଭାଲେଣ୍ଟିନ ଭାଚରେଟ୍‌ଙ୍କୁ ହରାଇ ୧୧ତମ ସିଡ୍ ଫ୍ରାନସେସ୍ ଟିଆଫୋଏ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି। ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାଟରରେ ଅଲକାରାଜଙ୍କ ସହ ଟମ ପଲ୍, ମେଦଭେଦେଭଙ୍କ ସହ ଟିଆଫୋଏ, ଶେଲଟନଙ୍କ ସହ ସିତସିପାସ, ନଂ-୨୭ ସିଡ୍ ଟୋମାସ ମାର୍ଟିନ ଏଚେଭେରୀଙ୍କ ସହ ଆଲେକ୍ସ ମିଚେଲସେନଙ୍କର ମୁକାବିଲା ହେବ।

## ■ ୬ଟି ମ୍ୟାଚ୍ ପଏଣ୍ଟ ବଞ୍ଚାଇ


# ଦ୍ୱିତୀୟ ରାଉଣ୍ଡରେ ବାଲାଜୀ-କିଙ୍ଗ୍

ନ୍ୟୁୟର୍କ, ୫।୯ (ଏଜେନ୍ସି): ଭାରତର ଶ୍ରୀରାମ ବାଲାଜୀ ଓ ଆମେରିକାର ଇଭାନ କିଙ୍ଗ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ବିଭାଗ ଡବଲ୍ସର ପ୍ରଥମ ରାଉଣ୍ଡରେ ୬ଟି ମ୍ୟାଚ୍ ପଏଣ୍ଟ ସେଭ୍ କରି ବିଜୟୀ ହେବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଏହି ନାଟକୀୟ ମୁକାବିଲାରେ ବାଲାଜୀ-କିଙ୍ଗ୍‌ଙ୍କ ଯୋଡି ୩-୬, ୭-୬, ୭-୬ ସେଟ୍‌ରେ ସାଣ୍ଡର ଆରେଣ୍ଡସ ଓ ଡେଭିଡ୍ ପେଲ୍‌ଙ୍କ ଯୋଡିକୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ର ଶେଷ ଦୁଇଟି ସେଟ୍‌କୁ ବାଲାଜୀ ଓ କିଙ୍ଗ୍‌ଙ୍କ ଯୋଡି ଟାଇବ୍ରେକରରେ ଜିତିଥିଲେ। ଶେଷ ସେଟ୍‌ରେ ୫-୬ରେ ପଛୁଆ ରହିଥିବା ବାଲାଜୀ-କିଙ୍ଗ୍ ୬ଟି ମ୍ୟାଚ୍ ପଏଣ୍ଟ ସେଭ୍ କରି ଖେଳକୁ ଟାଇବ୍ରେକରକୁ ନେଇଥିଲେ। ଶେଷ ଟାଇବ୍ରେକରକୁ ୧୨-୧୦ରେ ଜିତିବା ସହ ବାଲାଜୀ-କିଙ୍ଗ୍ ଏହି ମୁକାବିଲାକୁ ୨-୧ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ବାଲାଜୀ-କିଙ୍ଗ୍‌ଙ୍କ ଯୋଡି ହୁଗୋ ନିସ୍ ଓ ଏଡୌଆର୍ଡ ରୋଜର-ଭାସେଲିନ୍‌ଙ୍କ ଯୋଡି ସହ ମୁକାବିଲା କରିବେ। ମହିଳା ଡବଲ୍ସରେ ଭେନସ ଓ ସେରେନାଙ୍କ ଯୋଡି ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି।




# ଆନିସିମୋଭା, ଭିଟୋଲିନାଙ୍କ ବିଦାୟ

ନ୍ୟୁୟର୍କ, ୫।୯ (ଏଜେନ୍ସି): ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ମହିଳା ବିଭାଗରେ ଶନିବାର ରାତିରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ତମ ସିଡ୍ ରୁଷିଆର ଆନାସ୍ତାସିଆ ପୋଟାପୋଭା ୬-୨, ୭-୫ ସିଧାସଳଖ ସେଟରେ ଗତ ସଂସ୍କରଣର ଫାଇନାଲିଷ୍ଟ ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଥିଲେ। ୧୦ମ ସିଡ୍ ଆମେରିକୀୟ ତାରକା ଆନିସିମୋଭା ପ୍ରାରମ୍ଭରୁ ଲଢ଼େଇ କରି ନ ପାରି ଶେଷରେ ଆତ୍ମସମର୍ପଣ କରିଥିଲେ। ଏଥିପୂର୍ବରୁ ତୃତୀୟ ରାଉଣ୍ଡରୁ ୭ମ ସିଡ୍ କାରୋଲିନା ମୁଚୋଭା, ୯ମ ସିଡ୍ ଏଲିନା ଭିଟୋଲିନା, ୧୫ ନମ୍ବର ସିଡ୍ ଡାଏନା ସ୍ନାଇଡର ବିଦାୟ ନେଇଛନ୍ତି। ସ୍ନାଇଡକୁ ୨-୧ ସେଟ୍‌ରେ ହରାଇ ଟେଲର ଟାଉନସେଣ୍ଡ, ଭିଟୋଲିନାଙ୍କୁ ୨-୧ ସେଟ୍‌ରେ ହରାଇ ୨୧ତମ ସିଡ୍ ରୁଷର ଆନ୍ନା କଲିନସ୍କୟା, ମୁଚୋଭାଙ୍କୁ ୨-୦ ସେଟ୍‌ରେ ହରାଇ ୨୬ତମ ସିଡ୍ ଏମ୍ମା ନାଭାରୋ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଟାଇଟଲର ଆଶାୟୀ ତଥା ନଂ-୩ ସିଡ୍ ପେଗୁଲା ୨-୧ ସେଟ୍‌ରେ ଲିଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୱିମ୍ବଲଡନ ଚାମ୍ପିଅନ ତଥା ନଂ-୬ଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ୨-୧ ସେଟ୍‌ରେ ଆନ୍ ଲୀ’ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ବା ପ୍ରିକ୍ୱାର୍ଟର ଫାଇନାଲରେ ପେଗୁଲାଙ୍କ ସହ ସୋରୋନା କିର୍ଷ୍ଟିଆ, ସାବାଲେଙ୍କା’ଙ୍କ ସହ ଟାଉନସେଣ୍ଡଙ୍କ ମୁକାବିଲା ଚୂଡ଼ାନ୍ତ ହୋଇଛି। ସେହିପରି କ୍ୱାର୍ଟରଫାଇନାଲ ସ୍ଥାନ ଲାଗି କଲିନସ୍କାୟାଙ୍କ ସହ ନାଭାରୋ, ମାର୍ତା କୋସ୍ଟ୍ୟୁକଙ୍କ ସହ ଲିଣ୍ଡା ନୋସ୍କୋଭାଙ୍କୁ ମୁକାବିଲା ହେବ।





PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS